

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୨୧ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 21 MAY 2025

Vol.No. 36 ■ No.134 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ବିଷୁବ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


## ପାନୀୟ ଜଳ ସମସ୍ୟା ନେଇ ମନ୍ତ୍ରୀଙ୍କ ସମୀକ୍ଷା

ଭୁବନେଶ୍ୱର, ୨୦/୫ (ନି.ପ୍ର): ଖରା ଯୋଗୁଁ ପାନୀୟ ଜଳ ସମସ୍ୟା ନେଇ ପଂଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବର୍ଷ ପୂର୍ତ୍ତି ପୂର୍ବରୁ କିଛି ମେଗା ପ୍ରକଳ୍ପ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ ଦେଇଛନ୍ତି। ନୂଆପଡାରେ ୧୦୦ ପ୍ରତିଶତ କାମ ସରିଛି । ଏବେ ସୁଦ୍ଧା ୨୨ଟି ପ୍ରକଳ୍ପ ସରିଲାଣି। ୨୪ ହଜାର ୭୦୦ ଟ୍ୟୁବୱେଲରୁ ୧୭୦୦ ଖୋଳା ସରିଲାଣି। ଆମ ରାଜ୍ୟରେ ଖୋଳିବାକୁ ପର୍ଯ୍ୟାପ୍ତ ମେସିନ ନଥିବାରୁ ଆନ୍ଧ୍ରରୁ ଅଧିକ ମେସିନ ଆଣିବାକୁ ଯୋଗାଯୋଗ କରାଯାଉଛି। ୪ ତାରିଖ ସୁଦ୍ଧା ମେଗା ପାନୀୟ ଜଳ ପ୍ରକଳ୍ପ ସ୍ଥିତି ନେଇ ରିପୋର୍ଟ ଦେବାକୁ ସବୁ ଡିଭିଜନକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଥିରେ ଯାହା ଅସୁବିଧା ଅଛି ରିପୋର୍ଟ ଦେବାକୁ କୁହାଯାଇଛି। ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ନୂଆ ମନିଟରିଂ ସିଷ୍ଟମ ରାଜ୍ୟ ସରକାର ହାତକୁ ନେଇଛନ୍ତି। କାହାର କେତେ ପାଣି ଆବଶ୍ୟକ କିଏ ଅଧିକ ନେଉଛି ସେ ନେଇ ରାଜ୍ୟ ସ୍ତରରେ ମନିଟରିଙ୍ଗ ହେବ। ମେଗା ପାନୀୟ ଜଳ ପ୍ରକଳ୍ପରେ ବିଭିନ୍ନ ବିଭାଗ ଭିତରେ ସମନ୍ୱୟ ସମ୍ପର୍କିତ ଅସୁବିଧା ଦେଖାଦେଉଥିଲା। ତାକୁ ଷ୍ଟ୍ରିମ ଲାଇନ କରାଯାଇଥିବା ବୈଠକରେ ମତ ପ୍ରକାଶ ପାଇଛି।

# ପାକିସ୍ତାନ ଗୁପ୍ତଚର ଜ୍ୟୋତିଙ୍କ କୋଲକାତା ଲିଙ୍କ୍

## କୋଲକାତା ବ୍ଲଗର ସୌମିତ୍ ଭଟ୍ଟାଚାର୍ଯ୍ୟଙ୍କ ସହ ବୁଲି କରିଥିଲେ



ନୂଆଦିଲ୍ଲୀ, ୨୦/୫ : ୟୁଟ୍ୟୁବର ଜ୍ୟୋତି ମଲହୋତ୍ରା ପାକିସ୍ତାନ ଲିଙ୍କ୍‌ର ଖୋଳତାଡ଼ବେଳେ ସାମ୍ନାକୁ ଆସିଛି କୋଲକାତା ଲିଙ୍କ୍ । ଗୋଟିଏ ଭିଡିଓରେ ଜ୍ୟୋତି ଓଡ଼ିଶାର ପ୍ରିୟଙ୍କା ସେନାପତି ଏବଂ କୋଲକାତାର ବ୍ଲଗର ସୌମିତ୍ ଭଟ୍ଟାଚାର୍ଯ୍ୟଙ୍କୁ ଦେଖିବାକୁ ମିଳିଛି । ତିନି ଜଣ ଯାକ ମିଶି କାଶ୍ମୀରରେ ବୁଲୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ନିଆଁ ଭଳି ଭାଇରାଲ ହେଉଛି । କୁହାଯାଉଛି, ପ୍ରିୟଙ୍କାଙ୍କ ପରେ ସୌମିତ୍‌କୁ ବି ଜେରା କରିପାରେ ହରିୟାଣା ହିସାର ପୋଲିସ । ଯେଉଁଭଳି ଭାବେ ପୁରୀ ବ୍ଲଗର ପ୍ରିୟଙ୍କାଙ୍କ ସହ ଜ୍ୟୋତିଙ୍କ ଭିଡିଓ ଭାଇରାଲ ହେଲା, ସେହିଭଳି ଭାବେ ସୌମିତଙ୍କ ସହ ଜ୍ୟୋତିଙ୍କ କୋଲକାତା ବୁଲୁଥିବାର ଭିଡିଓ ଭାଇରାଲ ହେଉଛି । ଜ୍ୟୋତି ଆଉ ସୌମିତ୍ ବାରକପୁରରୁ ଧୋବି ଘାଟ ଥିବେ ଅନେକ ପର୍ଯ୍ୟଟନ ସ୍ଥଳୀ ସମେତ ବହୁ ସମ୍ବେଦନଶୀଳ ସ୍ଥାନ ବୁଲିଥିଲେ । କୋଲକାତାର ଆର୍ମି କ୍ୟାମ୍ପ, ଏୟାରବେସ, ହାୱଡ଼ା ରେଲୱେ ଷ୍ଟେସନ, ପାର୍କ ସର୍କସ୍ ଅତି ସମ୍ବେଦନଶୀଳ ସ୍ଥାନ ହୋଇଥିବାରୁ ଏହାର ତଥ୍ୟ ଲିକ୍ ହୋଇଛି କି ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେପଟେ ପାକ୍ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ଗିରଫ ୟୁଟ୍ୟୁବର ଜ୍ୟୋତି ମଲହୋତ୍ରା ମାମଲାରେ ପ୍ରିୟଙ୍କା ସେନାପତିଙ୍କୁ ଘନ ଘନ ଜେରା । ଅଜ୍ଞାତ ସ୍ଥାନରେ ପ୍ରିୟଙ୍କାଙ୍କୁ ପଚରାଉଚରା କରୁଛି ପୁରୀ ପୁଲିସ। ଗତକାଲି ହରିୟାଣା ହିସାର ପୋଲିସ ଭିସି ଜରିଆରେ ପ୍ରିୟଙ୍କାଙ୍କୁ ପଚରାଉଚରା କରିଛି । ଏସପିଙ୍କ କାର୍ଯ୍ୟାଳୟରେ ହରିୟାଣା ହିସାର ପୋଲିସ ଭିଡିଓ କନ୍‌ଫରେନ୍ସରେ ପଚରାଉଚରା କରିଥିବା ଜଣାପଡ଼ିଛି। ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ଗିରଫ ଜ୍ୟୋତି ମଲହୋତ୍ରାଙ୍କ ସହ କେମିତି ବନ୍ଧୁତା ହେଲା, ସେନେଇ ଗୁଡାଇତୁଡାଇ ପ୍ରଶ୍ନ କରାଯାଇଥିଲା। ସେ କେବେ ଓ କାହିଁକି ପାକିସ୍ତାନ ଯାଇଥିଲେ ସେନେଇ ପ୍ରଶ୍ନ କରିଛି ହିସାର ପୋଲିସ । ପ୍ରିୟଙ୍କା କର୍ତାରପୁର କରିଡର ଦେଇ ପାକିସ୍ତାନ ଯାଇଥିବାର ଫଟୋ ସୋସିଆଲ ମିଡ଼ିଆରେ ନିଜେ ପୋଷ୍ଟ କରିଥିଲେ। କର୍ତାରପୁର କରିଡର ସାମ୍ନାରେ ଛିଡା ହୋଇ ସେଲଫି ଉଠାଇଥିଲେ ଜ୍ୟୋତି ମଲହୋତ୍ରା ଓ ପ୍ରିୟଙ୍କା ସେନାପତି । ହାତରେ ପାକିସ୍ତାନ ଟଙ୍କା ଓ ପାସପୋର୍ଟ ଧରି ଫଟୋ ଉଠାଇ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଥିଲେ ।

## ଆଜି ପ୍ରକାଶ ପାଇବ +୨ ରେଜଲ୍ଟ : ଏକସଙ୍ଗେ କଳା, ବିଜ୍ଞାନ ଓ ବାଣିଜ୍ୟ ଫଳାଫଳ

ଭୁବନେଶ୍ୱର, ୨୦/୫ (ନି.ପ୍ର): ମଇ ୨୧ରେ ପ୍ରକାଶ ପାଇବ ଯୁକ୍ତ ୨ ରେଜଲ୍ଟ । ଅପରାହ୍ନ ୪ଟାରେ ପରୀକ୍ଷା ଫଳ ପ୍ରକାଶ ପାଇବା ନେଇ ସିଏଚଏସଇ ପକ୍ଷରୁ ସୂଚନା ଦିଆଯାଇଛି । ଏକସଙ୍ଗେ କଳା, ବାଣିଜ୍ୟ, ବିଜ୍ଞାନ ରେଜଲ୍ଟ ପ୍ରକାଶ ପାଇବ । ଛାତ୍ରଛାତ୍ରୀମାନେ ରେଜଲ୍ଟ ଘୋଷଣାର ଏକ ଘଣ୍ଟା ପରେ ୱେବସାଇଟ୍ results. odisha.gov.in ଏବଂ results. digilocker. gov.inରେ ପରୀକ୍ଷା ଫଳ ଦେଖିପାରିବେ । ସୂଚନାଯୋଗ୍ୟ, ଫେବ୍ରୁଆରୀ ୧୮ ତାରିଖରେ ହୋଇଥିଲା ଯୁକ୍ତ ୨ ପରୀକ୍ଷା । ୨୭ ତାରିଖରେ ଶେଷ ହୋଇଥିଲା। ସମୁଦାୟ ୩ ଲକ୍ଷ ୯୬ ହଜାରରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଏପ୍ରିଲ ୨ ତାରିଖରେ ଯୁକ୍ତ ଦୁଇ ଖାତା ଦେଖା ଆରମ୍ଭ ହୋଇଥିଲା । ରେଜଲ୍ଟ ପ୍ରକାଶ ପାଇବାରେ ବିଳମ୍ବ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ଅନ୍ୟପଟେ ଯୁକ୍ତ ୩ ନାମଲେଖା ଅବଧି ଆଜି ଶେଷ ହେବାକୁ ଥିବାବେଳେ ଏହାକୁ ଜୁନ ୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଗଣଶିକ୍ଷା ମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି । ସୂଚନାଯୋଗ୍ୟ, ଆଜି ସକାଳେ ୨ ଦିନ ଭିତରେ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଥିଲେ । ପରବର୍ତ୍ତୀ ସମୟରେ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଇଛି। ଆସନ୍ତାକାଲି ଅପରାହ୍ନରେ କଳା, ବାଣିଜ୍ୟ, ବିଜ୍ଞାନ ରେଜଲ୍ଟ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି ।

## ତାତିରୁ ମିଳିବ ଆଶ୍ୱସ୍ତି: ଏଥର ଆଗୁଆ ଓଡ଼ିଶା ଛୁଇଁପାରେ ମୌସୁମୀ

ନୂଆଦିଲ୍ଲୀ/ ଭୁବନେଶ୍ୱର, ୨୦/୫ : କେରଳ ମୁହାଁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ। ଆଉ ୪ରୁ ୫ ଦିନ ଭିତରେ ମୌସୁମୀ ବାୟୁ କେରଳ ଛୁଇଁବାର ସମ୍ଭାବନା ରହିଛି । ବର୍ତ୍ତମାନ ମୌସୁମୀ କେରଳ ଛୁଇଁବା ପାଇଁ ପାଗ ଅନୁକୂଳ ଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । କେରଳ ପାଣିପାଗ ବିଭାଗ ପକ୍ଷରୁ ରାଜ୍ୟର ୬ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ତ୍ରିସୁର, ମାଲାପୁରମ, କୋଜିକୋଡ୍, ୱାଇନାଡ୍, କନୁର ଓ କାସାରାଗୋଡ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ସାଧାରଣତଃ ମୌସୁମୀ ବାୟୁ ଜୁନ ୧ରେ କେରଳ ଛୁଇଁଥାଏ । ଏଥର ଆଗୁଆ କେରଳ ଛୁଇଁବା ନେଇ ପାଗ ଅନୁକୂଳ ରହିଛି।

▶▶ପୃଷ୍ଠା ୭

## ଏଣିକି କ୍ୟାବିନେଟ୍ ବୈଠକରେ ରହିବେନି ସଚିବ: ନିଜ ବିଭାଗର ପ୍ରସ୍ତାବ ନିଜେ ଉପସ୍ଥାପନ କରିବେ ମନ୍ତ୍ରୀ




ଭୁବନେଶ୍ୱର, ୨୦/୫ (ନି.ପ୍ର): କମିଲା ସଚିବଙ୍କ କ୍ଷମତା । ଏଣିକି କ୍ୟାବିନେଟ୍ ବୈଠକରେ ରହିବେନି ସଚିବ । ନିଜ ବିଭାଗର ପ୍ରସ୍ତାବ ନିଜେ ଉପସ୍ଥାପନ କରିବେ ମନ୍ତ୍ରୀ । କ୍ୟାବିନେଟର ଢାଞ୍ଚା ପରିବର୍ତ୍ତନ ସହ ରାଜ୍ୟ ସରକାର ନେଇଛନ୍ତି କିଛି ଏଭଳି ନିଷ୍ପତ୍ତି । ୩ ଦିନ ପୂର୍ବରୁ କ୍ୟାବିନେଟ୍ ଏଜେଣ୍ଡା ଫାଇନାଲ୍ ସହ ୨ ଦିନ ପୂର୍ବରୁ ମନ୍ତ୍ରୀଙ୍କ ପାଖରେ ପହଞ୍ଚିବ ଫାଇଲ୍ । ପୂର୍ବ ବିଜେଡି ସରକାର ଅମଳରେ କିନ୍ତୁ ମନ୍ତ୍ରୀ ଜାଣି ପାରୁନଥିଲେ କ୍ୟାବିନେଟ୍ ଏଜେଣ୍ଡା ଆଉ ପ୍ରସ୍ତାବ । ଆଗରୁ ସବୁ କରୁଥିଲେ ସଚିବ । କିନ୍ତୁ ଏବେ ପରିବର୍ତ୍ତନ ହେଲା ରାଜ୍ୟ କ୍ୟାବିନେଟର ଢାଞ୍ଚା । କ୍ୟାବିନେଟ୍ ବୈଠକରେ ସଚିବଙ୍କ କ୍ଷମତା ସଂକୁଚିତ ହୋଇ ମନ୍ତ୍ରୀଙ୍କ ପାୱାର୍ ବଢ଼ିଛି । ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ଜାରି ହେଲା ନିର୍ଦ୍ଦେଶନାମା । ସବୁ ବିଭାଗକୁ ଚିଠି ଲେଖିଲେ ସଂସଦୀୟ ବ୍ୟାପାର ସଚିବ। ୫ ଦିନ ପୂର୍ବରୁ ସ୍ଥିର ହେବ କ୍ୟାବିନେଟ୍ ବସିବାର ତାରିଖ । ୩ ଦିନ ପୂର୍ବରୁ ଚୂଡ଼ାନ୍ତ ହେବ କ୍ୟାବିନେଟର ସମସ୍ତ ପ୍ରସ୍ତାବ । ୨ ଦିନ ପୂର୍ବରୁ ମନ୍ତ୍ରୀଙ୍କ ପାଖକୁ ଯିବ କ୍ୟାବିନେଟ୍ ପ୍ରସ୍ତାବ ଫାଇଲ୍ ।

▶▶ପୃଷ୍ଠା ୭

## ପୁଣି ଫେରିଲା କରୋନା: ଦେଶରେ ୨୫୭ ଆକ୍ରାନ୍ତ ଚିହ୍ନଟ, ମୁମ୍ବାଇରେ ୨ ଜଣଙ୍କର ମୃତ୍ୟୁ



ନୂଆଦିଲ୍ଲୀ, ୨୦/୫ : ସାରା ବିଶ୍ୱକୁ ପୁଣି ଭୟଭୀତ କରିଛି କରୋନା ଭୂତାଣୁ । କିଛି ବର୍ଷର ବିରତି ପରେ ପୁଣି ସାରା ବିଶ୍ୱକୁ କବଳିତ କରିବାକୁ ଯାଉଛି ଏହି ଘାତକ ଭୂତାଣୁ । ସିଙ୍ଗାପୁର, ମାଲେସିଆ ଓ କିଛି ଦକ୍ଷିଣ ଦେଶରେ ଏବେ ତାଣ୍ଡବ ରଚୁଛି ଏହି ମୃତ୍ୟୁର ଭୂତାଣୁ। ଏହାସହ ଆଜି ଆମ ଦେଶର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଯେଉଁ ସୂଚନା ଦେଇଛି ତାହା ଦେଶବାସୀଙ୍କୁ ପୁଣି ଥରେ ୨୦୨୦ ମସିହାରେ ଆରମ୍ଭ ହୋଇଥିବା କରୋନାର ତାଣ୍ଡବ ଲୀଳାକୁ ମନେ ପକାଇ ଦେଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ରିପୋର୍ଟ ମୁତାବକ ଆଜି ଦେଶରେ ୨୫୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ମୁମ୍ବାଇରେ କରୋନା ସଂକ୍ରମଣରେ ୨ ଜଣଙ୍କର ମୃତ୍ୟୁ ହୋଇଛି । ରିପୋର୍ଟ ମୁତାବକ ମୃତକ ୨ ଜଣ ପୂର୍ବରୁ ଗମ୍ଭୀର ରୋଗରେ ପୀଡିତ ଥିଲେ । ଏହାସହ ତାଙ୍କୁ କରୋନା ଭୂତାଣୁ ସଂକ୍ରମଣ କରିବାରୁ ସେମାନଙ୍କର ମୃତ୍ୟୁ ହୋଇଛି । ଭାରତରେ ଚିହ୍ନଟ ହୋଇଥିବା କରୋନା ସଂକ୍ରମିତଙ୍କ ଠାରେ ସାମାନ୍ୟ ଲକ୍ଷଣ ପରିଲକ୍ଷିତ ହୋଇଛି । ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା କଥା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି । ମୁମ୍ବାଇରେ ଦୁଇ କରୋନା ଆକ୍ରାନ୍ତଙ୍କ ପରେ ପ୍ରତିକ୍ରିୟା ରଖିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ । କହିଛନ୍ତି, ଏହା କୋଭିଡ୍‌ର ନୂଆ ଭାରିଆଣ୍ଟ ନୁହେଁ। ଏହା ଓମିକ୍ରନର ସବଭାରିଆଣ୍ଟ। କେନ୍ଦ୍ର ସରକାର ଏପର୍ଯ୍ୟନ୍ତ କୌଣସି ମାର୍ଗଦର୍ଶିକା ଜାରି କରିନାହାନ୍ତି କି ଆମ ସହ ଆଲୋଚନା କରିନାହାନ୍ତି। ଏଠି କେହି ଚିହ୍ନଟ ହେଲେ, ଜେନମ ସିକୁଏନସିଂ କରାଯିବ । ତାମିଲନାଡୁ, କେରଳ, ଦିଲ୍ଲୀରେ ଯେଉଁ କେସ୍ ଆସିଛି ତାହା ସେହି ସବଭାରିଆଣ୍ଟ । ମୁମ୍ବାଇରେ ଯାହାର ମୃତ୍ୟୁ ହୋଇଛି, ତାଙ୍କ କିଡ଼ନି ରୋଗ ଥିଲା ।

## ୟୁସୁଫଙ୍କ ସ୍ଥାନରେ ଅଭିଷେକ ବାନାର୍ଜୀ: ସର୍ବଦଳୀୟ ପ୍ରତିନିଧି ଟିମରେ ସାମିଲ



ନୂଆଦିଲ୍ଲୀ, ୨୦/୫ : ସର୍ବଦଳୀୟ ପ୍ରତିନିଧି ଟିମରେ ୟୁସୁଫଙ୍କ ସ୍ଥାନରେ ସାମିଲ ହେଲେ ଅଭିଷେକ ବାନାର୍ଜୀ । ଟିଏମସି ପକ୍ଷରୁ ୟୁସୁଫ ପଠାନଙ୍କ ପରିବର୍ତ୍ତେ ଅଭିଷେକ ବାନାର୍ଜୀ ଯିବେ ବୋଲି ଜଣାପଡ଼ିଛି । ଆତଙ୍କବାଦ ବିରୋଧରେ ଜିରୋ ଟଲେରାନ୍ସ ନୀତିର ବାର୍ତ୍ତା ନେଇ ପଡୋଶୀ ରାଷ୍ଟ୍ର ଗସ୍ତ କରିବେ ଏହି ଟିମ୍ । ସର୍ବଦଳୀୟ ପ୍ରତିନିଧି ଟିମରେ ୟୁସୁଫ ପଠାନଙ୍କ ସ୍ଥାନ ନେବେ ଅଭିଷେକ ବାନାର୍ଜୀ । ୟୁସୁଫ୍ ପଠାନଙ୍କ ସ୍ଥାନରେ ଅଭିଷେକ ବାନାର୍ଜୀ ସାମିଲ ହେବା ନେଇ ଟିଏମସି ପକ୍ଷରୁ ସ୍ପଷ୍ଟ କରାଯାଇଛି । ସର୍ବଦଳୀୟ ପ୍ରତିନିଧି ଟିମ୍ ସହ ବିଦେଶ ଯିବେ ଅଭିଷେକ । କେନ୍ଦ୍ର ସହ ଆଲୋଚନା ପରେ ଅଭିଷେକଙ୍କ ନାଁ ଘୋଷଣା ହୋଇଛି।

▶▶ପୃଷ୍ଠା ୭

## ମହାରାଷ୍ଟ୍ର କ୍ୟାବିନେଟ ସଂପ୍ରସାରଣ: ଏନସିପି ନେତା ଛଗନ ଭୂଜବଳଙ୍କୁ ମନ୍ତ୍ରୀ ପଦ



ନୂଆଦିଲ୍ଲୀ, ୨୦/୫ : ମହାରାଷ୍ଟ୍ର କ୍ୟାବିନେଟ ସଂପ୍ରସାରଣ ହୋଇ ମନ୍ତ୍ରୀଭାବେ ଶପଥ ନେଇଛନ୍ତି ଛଗନ ଭୂଜବଳ। ଏନସିପି ଅଜିତ ପାୱାର ଗୋଷ୍ଠୀର ତୁଙ୍ଗ ନେତା ଛଗନ ଭୂଜବଳ । ମହାରାଷ୍ଟ୍ରରେ ମହାୟୁତି ସରକାର ଗଠନ ସମୟରେ ଛଗନଙ୍କୁ ମନ୍ତ୍ରୀ ପଦ ନମିଳିବାରୁ ସେ ଅସନ୍ତୋଷ ପ୍ରକାଶ କରିବା ସହ ବିଦ୍ରୋହୀ ସାଜିବେ ବୋଲି ଚର୍ଚ୍ଚା ହେଉଥିଲେ । ଏପରିକି ନିକଟରେ ସେ ଅସନ୍ତୁଷ୍ଟ ପ୍ରକାଶ କରି ଦଳ ଛାଡିବେ ବୋଲି ମଧ୍ୟ ଚର୍ଚ୍ଚା ହେଉଥିଲା ତେବେ ଛଗନଙ୍କ ମାନଭଞ୍ଜନ କରି ମହାୟୁତିରେ ତାଙ୍କୁ ମନ୍ତ୍ରୀ ପଦ ଦିଆଯାଇଛି ।

## ୱାକଫ୍ ସଂଶୋଧନ ଆଇନକୁ ନେଇ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଶୁଣାଣି: ସଂଶୋଧିତ ଆଇନ ବିରୋଧରେ ଏକାଧିକ ପିଟିସନ ଉପରେ ଶୁଣାଣି




ନୂଆଦିଲ୍ଲୀ, ୨୦/୫ : ୱାକଫ୍ ସଂଶୋଧନ ଆଇନକୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ବୟାନ । ପ୍ରଧାନ ବିଚାରପତି କହିଛନ୍ତି ସଂସଦରେ ପାରିତ ହୋଇଥିବା ଆଇନର ସାମ୍ବିଧାନିକତା ରହିଛି । ଠୋସ୍ ମାମଲା ନ ମିଳିବା ପର୍ଯ୍ୟନ୍ତ ଅଦାଲତ ହସ୍ତକ୍ଷେପ କରିପାରିବେ ନାହିଁ । ୱାକଫ୍ ଆଇନକୁ ଚ୍ୟାଲେଞ୍ଜ କରୁଥିବା ମାମଲାର ଶୁଣାଣି କରି ଏଭଳି କହିଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ୍ ବି-ଆର୍ ଗୱାଇ । କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ୱାକଫ୍ ଆଇନକୁ ଚ୍ୟାଲେଞ୍ଜ କରୁଥିବା ଆବେଦନ ଉପରେ ଯେକୌଣସି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶକୁ ତିନୋଟି ପ୍ରସଙ୍ଗରେ ସୀମିତ ରଖିବାକୁ ଆବେଦନ କରିଥିଲେ । ସରକାର ଯେଉଁ ପ୍ରସଙ୍ଗ ଉପରେ ପ୍ରତିବନ୍ଧିତ ଶୁଣାଣି ଦାବି କରିଛନ୍ତି ତାହା ହେଉଛି କୋର୍ଟ ଦ୍ୱାରା ବ୍ୟବହାରକାରୀଙ୍କ ଦ୍ୱାରା ୱାକଫ୍ କିମ୍ବା ଡିଡ୍ ଦ୍ୱାରା ୱାକଫ ଭାବରେ ଘୋଷିତ ସମ୍ପତ୍ତିକୁ ଡି-ନୋଟିଫାଇ କରିବା ।

▶▶ପୃଷ୍ଠା ୭

## ରାଜ୍ୟରେ ଦୁର୍ନୀତି ମାମଲାରେ ପୂର୍ବତନ ଜୁନିୟର ଆକାଉଣ୍ଟାଂଟ ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର, ୨୦/୫ (ନି.ପ୍ର): ଦୁର୍ନୀତି ବିରୋଧୀ କାର୍ଯ୍ୟାନୁଷ୍ଠାନରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଅନୁଯାୟୀ, ବଲାଙ୍ଗୀର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ପୂର୍ବତନ ଜୁନିୟର ଆକାଉଣ୍ଟାଂଟ-ସହ-ଲିଜ୍ କ୍ଲର୍କ ଶ୍ରୀ କଳାନ୍ଦୀ ଚରଣ ଭୁୟାଁ, ବଲାଙ୍ଗିର ଡିଏଫଓ କାର୍ଯ୍ୟାଳୟରେ ଲାଂଚ ନେବା ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏହି ମାମଲା ଓଡ଼ିଶା ଭିଜିଲାନ୍ସ ବିଭାଗ ଦ୍ୱାରା ରୁଜୁ ଓ ତଦନ୍ତ କରାଯାଇଥିଲା।

ଶ୍ରୀ ଭୁୟାଁ, ଯିଏକି ବର୍ତ୍ତମାନ ସେବାନିବୃତ୍ତ ତାଙ୍କ ବିରୁଦ୍ଧରେ ୨୭.୦୬.୨୦୧୯ ରେ ସମ୍ବଲପୁର

▶▶ପୃଷ୍ଠା ୭

# କାଠ ବୋଝେଇ ଦୁଇ ଟ୍ରାକ୍ଟର ଜବତ: ଦୁଇ ଗିରଫ

ମାଲକାନଗିରି,୨୦/୫(ନି. ପ୍ର): ମାଲକାନଗିରି ବନାଚଂଳ ଅଧିନସ୍ଥ ନାମକୋଣ୍ଡା ଜଙ୍ଗଲରୁ ଗଛ କାଟି ଦୁଇ ଗୋଟି ଟ୍ରାକ୍ଟରରେ କାଠ ବୋଝେଇ କରି ଇଟା ଭାଟିକୁ ନେବା ସମୟରେ ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ପାଇ ମାଲକାନଗିରି ବନକର୍ମଚାରୀମାନେ କାଠ ସହିତ ଟ୍ରାକ୍ଟରକୁ ଜବତ କରିଛନ୍ତି। ଏହା ସହିତ ଦୁଇ ଜଣ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯାଇଛି। ବିବରଣୀରୁ ପ୍ରକାଶ ଯେ, ଗତ ୧୭ ତାରିଖ ରାତ୍ର ୯ଟା ସମୟରେ ଏମଭି-୪୧ ଗ୍ରାମର ଧନୁର୍ଜୟ ଢ଼ାଲି ଓ ପାଲକୋଣ୍ଡା ଗ୍ରାମର ଗଙ୍ଗା ମାଢ଼ି ଦୁଇଟି ଟ୍ରାକ୍ଟରରେ କାଠ ବୋଝେଇ କରି ଏମଭି- ୪୧ ଗ୍ରାମ ଅଭିମୁଖେ ଯାଉଥିବା ସମୟରେ ପାଲକୋଣ୍ଡା ଗାଁ ନିକଟରେ ପୂର୍ବରୁ ପ୍ରସ୍ତୁତ ହୋଇ ଜଗି ରହିଥିବା ବନ କର୍ମଚାରୀମାନେ ଏହି ଟ୍ରାକ୍ଟର ଦୁଇଟାକୁ କାବୁ କରି ମାଲକାନଗିରି ବନାଚଂଳ କାର୍ଯ୍ୟାଳୟକୁ ଆଣିଥିଲେ। ସେଠାରେ ସେମାନଙ୍କୁ ପଚରାଉଚରା ବେଳେ ଏହି କାଠ ନିକଟସ୍ଥ ନାମକୋଣ୍ଡା ଜଙ୍ଗଲରୁ କଟାଯାଇ ଇଟା ଭାଟି ପୋଡିବା ଉଦ୍ଦେଶ୍ୟରେ ଚାଲାଣ ହେଉଥିବା ପ୍ରକାଶ କରିଥିଲେ। ଏହି ଦୁଇ ଜଣଙ୍କୁ ଗିରଫ କରାଯାଇ ଓଡ଼ିଶା ଜଙ୍ଗଲ ଆଇନ ୧୯୭୨ ଅନୁସାରେ ଧାରା ୪ ଓ ୧୨ରେ ମାମଲା ରୁଜୁ କରାଯାଇ ଆଜି କୋର୍ଟ ଚାଲାଣ କରାଯିବ ବୋଲି ମାଲକାନଗିରି ବନାଚଂଳ ଅଧିକାରୀ ରମେଶ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି। ଜବତ କାଠର ଅନୁମାନିକ ମୂଲ୍ୟ ୮୦ ହଜାର ଟଙ୍କାର ହେବ ବୋଲି କୁହାଯାଇଛି। ଏହି କାଠ ଓ ଟ୍ରାକ୍ଟରକୁ ବନପାଳ ମନତୋଷ ଦେ, ବନରକ୍ଷୀ ସରୋଜ ସ୍ୱାଇଁ ଏବଂ କୈଳାସ ମହାରଣା ଜବତ କରିଥିଲେ।

# ଚମ୍ପୁଆରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ

ଚମ୍ପୁଆ,୨୦/୫(ନି. ପ୍ର): ଜାମ୍ମୁକାଶ୍ମୀର ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀଙ୍କ ବର୍ବରଚିତୋ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଗତ ୭ ତାରିଖ ରାତିରେ ଆମ ଦେଶର ସେନାବାହିନୀ 'ଅପରେସନ ସିନ୍ଦୂର' ଆରମ୍ଭ କରି ପାକିସ୍ତାନରେ ଥିବା ଆତଙ୍କବାଦୀ ମାନଙ୍କ ଆଡ୍ଡାସ୍ଥଳୀ ଗୁଡ଼ିକୁ ଧ୍ୱଂସ କରିବା ସହ ୧୦୦ରୁ ଉର୍ଦ୍ଧ୍ୱ ଆତଙ୍କବାଦୀଙ୍କୁ ସଫଳତାର ସହ ନିପାତ କରିଥିଲେ । ସେନାବାହିନୀର ଏହି ପରାକ୍ରମ ପ୍ରଦର୍ଶନ ପରେ ସେନାର ବୀରତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ସାରା ଦେଶରେ ପରାକ୍ରମ ଯାତ୍ରା ଆରମ୍ଭ ହୋଇଥିବା ବେଳେ ଆଜି ଚମ୍ପୁଆ ସଦର ମହକୁମାରେ ମଧ୍ୟ ପରାକ୍ରମ ଶୋଭାଯାତ୍ରା ଆୟୋଜିତ ହୋଇ ଯାଇଛି । ଦେଶର ବୀର ସୈନିକ ମାନଙ୍କ ଶୌର୍ଯ୍ୟ ଓ ବୀରତ୍ୱକୁ ସମ୍ମାନ ଜଣାଇ ଚମ୍ପୁଆ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ଜାତି, ଦଳ, ଧର୍ମ, ମତ, ଲିଙ୍ଗ ନିର୍ବିଶେଷରେ ବହୁ ସଂଖ୍ୟାରେ ଲୋକେ ସ୍ୱତଃସ୍ଫୁର୍ତ୍ତ ଭାବେ ସାମିଲ ହୋଇଥିଲେ । ଏହି ଶୋଭାଯାତ୍ରାରେ ପ୍ରଶାସନିକ ଅଧିକାରୀ , ଅବସର ପ୍ରାପ୍ତ ସୈନିକ ସଙ୍ଗଠନ ସହ ବିଭିନ୍ନ ବର୍ଗର ଶତାଧିକ ଲୋକେ ସାମିଲ ହୋଇ ହାତରେ ତ୍ରିରଙ୍ଗା ଧରି ବନ୍ଦେ ମାତରମ , ଭାରତ ମାତା କି ଜୟ , ହିନ୍ଦୁସ୍ଥାନ ଜିନ୍ଦାବାଦ ନାରା ଦେଇ ଚମ୍ପୁଆ ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରାଟି ନେହେରୁ ଷ୍ଟାଡିୟମରୁ ବାହାରି ଚମ୍ପୁଆ ବଜାର ସହ ବିଭିନ୍ନ ୱାର୍ଡ ପରିକ୍ରମା କରି ବସଷ୍ଟାଣ୍ଡରେ ଶେଷ ହୋଇଥିଲା । ଏହି ଶୋଭାଯାତ୍ରାରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ଏସଡିପିଓ ରଶ୍ମି ରଞ୍ଜନ ସାହୁ , ଆଇଆଇସି ରମାକାନ୍ତ ମୁଦୁଲିଙ୍କ ସମେତ ବିଜେପି ନେତା ମୁରଲୀ ମନୋହର ଶର୍ମା, ରାଧାକାନ୍ତ ମହାନ୍ତ , ପଙ୍କଜ ମହାନ୍ତ, ହେମନ୍ତ ମହାନ୍ତ, ମହତାବ ଆଲାମ, ରାଜେଶ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ୱାର୍କଜୋନ ଡ଼ାଇଭର୍ସନ ପ୍ଲାନରେ ବ୍ୟତିକ୍ରମ: ଟ୍ରକ୍ ଚାପରେ ପୂର୍ବତନ ଏଡିଏମଓଙ୍କ ମୃତ୍ୟୁ

ସମ୍ବଲପୁର,୨୦/୫(ନି. ପ୍ର): ସମ୍ବଲପୁର ସହର ସଂଲଗ୍ନ ଅଇଁଠାପାଲି ଫ୍ଲାଏ ଓଭରବ୍ରିଜ୍ କାମରେ ସଠିକ୍ ନିୟମ ପାଳନ ହେଉନଥିବା ଯୋଗୁଁ ଆଜି ଏକ ଅମୁଲ୍ୟ ଜୀବନ ଚାଲି ଯାଇଛି । ଟ୍ରକ୍ ଚାପରେ ଅବସରପ୍ରାପ୍ତ ଏଡିଏମଓ ଭରତ ଚନ୍ଦ୍ର ଦାସଙ୍କ ଅକାଳ ବିୟୋଗ ହୋଇଛି। ପୋଲିସ ମୃତ ଦେହ ଜବତ୍ କରି ବ୍ୟବଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏକ ମାତ୍ର ପୁଅ ବିଦେଶରେ ରହିଥିବା ଯୋଗୁ ଆସିବା ପରେ ବୁଧବାର ଅନ୍ତିଷ୍ଟିକ୍ରୀୟ କରାଯିବ ବୋଲି ଜଣାପଡ଼ିଛି। ଅନ୍ୟପଟେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ମୃତ ଖବର ପ୍ରକାଶ ପାଇବା ପରେ ବ୍ୟକ୍ତିବିଶେଷ, ଅନୁଷ୍ଠାନ ଗୁଡ଼ିକ ଶୋକ ବ୍ୟକ୍ତ କରିଛନ୍ତି। ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ରୋହିତ ପୁଝାରୀ ଶୋକ ଜଣାଇଛନ୍ତି। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୋଲିସ ଅଟକ ରଖିଛି। ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣାକୁ ନେଇ ପୂର୍ବତନ ଜୁନିୟର ଡ଼ାକ୍ତର ସଂଘ ସଭାପତି ତଥା ଭିମାସର୍ ଏସୋସିଏଟ ପ୍ରଫେସର ଡ଼ାକ୍ତର ସଞ୍ଜୀବ ମିଶ୍ର କହିଛନ୍ତି ଯେ, ଡ଼ାକ୍ତର ଦାସ ବହୁତ୍ ଭଲ ମଣିଷ ଥିଲେ। ମାର୍ଗ ଦର୍ଶକ ଥିଲେ। ସମସ୍ତେ ଭଲ ପାଉଥିଲେ । କୋଭିଡ ମୁକାବିଲା ସମୟର ରେ ତାଙ୍କ ସହିତ କାମ କରିବା ସୁଯୋଗ ମିଳିଥିଲା। ଏବେ ଅଇଁଠାପାଲି ଫ୍ଲାଏ ଓଭର କାମ ରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଏଭଳି ଘଟଣା ଘଟିଛି। ସାଧାରଣ ଲୋକମାନେ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଏବେ ଏହି କାମରେ ୱାର୍କ୍ ଜୋନ ଡ଼ାଇଭର୍ସନ ପ୍ଲାନ ତଥା ଟ୍ରାଫିକ ଇଞ୍ଜିନିୟରଙ୍କ ସ୍ୱିକୃତୀ ହୋଇଥିବା ନେଇ ସନ୍ଦେହ ଘେରକୁ ଆସିଛି । ଯଦି ସ୍ୱିକୃତି ମଞ୍ଜୁର ହୋଇଛି ତାହେଲେ ନିର୍ମାଣ ସମୟରେ କାହିଁକି ନିୟମ ପାଳନ କରାଯାଇନାହିଁ ବୋଲି ଅଭିଯୋଗ ହେଉଛି। ନିୟମ ଅନୁସାରେ କାମ ପୂର୍ବରୁ ସର୍ଭିସ ରୋଡ ନିର୍ମାଣ ସମ୍ପୂର୍ଣ୍ଣ କରିବାର ଥିଲା । ଫଳରେ ସୁବିଧାରେ ଗମନାଗମନ ହୋଇପାରି ଥାନ୍ତା। ଟ୍ରାଫିକ ସମସ୍ୟା ସହିତ ଫ୍ଲାଇଓଭର କାମରେ ମଧ୍ୟ ବାଧା ସୃଷ୍ଟି ହୋଇ ନଥାନ୍ତା । କିନ୍ତୁ ଅଭିଯୋଗ ଅନୁସାରେ ପିଲର କାମ ଦ୍ରୁତ ଗତିରେ ଚାଲିଛି ଓ ସର୍ଭିସ ରାସ୍ତା ନଥିବାରୁ ନିର୍ମାଣ ପାଇଁ ଗୋଟିଏ ପଟ ରାସ୍ତା ପ୍ରାୟ ସମୟରେ ବନ୍ଦ ରହୁଛି। ତେଣୁ ଟ୍ରାଫିକ୍ ଜାମ ଲାଗି ରହୁଛି। ସର୍ଭିସ୍ ରୋଡରେ ଭାରୀ ଯାନ ଯାତାୟାତକୁ ଅନୁମତି ମିଳିବା ପରେ ଛୋଟ ଗାଡି ଓ ବାଇକ ଆରୋହୀଙ୍କ ପାଇଁ ବିପଦ ରହୁଛି ସର୍ଭିସ୍ ରୋଡରେ ଭାରୀଯାନ ପ୍ରବେଶ ପରେ ଏବେ ଦୁର୍ଘଟଣାକୁ ଆମନ୍ତ୍ରଣ କରାଯାଉଛି ସଙ୍କୁଚିତ ରାସ୍ତା ଓ ବିକଳ୍ପ ନ ଥିବାରୁ ବାଇକ ଓ ପାଦ ଚଲା ଲୋକ ହନ୍ତସନ୍ତ ହେଉଛନ୍ତି। ଅଇଁଠାପାଲିରୁ ରେମେଡ୍ ପର୍ଯ୍ୟନ୍ତ ଥିବା ସର୍ଭିସ୍ ରୋଡ ଅଣଓସାରିଆ ରହିଛି। ତେଣୁ ଏହାକୁ ଓସାରିଆ କରିବା ପରେ ଭାରୀଯାନ ଚଳାଚଳ କରିବାକୁ ଦାବି କରିଛନ୍ତି । ଏହି ଘଟଣାକୁ ନେଇ ଠିକା ସଂସ୍ଥା ବିରୁଦ୍ଧ ରେ ଆଗାମୀ ଦିନରେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରାଯିବ ବୋଲି କହିଥିଲେ।

# ବାତ୍ୟା ଆଶ୍ରୟସ୍ଥଳୀ ଠିକାଦାରଙ୍କ କବଳରୁ ମୁକ୍ତ କରିବାକୁ ଦାବି

କେନ୍ଦ୍ରାପଡ଼ା,୨୦/୫(ନି. ପ୍ର): କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଆୟତପୁର ଗ୍ରାମରେ ଥିବା ବାତ୍ୟା ଆଶ୍ରୟସ୍ଥଳ କୁ ଜଣେ ଠିକାଦାର ଜୋର ଜବରଦସ୍ତ ନିଜ କବଜାରେ ରଖି ବ୍ୟବହାର କରୁଥିବା ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ, ଆୟତପୁର ଗ୍ରାମର ଶତାଧିକ ଗ୍ରାମବାସୀ ବାତ୍ୟା ଆଶ୍ରୟସ୍ଥଳୀ ରେ ଠିକାଦାର ରଖିଥିବା ଆସବାବପତ୍ର ଓ ମେସିନ ଇତ୍ୟାଦିକୁ ସେଠାରୁ ବାହାର କରିବା ସହିତ ଆଶ୍ରୟସ୍ଥଳୀ କୁ ପ୍ରଶାସନକୁ ହସ୍ତାନ୍ତର କରିବା ପାଇଁ ଦାବି କରାଯାଇଛି । ଏହି ବାତ୍ୟା ଆଶ୍ରୟସ୍ଥଳୀ କୁ ଠିକାଦାର ନିଜ ଅକ୍ତିଆର ରେ ରଖି କାନ୍ଥ ଝରକା ଇତ୍ୟାଦିକୁ ଭାଙ୍ଗିରୁଜି ଦେଇଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହାକୁ ତୁରନ୍ତ ଖାଲି କରିବା ପାଇଁ ଅବିନାଶ ଦାସ, ପ୍ରକାଶ ନାୟକ, ଶୈଳେନ୍ଦ୍ର ନାୟକ, ବିନୋଦ ସାମନ୍ତରାୟ, ରବିନ୍ଦ୍ର ନାୟକ ପ୍ରମୁଖ ଦାବି କରିଛନ୍ତି।

# ରଥଖଳାରେ ରଥ ନିର୍ମାଣକାରୀ ସେବକଙ୍କୁ ସମ୍ବର୍ଦ୍ଧନା

ପୁରୀ, ୨୦/୫(ନି. ପ୍ର): ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି, ଓଡିଶା,ପୁରୀଜିଲ୍ଲା ଓ ସହର ଶାଖା ସହଯୋଗରେ ଭଉଁରି ଉପଲେକ୍ଷ ରଥଖଳାରେ ନିୟୋଜିତ ବିଶ୍ୱକର୍ମା ମହାରଣା, ଭୋଇସେବକ , କରତୀ ସେବକ ଓଝା ସେବକ ଓ ଅନ୍ୟ ରଥ ନିର୍ମାଣ ସେବକ ମାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ରଥଖଳା ସେବକ ମାନେ ବହୁ ପରିଶ୍ରମ କରି ରଥ ନିର୍ମାଣ କରୁଛନ୍ତି । ସେମାନଙ୍କୁ ଉତ୍ସାହିତ କରିବା ପାଇଁ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ରାଜ୍ୟ ସଭାପତି ସୂର୍ଯ୍ୟ ନାରାୟଣ ମହାରଣା, ସମ୍ପାଦକ ମନୋରଞ୍ଜନ ମହାରଣା ରହି ସମ୍ବର୍ଦ୍ଧିତ କରିଥିଲେ । ସମିତିର ପୁରୀଜିଲ୍ଲା ସଭାପତି ଦେବରାଜ ମହାରଣା, ପ୍ରଶାନ୍ତ କୁମାର ମହାରଣା, ରଶ୍ମୀ ମହାରଣା,ପୁରୀ ସହର ସଭାପତି ହୃଷିକେଶ ମହାରଣା, ଗଙ୍ଗାଧର ମହାରଣା, ଦୟାନିଧି ମହାରଣା,ରମେଶ କୁମାର ମହାରଣା, ସୁରେଶ ମହାରଣା, ବିଶ୍ୱନାଥ ମହାରଣା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ମହିଳା ଓ ଶିଶୁ ବିକାଶ ଗୃହ କମିଟିର ସମୀକ୍ଷା ବୈଠକ

ଜୟପୁର, ୨୦/୫(ନି. ପ୍ର): ଓଡିଶା ବିଧାନସଭାର ମହିଳା ଓ ଶିଶୁ ବିକାଶ ଗୃହ କମିଟି କୋରାପୁଟକୁ ଦୁଇ ଦିନିଆ ଗସ୍ତରେ ଆସି ଆଜି ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ ଠାରେ ବିଭାଗର ସମୀକ୍ଷା କରିଛନ୍ତି। ବିଧାନସଭା ଗୃହ କମିଟିର ଅଧ୍ୟକ୍ଷା ସୀମାରାଣୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଦସ୍ୟା ପ୍ରମିଳା ମଲ୍ଲିକ, ସୁଜାତା ସାହୁ, ସଞ୍ଜଲୀ ମୁର୍ମୁ, ଉପାସନା ମହାପାତ୍ର, ବର୍ଷା ସିଂହ ବରିହା, ମନୋରମା ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। କୋରାପୁଟ ଓ ମାଲକାନାଗିରି ଜିଲ୍ଲାରେ ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମ ଠିକ ଭାବେ ଚାଲୁଥିବା ସୀମାରାଣୀ ନାୟକ କହିଛନ୍ତି ।ଏହି ବୈଠକରେ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ, କୋରାପୁଟ ଏସପି ରୋହିତ ବର୍ମା, ମାଲକାନଗିରି ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ ଓ ଏସପି ବିନୋଦ ପାଟିଲ ଏଚ ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବା ବେଳେ କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।ଏଥି ପୂର୍ବରୁ ତାଉପଦରଠାରେ ଚାଷ କରାଯାଉଥିବା ଷ୍ଟ୍ରବେରୀ ବଗିଚା ପରିଦର୍ଶନ କରିବା ପରେ ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଲୁଙ୍ଗିରି ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ପିଲାମାନଙ୍କ ସହ ଆଲୋଚନା କରିଥିଲେ। ମିସିଙ୍ଗଗୁଡା କଫି ଚାରା ରୋପଣ କେନ୍ଦ୍ର ପରିଦର୍ଶନ କରିଥିଲେ । ରାଜପୁଟ ଠାରେ ଥିବା ମିଲେଟ୍ ପ୍ରକ୍ରିୟାକରଣ ୟୁନିଟ ପରିଦର୍ଶନ କରି ମହିଳା ଗୋଷ୍ଠୀ ସଦସ୍ୟା ମାନଙ୍କ ସହ ଆଲୋଚନା କରିଥିଲେ।

# ରକ୍ତଚାପ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,୨୦/୫(ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ରକ୍ତଚାପ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଆରୋଗ୍ୟ ଭାରତୀ ଅଧ୍ୟକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି ରକ୍ତଚାପ ରୋଗର କାରଣ ନିରାକରଣ ସମ୍ବନ୍ଧରେ ବୁଝାଇଥିଲେ । ଆମିଷ, ପନିର, ଅଶୁଦ୍ଧ କ୍ଷୀର, ଘିଅ, ପୋଡ଼ାତେଲ ଛଣାଖାଦ୍ୟ, ଧୂମପାନ, ମଦ୍ୟପାନ, ଚିନ୍ତା, କ୍ରୋଧ ଦ୍ୱାରା ରକ୍ତଚାପ ହୁଏ । ଏହି ସବୁ ତ୍ୟାଗ କରି ସାତ ଘଂଟା ଶୋଇବେ, ସକାଳ ସନ୍ଧ୍ୟା ଅଧ ଘଂଟା ଲେଖାଏଁ ଧ୍ୟାନ କରିବେ, ଉଚ୍ଚ ରକ୍ତଚାପରେ ସର୍ପଗନ୍ଧା ମୂଳ, ଅର୍ଜୁନ ଛାଲି କ୍ୱାଥ, ପଦ୍ମମଞ୍ଜି ସେବନ କଲେ ରକ୍ତଚାପ ଭଲ ହୋଇଯାଏ । ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତଶର୍କରା, ଗଣ୍ଠିବାତ, ଅମ୍ଳପିତ, ସ୍ତ୍ରୀ ରୋଗ, ଚର୍ମରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ରାଓ । ଏହି ସ୍ୱାସ୍ଥ୍ୟ ଶିବିର ପ୍ରତ୍ୟକ ସୋମବାରେ ଅନୁଷ୍ଠିତ ହୁଏ। ସମସ୍ତେ ଏହାର ସୁଯୋଗ ନେବାକୁ ପ୍ରତିଷ୍ଠାନ ଅନୁରୋଧ କରିଛନ୍ତି ।

# କେନ୍ଦୁଝରରେ ଦୁଇଟି ଚୋରା ଗୋରୁ ବୋଝେଇ ଟ୍ରକ ଜବତ

କେନ୍ଦୁଝର,୨୦/୫(ନି. ପ୍ର): କେନ୍ଦୁଝର ଜୁଡିଆ ଘାଟି ନିକଟରୁ ୨ ଟି ଚୋରା ଗୋରୁ ବୋଝେଇ ଟ୍ରକକୁ ଗୋ ରକ୍ଷକ ଦଳ ଧରି ପୋଲିସ ର ଜିମା ଦେଇଛନ୍ତି। ସେହି ଦୁଇଟି ଟ୍ରକରେ ଶତାଧିକ ସଂଖ୍ୟକ ଗୋରୁ ରହିଛନ୍ତି । ଗୋ ରକ୍ଷକ ଦଳଙ୍କ କହିବା ଅନୁଶାରେ ପ୍ରତି ଦିନ ଏହି କେନ୍ଦୁଝର ଜିଲ୍ଲା ଦେଇ ପ୍ରାୟ ୪୦ ରୁ ୫୦ ଚୋରା ଗୋରୁ ବୋଝେଇ ଟ୍ରକ ପଶ୍ଚିମବଙ୍ଗ କୁ ଯାଏ । ଏମାନେ ଦୀର୍ଘ ୧୫ ଦିନ ହେବ ଚୋରା ଗୋରୁ ବୋଝେଇ ଟ୍ରକକୁ ଧରିବାକୁ ରାତି ତମାମ ଜୀବନ କୁ ବାଜି ଲଗାଇ ଜଗି ରହୁଥିଲେ । ଗତକାଲି ଦୁଇଟି ଚୋରା ଗୋରୁ ବୋଝେଇ ଟ୍ରକ ଆସୁଥିବା ସେମାନଙ୍କ ପାଖରେ ନିର୍ଦ୍ଦିଷ୍ଟ ଖବର ଥିଲା। ଫଳରେ ଦୁଇ ଜଣ ଗୋ ରକ୍ଷକ ସଦସ୍ୟ ଏହି ଟ୍ରକ ଦୁଇଟିକୁ କାଞ୍ଜିପାଣି ଘାଟି ଠାରୁ ପିଛା କରିଥିଲେ ଓ ଜୁଡିଆ ଘାଟି ତଳେ ଅନ୍ୟ ଗୋ ସେବକ ମାନେ ଛପି ରହିଥିଲେ । ପ୍ରଥମେ ଏକ ଏକ୍ସଟ ବୋଲେରୋ ଗାଡି ଆସିଥିଲା ଯାହାକୁ ଦେଖି ଗୋ ରକ୍ଷକ ମାନେ ସୁନିଶ୍ଚିତ ହୋଇ ଯାଇଥିଲେ ଯେ ଚୋରା ଗୋରୁ ବୋଝେଇ ଟ୍ରକ ଆସୁଛି ବୋଲି । ଏହା ପରେ ସେମାନେ ଟ୍ରକ ଦୁଇଟି କୁ ଧରିଥିଲେ ଓ ସେଥିରେ ପ୍ରାୟ ୧୫୦ ଟିରୁ ଉର୍ଦ୍ଧ ଗୋରୁ ଥିଲେ । ଏହି ଟ୍ରକ ଦୁଇଟିକୁ ସେମାନେ ସଦର ପୋଲିସର ଜିମା ଦେଇଥିବା କହିଛନ୍ତି ଭାରତ ଭୂଷଣ କୁଆଁର । ଏ ସଂପର୍କରେ ପୋଲିସର ପ୍ରତିକ୍ରିୟା ମିଳି ପାରି ନାହିଁ ।

# ଭାରତୀ କଳା ବିକାଶ କେନ୍ଦ୍ରରେ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର,୨୦/୫(ନି. ପ୍ର): ବୁର୍ଲା ଭାରତୀ କଳା ବିକାଶ କେନ୍ଦ୍ର ଗୃହରେ, କେନ୍ଦ୍ର ସଭାପତି ଇଂ. ଶୁଭ୍ରାଂସୁ ଦ୍ୱିବେଦୀଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଯନ୍ତ୍ରୀ ଇଂ ସୂଶିଲ କୁମାର ବେହେରା, ସମ୍ମାନିତ ଅତିଥୁ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଇଂ. ସୁଧର କୁମାର ସାହୁ, ପ୍ରଫେସର୍ ବ୍ରଜମୋହନ ମିଶ୍ର, ବରିଷ୍ଠ ସଭ୍ୟ ରଞ୍ଜିତ୍ କୁମାର ପଟ୍ଟନାୟକ, ଆଡ଼ଭୋକେଟ୍ ପ୍ରମୋଦ କୁମାର ଦାଶ, ସମ୍ପାଦକ ନିରଞ୍ଜନ ପଟ୍ଟନାୟକ ମଂଚାସୀନ ରହି ସତ୍ୟ ନାରାୟାଣ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସତ୍ୟ ନାରାୟଣ ସାହୁ ବୁର୍ଲା ହୀରାକୁଦ୍ ବନ୍ଧ ମଣ୍ଡଳ କାର୍ଯ୍ୟାଳୟର କର୍ମଚାରୀ ନବୀନ କୁମାର ସାହୁ ଏବଂ ସୁଜାତା ସାହୁଙ୍କ ସୁଯୋଗ୍ୟ ସନ୍ତାନ । ସେ ବୁର୍ଲା ସରସ୍ୱତୀ ଶିଶୁ ମନ୍ଦିରର କୃତି ଛାତ୍ର । ସେ ଭାରତୀ କଳା ବିକାଶ କେନ୍ଦ୍ରରେ ସଙ୍ଗୀତ ଶିକ୍ଷା ଲାଭ କରିଛନ୍ତି । ଚଳିତ ମାଟ୍ରିକ ବାର୍ଷିକ ପରୀକ୍ଷାରେ ବୁର୍ଲାରେ ସର୍ବପ୍ରଥମ ସ୍ଥାନରେ ରହି ମୋଟ ୯୩ ପ୍ରତିଶତ ନମ୍ବର ରଖି ଶ୍ରେଷ୍ଠ ବିବେଚିତ ହୋଇଛନ୍ତି ଓ ସମଗ୍ର ସମ୍ବଲପୁର ଜିଲ୍ଲାରେ ପ୍ରଥମ ଦଶଜଣଙ୍କ ମଧ୍ୟରେ ରହି ସୁନାମ ଅର୍ଜନ କରିଛନ୍ତି । ତାଙ୍କର ଏଭଳି କୃତିତ୍ୱ ପାଇଁ ଭାରତୀ କଳା ବିକାଶ କେନ୍ଦ୍ର ଉପରୋକ୍ତ ଅତିଥିମାନଙ୍କ ସମେତ ଛାତ୍ରଛାତ୍ରୀ ସଭ୍ୟମାନଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରିଛନ୍ତି । ଏହି ସମ୍ବର୍ଦ୍ଧନା ସଭାଟିକୁ ସୁଚାରୁରୂପେ ସଙ୍ଗଠନ ସମ୍ପାଦକ ପ୍ରମୋଦ କୁମାର ଦାଶ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରର ଉପାଧ୍ୟକ୍ଷ କାଳୀ ଚରଣ ପାଢ଼ୀ, ସଂସ୍କୃତି ସମ୍ପାଦକ ରଶ୍ମି ରଞ୍ଜନ ଶତପଥି, ଉପସଭାପତି ଆଡଭୋକେଟ୍ ଲକ୍ଷ୍ମୀଧର ମହାନ୍ତି, ସହ ସମ୍ପାଦକ ଶିବ ପ୍ରସାଦ ସ୍ୱାଇଁ, ଗୁରୁ ସତ୍ୟବ୍ରତ ସାହୁ, ଗୁରୁ ଫଗୁନ୍ ସେଠ୍, ବରିଷ୍ଠ ସଭ୍ୟ ଚିତ ରଞ୍ଜନ ନାୟକ, କୈଳାଳ ଚନ୍ଦ୍ର ମିଶ୍ର, ରଜନୀକାନ୍ତ ଚିହ୍ନରା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସଂସ୍କୃତି ସମ୍ପାଦକ ରଶ୍ମି ରଞ୍ଜନ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ ।

# ପରିବେଶ ଓ ପରିସ୍ଥିତି ଲେଖକଙ୍କୁ ଲେଖିବାକୁ ବାଧ୍ୟ କରେ

ବଲାଙ୍ଗିର, ୧୯ ମେ (ହି.ସ.) ଆମ ଆଖପାଖର ପରିବେଶ, ପରିସ୍ଥିତି ହିଁ ଲେଖକଟିଏକୁ ଲେଖିବା ପାଇଁ ବାଧ୍ୟ କରେ। ସାମାଜିକ ଗତି, ରୀତିରେ ଅବାଂଛିତ ପରିବର୍ତ୍ତନ ଦେଖି ଲେଖକଟିଏ ନଲେଖି ରହିପାରେ ନାହିଁ ବୋଲି ଲେଖେ। ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ମିଶ୍ରଙ୍କ ରଚିତ 'ପ୍ରତିପନ୍ନ' ପୁସ୍ତକର ଲୋକାର୍ପଣ ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାରର କୁଳସଚିବ ଡ. ନୃପରାଜ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଛନ୍ତି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ରଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ଡ. ଉମା ବଲ୍ଲଭ ମହାପାତ୍ର ପ୍ରତିପନ୍ନ ପୁସ୍ତକ ଓଡ଼ିଶାର ଅନେକ ଅନଲୋଚିତ ପ୍ରସଙ୍ଗ ଲୋକଲୋଚନକୁ ଆଣିବାରେ ସଫଳ ହୋଇଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସଚିବ ରାମଚନ୍ଦ୍ର ପଟେଲ ହଜି ଯାଉଥିବା ଅନେକ ଲୋକକଳା, ଲୋକ ସଂସ୍କୃତି ଓ ଐତିହାସିକ ଘଟଣାବଳିକୁ ଅତି ସୁନ୍ଦର ଭାବରେ ଚିତ୍ରଣ କରାଯାଇଥିବା ଏହି ପୁସ୍ତକ ଆଗାମୀ ପିଢ଼ିକୁ ନିଶ୍ଚିତଭାବେ ମାର୍ଗଦର୍ଶନରେ ସହାୟକ ହେବ ବୋଲି କହିଥିଲେ। ଷ୍ଟେଟ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟସ ବଲାଙ୍ଗୀର ଶାଖା ଆନୁକୂଲ୍ୟରେ ସଭାପତି ଶରତ ମହାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ରଘୁନନ୍ଦନ ସିଂହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସାମ୍ବାଦିକ ବୀରେନ୍ଦ୍ର ଝାଙ୍କର ଅତିଥି ପରିଚୟ ଦେଇଥିଲେ। ପ୍ରତିପନ୍ନ ପୁସ୍ତକର ଲେଖକ ବରିଷ୍ଠ ସାମ୍ବାଦିକ ଶ୍ରୀ ମିଶ୍ର ଲେଖକୀୟ ମନ୍ତବ୍ୟ ପ୍ରଦାନ କରିଥିଲେ। ଲିଲି ପଟେଲ ସଭା ସଂଯୋଜନା କରିଥିଲେ। ଏସ ୟୁ ଜେ ରାଜ୍ୟ ଉପସଭାପତି ମହେନ୍ଦ୍ର ଦର୍ଜି, ପ୍ରତିପନ୍ନ ସତ୍ତ୍ୱାଧିକାରୀ ମାନସୀ ମିଶ୍ର, ଇଂ ସିଦ୍ଧାନ୍ତ ମିଶ୍ର, ସାମ୍ବାଦିକ ସତ୍ୟନାରାୟଣ ମିଶ୍ର, ରତିକାନ୍ତ କର୍ମୀ, ଜିଲ୍ଲା ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ଶିଶିର ଶତପଥୀ, ଆଇନଜୀବୀ ଅଶୋକ ରାଉତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରତିପନ୍ନ ପ୍ରଚ୍ଛଦ ଶିଳ୍ପୀ ରଜତ ପଟେଲଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶ୍ରୋତା ମାନଙ୍କ ମଧ୍ୟରୁ ଶିକ୍ଷାବିତ ମନୋରଞ୍ଜନ ସାହୁ, ଜିଲ୍ଲା କୋଷାଗାର ଅଧିକାରୀ ଭୀମସେନ ବାଗ ଓ ଝରଣା ପାଢ଼ୀଙ୍କୁ ଭାଗ୍ୟଶାଳୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥୀ ଧନ୍ୟବାଦ ଦେଇଥିଲେ। ଜିଲ୍ଲାର ଶତାଧିକ ବୁଦ୍ଧିଜୀବୀ, ସାମ୍ବାଦିକ, କବି, ସାହିତ୍ୟିକ, ରାଜନୈତିକ ନେତା, ଶିକ୍ଷକ, ଯୁବକ, ଛାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଚଣ୍ଡୀ ମନ୍ଦିରର ଉନ୍ନତି ପାଇଁ ୧ କୋଟି ଅନୁଦାନ ଦାବି

ସମ୍ବଲପୁର,୨୦/୫(ନି. ପ୍ର): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ନିଜ ନିର୍ବାଚନ ମଣ୍ଡଳୀରେ ଗୋଶାଳା ଚଣ୍ଡୀ ମନ୍ଦିରର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଏକ ସ୍ୱତନ୍ତ୍ର ଚିଠି କରି ମନ୍ଦିରରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିଛନ୍ତି। ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଗୋଶାଳା ଚଣ୍ଡୀ ମନ୍ଦିର ବହୁ ପୁରାତନ ଅଟେ। ମନ୍ଦିର ଯେତିକି ଉନ୍ନତି ହେବା କଥା ତାହା ଅଦ୍ୟାବଧି ହୋଇପାରିନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ମନ୍ଦିରର ନବୀକରଣ କାର୍ଯ୍ୟ ପାଇଁ ୧୪ ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ। ମାତ୍ର ତାହା ପର୍ଯ୍ୟାପ୍ତ ନୁହେଁ। ଏହିପରି ଅନେକ କାମ ଏବେବି ବାକି ରହିଛି। ମନ୍ଦିରର ପୁନଃନିର୍ମାଣ, ପାନୀୟ ଜଳ ଓ ବିଦ୍ୟୁତ ସଂଯୋଗ, ଭୋଗମଣ୍ଡପ, ବିଶ୍ରାମ କକ୍ଷ ଆଦି ନିର୍ମାଣରେ କରିବାରେ ବ୍ୟବହୃତ ହେବ । ମନ୍ଦିରର ଉନ୍ନତି ପାଇଁ ଅତି କମରେ ୧ କୋଟି ଟଙ୍କାର ଅନୁଦାନ ପ୍ରଦାନ ପାଇଁ ସେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଅନୁରୋଧ କରିଛନ୍ତି ଭକ୍ତମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅନୁଦାନ ରାଶି ଶୀଘ୍ର ପ୍ରଦାନ କରିବାକୁ ବିଧାୟକ ଶ୍ରୀ ହରିପାଲ ଦାବି କରିଛନ୍ତି।

# ପତ୍ନୀକୁ ପିଟି ପିଟି ହତ୍ୟା କରିଥିବା ସ୍ୱାମୀ ଗିରଫ

ଭଦ୍ରକ,୨୦/୫(ନି. ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଥାନା ବାରସର ପଂଚାୟତ ଅଧୀନ ସାପକାଟିଆ ଗ୍ରାମର ଉର୍ବଶୀ ଦାସ (୩୫) ନାମ୍ନୀ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ପପୁ ଦାସ (୪୦) ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୀରହାଟ ପୁଲିସ ଉର୍ବଶୀଙ୍କ ବାପା ବାଂଶଡ଼ା ଥାନା ଅଧୀନ ଛେଡ଼ାକ ଗ୍ରାମର ରମେଶ ଜେନାଙ୍କ ଅଭିଯୋଗ ମୂଳେ ୧୩୦/୨୫ରେ ଏକ ମାମଲା ରୁଜୁ କରି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଅଭିଯୁକ୍ତ ସ୍ୱାମୀ ପପୁକୁ ଗିରଫ କରିଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ, ରମେଶଙ୍କ ଝିଅ ଉର୍ବଶୀ ସାପକାଟିଆ ଗ୍ରାମର ଗୋଲେଖ ଦାସଙ୍କ ପୁଅ ପପୁଙ୍କୁ ୧୨ ବର୍ଷ ପୂର୍ବେ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ବିଭିନ୍ନ ସମୟରେ ପାରିବାରିକ କଳହ ଉପୁଜୁଥିଲା। ରବିବାର ପୂର୍ବାହ୍ନରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ହେବାରୁ ପପୁ ଏକ ବାଡ଼ି ସହାୟତାରେ ଉର୍ବଶୀକୁ ପିଟି ପିଟି ହତ୍ୟା କରିଥିବା ଅଭିଯୋଗରେ ଦର୍ଶାଯାଇଛି। ତେବେ ଘଟଣାର ଦୀର୍ଘ ସମୟ ପରେ ପପୁ ତାଙ୍କ ଶଶୁର ଘର ଲୋକଙ୍କୁ ଉର୍ବଶୀ ଛାତରୁ ଖସି ପଡ଼ି ମୃତ୍ୟୁବରଣ କରିଥିବା ନେଇ ଖବର ଦେଇଥିଲେ। ଉର୍ବଶୀଙ୍କ ବାପା ଓ ଅନ୍ୟମାନେ ସାପକାଟିଆ ଗ୍ରାମରେ ପହଂଚି ମୃତ ଦେହ ଦେଖିବା ପରେ ତାଙ୍କଝିଅକୁ ହତ୍ୟା କରାଯାଇଥିବା ମନରେ ସନ୍ଦେହ କରିଥିଲେ। ପରେ ଏ ସମ୍ପର୍କରେ ଉର୍ବଶୀଙ୍କ ବାପା ରମେଶ ପୀରହାଟ ପୁଲିସକୁ ଖବର ଦେଇଥିଲେ। ରାତି ପ୍ରାୟ ୧୧ଟା ସମୟରେ ପୁଲିସ ଘଟଣା ସ୍ଥଳରେ ପହଂଚି ଘଟଣାର ତଦନ୍ତ କରିବା ସହ ସ୍ୱାମୀ ପପୁ ଖସି ପଳାଉଥିବା ବେଳେ ପୁଲିସ ହାତରେ ଧରା ପଡ଼ିଥିଲା। ସୋମବାର ପୂର୍ବାହ୍ନ ୧୦ଟାରେ ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା ଅନ୍ୟ ପୁଲିସ ଅଧିକାରୀଙ୍କ ସହ ଘଟଣା ସ୍ଥଳରେ ପହଂଚି ମହିଳାଙ୍କ ମୃତ ଦେହକୁ ଜବତ କରିଥିବା ଜଣାଯାଇଛି।

# ଠିକାଦାରଙ୍କ ମନମାନି ପାଇଁ ଶେଷ ହୋଇ ପାରୁନି ବିଜୁସେତୁ ନିର୍ମାଣ

କେନ୍ଦ୍ରାପଡ଼ା,୨୦/୫(ନି. ପ୍ର): ଧାର୍ଯ୍ୟ ଅବଧି ଶେଷ ପରେ ବି ଶେଷ ହୋଇପାରିନି ବିଜୁ ସେତୁ ନିର୍ମାଣ କାମ। ତିନୋଟି ଭିନ୍ନ ଭିନ୍ନ ସେତୁ ନିର୍ମାଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। କିନ୍ତୁ ଅବଧି ଶେଷ ପରେ ବି ନିର୍ମାଣ କାମ ଶେଷ ହୋଇପାରୁନି। ଅସୁବିଧା ଭୋଗୁଛନ୍ତି ଲକ୍ଷାଧିକ ଲୋକେ। କେନ୍ଦ୍ରାପଡା, ପଟ୍ଟାମୁଣ୍ଡାଇ ଏବଂ ଆଳି ର ତିନି ନଦୀ ଉପରେ ନିର୍ମାଣଧୀନ ବିଜୁ ସେତୁ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି। ଏ ଅଧାପନ୍ତରିଆ ପଡିରହିଥିବା ସେତୁ ହେଉଛି କେନ୍ଦ୍ରାପଡା ସହର ଗୁଲନଗର ସ୍ଥିତ ବିଜୁ ସେତୁର ଦୃଶ୍ୟ।ପୂର୍ବରୁ ଏଠି ଗୋଟିଏ ସେତୁ ଥିବା ବେଳେ, ସହରର ଜନଗହଳିକୁ ଲକ୍ଷକରି ଗୋବରୀ ନଦୀ ଉପରେ ଆଉ ଏକ ସେତୁ ନିର୍ମାଣ ର ବ୍ୟବସ୍ଥା କରାଯାଇଥିଲା। ନଦୀ ଉପରେ ସେତୁ ପାଇଁ ୩ଟି ପିଲର ଷ୍ଟାଣ୍ଡ କରାଯିବାପରେ, କାମ ସେଉଠୁ ବନ୍ଦ ହୋଇ ପଡ଼ିରହିଛି। ୨୦୨୧ ମସିହାରେ ଆରମ୍ଭ ହୋଇଥିବା ଏହି ସେତୁ ର ନିର୍ମାଣ କାର୍ଯ୍ୟ ଏଯାଏ ସରିବାର ନାଁ ଧରୁନି। ଯାହାଫଳରେ କଟକ ଚାନ୍ଦବାଲି ରାସ୍ତାରେ, ତିନିମୁହାଣୀ ଛକ ଦେଇ ଯାତାୟାତ ରେ ନାନା ଅସୁବିଧା ଭୋଗୁଛନ୍ତି ଲୋକେ। ସବୁଠୁ ବଡ଼ କଥା ହେଲା ଏହି ସେତୁ ର ୫୦ମିଟର ଦୂରରେ ଜିଲ୍ଲାର ପୂର୍ତ୍ତ ବିଭାଗର ମୁଖ୍ୟ କାର୍ୟ୍ୟାଳୟ ଥିବାବେଳେ, ନିର୍ମାଣ କାର୍ୟ୍ୟର ବିଳମ୍ବ କୁ ନେଇ ଲୋକେ ବିଭାଗର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି।ଏ କେବଳ ଗୋଟିଏ ନୁହେଁ, ଜିଲ୍ଲାର ପଟ୍ଟାମୁଣ୍ଡାଇ ଏବଂ ଆଳି ବ୍ଲକରେ ବି ସମ ଦଶା। ଆଳି ବ୍ଲକ ଓ ରାଜନଗର ବ୍ଲକ କୁ ସଂଯୋଗ କରୁଥିବା ଅରେହିକଣା ଗ୍ରାମ ନିକଟରେ ଅର୍ଦ୍ଧନିର୍ମିତ ସେତୁ ଏବଂ ପଟ୍ଟାମୁଣ୍ଡାଇର ଜଗନ୍ନାଥପୁର ନିକଟରେ ଆରମ୍ଭ ହୋଇଥିବା ସେତୁର ନିର୍ମାଣ ଅବଧି ସରିଗଲାଣି। କିନ୍ତୁ ଅସମ୍ପୂର୍ଣ୍ଣ ସେତୁ ସ୍ଥାନୀୟ ବାସିନ୍ଦା ଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ୨୦୨୪ ନିର୍ବାଚନ ବୈତରଣୀ ପାର କରିବାକୁ ଯାଇଉଭୟ ସେତୁକୁ ଲୋକଦେଖାଣିଆ ଭାବେ କାମ କରିଥିଲେ। କିନ୍ତୁ ନିର୍ବାଚନ ସାରିବାପରେ ଉଭୟ ଠିକାଦାର ଏବଂ ବିଭାଗର ଦାଇତ୍ୱ ହୀନତା ପାଇଁ ଏବେ ଲୋକେ ଅସୁବିଧାରେ। ତେବେ ନୂଆ ସରକାର ଆସିବାପରେ ବନ୍ଦ ପଡ଼ିଥିବା ସେତୁ ନିର୍ମାଣ କାମ ତୁରନ୍ତ ଆରମ୍ଭ କରି ସମ୍ପୂର୍ଣ୍ଣ କରିବାପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଇଷ୍ଟଦେବ: ମହାପ୍ରଭୁ ଶ୍ରୀଜଗନ୍ନାଥ

ସମ୍ରାଟ କର



ଆମେ ପ୍ରତ୍ୟେକ କୌଣସି ଦେବାଦେବୀ, ସାଧୁସନ୍ଥ, ଇଷ୍ଟ, ଧର୍ମ ପ୍ରଚାରକ ବା ଆଧ୍ୟାତ୍ମିକ ବ୍ୟକ୍ତିତ୍ୱଙ୍କ ଶରଣାପନ୍ନ ହୋଇଥାଉ। ମାନସିକ ସ୍ତରରେ ଏହି ଗୁରୁ ବା ଦେବାଦେବୀ ବା ଇଷ୍ଟଦେବ ଆମ୍ଭମାନଙ୍କୁ ସାମାଜିକ ଜୀବନରେ ମାନବୀୟ ଚେତନାକୁ ଆଗେଇ ନେବା ପାଇଁ ରାସ୍ତା ଦେଖାଇଥାନ୍ତି। ପ୍ରତ୍ୟେକଙ୍କ ଜୀବନରେ ଆବଶ୍ୟକ ହୋଇଥାଏ ଏହି ଗୁରୁ ମାନଙ୍କର ମର୍ମବାଣୀ ବା ଶିକ୍ଷଣୀୟ ସମ୍ଭାଷଣ। ବିଶେଷକରି ମାନସିକ କ୍ଷେତ୍ରରେ ଯନ୍ତ୍ରଣା, ଆଘାତ ବା ଅବସାଦଗ୍ରସ୍ତ ଅନେକ ନିଜ ନିଜ ଇଷ୍ଟଦେବଙ୍କ ଶରଣାପନ୍ନ ହୋଇଥାନ୍ତି। ସେମାନଙ୍କର ସତ ଚିନ୍ତନର କଥା ଗୁଡ଼ିକ ମାନସିକ ଭାବରେ ପୀଡ଼ିତ ଜଣଙ୍କୁ ସଞ୍ଜିବନୀ ସଦୃଶ ଉପଶମର ମଲମ ଲଗାଇଥାଏ। ଜଣେ ଚିକିତ୍ସାରେ ଜାରି ରହି ମଧ୍ୟ ନିଜ ନିଜ ଇଷ୍ଟ ବା ଗୁରୁଙ୍କ ଆଶୀଷ ବାଣୀ ଦ୍ୱାରା ଜୀବନ ପ୍ରବାହକୁ ତ୍ୱରାନ୍ୱିତ କରିଥାଏ। ସେହିପରି ଗୋଟିଏ ଧାଡ଼ିରେ କହିବାକୁଗଲେ ପୂର୍ଣ୍ଣବ୍ରହ୍ମ ଶ୍ରୀଜଗନ୍ନାଥ ହେଉଛନ୍ତି କୋଟି ଓଡ଼ିଆଙ୍କର ଇଷ୍ଟଦେବ। ପ୍ରତ୍ୟେକ ମଣିଷଙ୍କର କୌଣସି ନା କୌଣସି ଇଷ୍ଟ ଦେବତା ଅଛନ୍ତି। ସେହି ଇଷ୍ଟ ଦେବତାଙ୍କୁ ପୂଜା ଅର୍ଚ୍ଚନା କରିବାର ଗୋଟିଏ ନିର୍ଦ୍ଦିଷ୍ଟ ଶୈଳୀ ଅବଲମ୍ବନ କରାଯାଏ। ମଣିଷ ଇଷ୍ଟ ଦେବତାଙ୍କୁ ନିଜ ଗୃହ ମଧ୍ୟରେ ଆପଣା ଆବାସରେ ପୂଜା କରେ। ପୁଣି ଇଷ୍ଟ ଦେବତାଙ୍କ ପାଇଁ ମନ୍ଦିର ତୋଳି ସେଠାରେ ସର୍ବସାଧାରଣଙ୍କ ମେଳିରେ ମଧ୍ୟ ପୂଜା କରେ। ଘରୋଇ ପୂଜା ଓ ମନ୍ଦିରରେ ପୂଜା ଏକ ପ୍ରକାର ହୋଇପାରେ କିମ୍ବା ଭିନ୍ନ ପ୍ରକାର ହୋଇପାରେ କିନ୍ତୁ ମାନସିକତା ସମାନ ନୁହେଁ। ନିଜ ଆବାସିକ ଗୃହ ମଧ୍ୟରେ ଯେତେବେଳେ ଇଷ୍ଟ ଦେବତାଙ୍କୁ ପୂଜା କରାଯାଏ, ସେତେବେଳେ ଇଷ୍ଟ ଦେବତା ହେଉଛି ଅତିଥି। ପୂଜକ ତାଙ୍କର ସତ୍କାର କରିବା ଉଦ୍ଦେଶ୍ୟରେ ପୂଜା କରିଥାଏ।

ଅତିଥିଙ୍କ ପ୍ରତିଯେଭଳି ମନୋଭାବ ପୋଷଣ କରିବା କଥା ଘରୋଇ ପରିବେଶରେ ଇଷ୍ଟ ଦେବତାଙ୍କ ପ୍ରତି ସେହିପରି ମନୋଭାବ ପୋଷଣ କରିବା ଦରକାର। ଏଠାରେ ମନେ ରଖିବାକୁ ହେବ, ଯେ ଅତିଥି ଜଣେ ସଂପୂର୍ଣ୍ଣ ମାନସିକତାର ଲୋକ। ତାଙ୍କ ମନ ମଧ୍ୟରେ କିଛି ଅଭାବ ନାହିଁ। ସେ କାହାକୁ କିଛି ମାଗନ୍ତି ନାହିଁ। ତାଙ୍କୁ କଣଟାଏ ଦେଲେ ତାଙ୍କର କିଛି ମଙ୍ଗଳ ହୁଏନାହିଁ ବରଂ ଯେ ଦିଏ ତାର ମଙ୍ଗଳ ହୁଏ। ଅତିଥିଙ୍କୁ ସତ୍କାର କରିବା ଦ୍ୱାରା ତାଙ୍କ ମନ ମଧ୍ୟରେ ଯେଉଁ ସନ୍ତୋଷ ଜାତ ହୁଏ, ଯେଉଁ ଅନୁକୂଳ ଭାବନା ସୃଷ୍ଟି ହୁଏ ତାହା ହିଁ ଦାତାର ମଙ୍ଗଳ ଘଟାଇଥାଏ। ଏହି ସ୍ଥଳରେ ଅତିଥିଙ୍କର ମାନ୍ୟତା ଅଧିକ କିନ୍ତୁ ଦାତାଙ୍କର ମାନ୍ୟତା ଲଘୁ। ଗରିବ କାଙ୍ଗାଳ ଲୋକଙ୍କୁ ଭୋଜନ ଦେବା ଠାରୁ ଅତିଥିଙ୍କୁ ଭୋଜନ ଦେବାରେ ମାନସ ପଟଳରେ ପାର୍ଥକ୍ୟ ପରିଲକ୍ଷିତ ହୁଏ। କାରଣ କାଙ୍ଗାଳଙ୍କୁ ଭୋଜନ ଦେଲେ କାଙ୍ଗାଳଟିର ମଙ୍ଗଳ ହୁଏ। ତାର ଅଭାବ ଅଛି ଖାଦ୍ୟାଭାବ। ତାକୁ ଖାଇବାକୁ ଦେବା ଦ୍ୱାରା ଦାତାର ମଙ୍ଗଳ ହେବା ଅପେକ୍ଷା କାଙ୍ଗାଳଟିର ମଙ୍ଗଳ ହେବା ସ୍ପଷ୍ଟ ବାରି ହୋଇଯାଏ। ଏଥିଯୋଗୁଁ ଭୋଜନଦାତା ଏଠାରେ ମାନ୍ୟତାରେ ବଡ଼ ଭୋଜନକର୍ତ୍ତା କାଙ୍ଗାଳଟିର ମାନ୍ୟତା ଲଘୁ। ତେଣୁ ଏଠାରେ ଭୋକ୍ତା କାଙ୍ଗାଳକୁ ଦୟା କରାଯାଏ। ସେ ଅତିଥି ନୁହେଁ। ତେଣୁ ଭୋକ୍ତା କାଙ୍ଗାଳଟି ଭୋଜନ କରି ସାରିବା ପରେ ଦାତା ପ୍ରତି ନିଜର ଅଧମର୍ଣ୍ଣତା ପ୍ରକାଶ କରେ। କୌଣସି କ୍ଷେତ୍ରରେ ମୁଣ୍ଡିଆଟିଏ ମାରେ। କିନ୍ତୁ ଅତିଥି କ୍ଷେତ୍ରରେ ପୁରାପୁରି ଓଲଟା। ଅତିଥିଙ୍କୁ ସତ୍କାର କରିବା ଉଦ୍ଦେଶ୍ୟରେ ଭୋଜନ ପ୍ରଭୃତି ଦେଇ ଦାତା ଅତିଥିଙ୍କ ପ୍ରତି ନିଜର କୃତଜ୍ଞତା ପ୍ରକାଶ କରନ୍ତି, ପ୍ରଣାମ କରି ଭକ୍ତି ନିବେଦନ କରନ୍ତି। ଏଠାରେ ଅତିଥିଙ୍କର ମାନସ ମଣ୍ଡଳରେ କିଛି ଅଭାବ ନଥାଏ। ତେଣୁ ଦାତାଙ୍କ ପ୍ରତି ତାଙ୍କର କଲ୍ୟାଣ ଝରିଆସେ। କାଙ୍ଗାଳ ଭୋଜନ ଓ ଅତିଥି ଭୋଜନ ମଧ୍ୟରେ ଏହି ଫରକ ଅଛି। ନିଜର ଆବାସିକ ଗୃହରେ ପୂଜା ପାଉଥିବା ନିଜର ଇଷ୍ଟ ଦେବତା ନିଜର ଅତିଥି। ତାଙ୍କୁ ପୂଜା କରିବାର ଅର୍ଥ ତାଙ୍କ ପ୍ରତି ଆତିଥ୍ୟ ପ୍ରଦାନ କରିବା। ତା ବିନିମୟରେ ତାଙ୍କ ଠାରୁ ଆଶୀର୍ବାଦ ଲାଭ କରିବା ଉଦ୍ଦେଶ୍ୟରେ ପ୍ରଣତି ନିବେଦନ କରାଯାଏ। ଶେଷରେ ପୁଷ୍ପାଞ୍ଜଳି ଅର୍ପଣ କରି ସ୍ତୁତି ସ୍ତବ ପାଠ ଦ୍ୱାରା ତାଙ୍କର ଗୁଣ କୀର୍ତ୍ତନ କରାଯାଏ। ସୁତରାଂ ଶ୍ରୀ ଜଗନ୍ନାଥଙ୍କୁ ନିଜର ଆବାସ ଗୃହରେ ପୂଜା କରିବାବେଳେ ତାଙ୍କୁ ଇଷ୍ଟ ଦେବତା ଭାବରେ ଗ୍ରହଣ କରି ସେହି ମାନସିକତାରେ ତାଙ୍କ ସହିତ ସଂପୃକ୍ତ ହେବାକୁ ପଡ଼େ।

ମନ୍ଦିର ତୋଳି ତନ୍ମଧ୍ୟରେ ଇଷ୍ଟ ଦେବତାଙ୍କୁ ପୂଜା କରିବାର ଯେପରି ସ୍ୱତନ୍ତ୍ରତା ଅଛି ସେହିପରି ସ୍ୱତନ୍ତ୍ର ମାନସିକତା ଅଛି। ମନ୍ଦିରରେ ଉପାସ୍ୟ ଇଷ୍ଟ ଦେବତାଙ୍କର ଅଧିଷ୍ଠାନ କ୍ଷେତ୍ର ହେଉଛି ସିଂହାସନ। ଉଭୟ ରାଜା ଏବଂ ଦେବତା ସିଂହାସନରେ ଉପବେଶନ କରନ୍ତି। ତେଣୁ ମନ୍ଦିରରେ ଉପାସ୍ୟ ଦେବତାଙ୍କୁ ପୂଜା ଅର୍ଚ୍ଚନା କରିବା ସମୟରେ ଦେବତାଙ୍କୁ ରାଜମର୍ଯ୍ୟାଦାରେ ମର୍ଯ୍ୟାଦିତ କରାଇ ସ୍ୱୟଂ ଉପାସକ ପୂଜକ ଭାବରେ ନିଜର ମାନସିକତା ରକ୍ଷା କରିବା କଥା। ତେବେ ଏହି ମାନସିକତାରେ ପୂର୍ବ ଆତିଥ୍ୟ ପ୍ରଦାନକାଳୀନ ମାନସିକତା ଅପେକ୍ଷା କିଞ୍ଚିତ ଭିନ୍ନତା ଥାଏ। ଉପାସକ ଯେତେବେଳେ ଉପାସ୍ୟଙ୍କୁ ପୂଜା କରନ୍ତି ସେଠାରେ ତାଙ୍କରି ପ୍ରଜାର ମାନସିକତା ଥାଏ। ସେହି ମାନସିକତାରେ ଥାଏ ଆନୁଗତ୍ୟ। ପ୍ରଜାମାନଙ୍କର ରାଜାଙ୍କ ପ୍ରତି ଆନୁଗତ୍ୟ ହେଉଛି ସବୁଠାରୁ ବଡ଼ ଗୁଣ। ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ମନ୍ଦିର ମଧ୍ୟରେ ଅଧିଷ୍ଠିତ କରାଇ ତାଙ୍କର ପୂଜା ଅର୍ଚ୍ଚନା କରିବାରେ କେତେକ ବୈଶିଷ୍ଟ୍ୟ ଅଛି ଯାହାକି ଅନ୍ୟାନ୍ୟ ଦେବ ଦେବୀଙ୍କ ମନ୍ଦିର ମାନଙ୍କରେ ପରିଲକ୍ଷିତ ହୁଏନାହିଁ। ମନ୍ଦିରରେ ଅଧିଷ୍ଠିତ ଦେବତାଙ୍କ ପ୍ରତି ରାଜମର୍ଯ୍ୟାଦାରେ ଆନୁଗତ୍ୟ ପ୍ରଦର୍ଶନ କରିବା ହେଉଛି ଏକ ସାର୍ବଜନୀନ ଶିଷ୍ଟାଚାର; କିନ୍ତୁ ଶ୍ରୀଜଗନ୍ନାଥଙ୍କୁ ମନ୍ଦିର ମଧ୍ୟରେ ଉପାସନା କରିବା ବେଳେ ଏହି ଆନୁଗତ୍ୟଭିତ୍ତିକ ଶିଷ୍ଟାଚାର ସହ କାତରତା ସଂଶ୍ଳିଷ୍ଟ। କାତରତା ଗୋଟିଏ ଭକ୍ତି ଯାହାକି ଶ୍ରୀମଦଭାଗବତ ପ୍ରତିପାଦିତ ନବଧା ଭକ୍ତିଠାରୁ ପୃଥକ।

ଓଡ଼ିଶାର ଧର୍ମ, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ସର୍ବଜନ ସ୍ୱୀକୃତ। ଓଡ଼ିଶାର ଧର୍ମ କହିଲେ ଜଗନ୍ନାଥ ଧର୍ମ ଓ ସଂସ୍କୃତି କହିଲେ ଜଗନ୍ନାଥ ସଂସ୍କୃତିକୁ ହିଁ ବୁଝାଇ ଥାଏ। ଭକ୍ତ ତାଙ୍କୁ ଯେତେବେଳେ ଯେଉଁପରି ଭାବରେ ଡାକିଛି, ଜଗନ୍ନାଥ ତାକୁ ସେତେବେଳେ ସେହି ଭାବରେ ଦର୍ଶନ ଦେଇଛନ୍ତି। କେତେବେଳେ ସେ ଶୂନ୍ୟ ପୁରୁଷ, ଦାରୁବ୍ରହ୍ମ ତ ଆଉ କେତେବେଳେ ରାମ-କୃଷ୍ଣ-ବୁଦ୍ଧ। ଏହିପରି ଭାବରେ ଆଲୋଚନା କଲେ ଜଣାଯାଏ, ଶ୍ରୀଜଗନ୍ନାଥ ଅନନ୍ତ ଚେତନାର ଆଧାର ଓ ଅମୀତ ଭାବର ଭଣ୍ଡାର। ସବୁଧର୍ମ, ସବୁ ସଂସ୍କୃତିର ଉତ୍ସରୂପେ ସେ ବିରାଜିତ। ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ଧର୍ମ ଓ ଚେତନାକୁ ସେ ଅଦ୍ଭୁତ ଭାବରେ ଅନୁପ୍ରାଣିତ କରି ମାନବ ଜାତିର ସଂହତି ରୂପେ ବିଦ୍ୟମାନ।

ଶ୍ରୀଜଗନ୍ନାଥ ଓଡ଼ିଶାର ଧର୍ମ ଓ ସଂସ୍କୃତିର ମୂଳପିଣ୍ଡ। ଯୁଗ ଯୁଗ ଧରି ଜଗନ୍ନାଥ ଧର୍ମ ଓଡ଼ିଶାର ଜାତୀୟ ଜୀବନକୁ ପ୍ରଭାବିତ କରିଛି। ଓଡ଼ିଆର ଓଡ଼ିଆତ୍ୱ, ଓଡ଼ିଆ ଚିନ୍ତାର ଚିନ୍ତନ ଓ ଓଡ଼ିଆ ଜାତିର ଜାତୀୟତା ଏ ସବୁର ପରାକାଷ୍ଠା ଶ୍ରୀଜଗନ୍ନାଥଙ୍କ ଉପାସନାରୁ ସମ୍ଭବ ହୋଇ ପାରିଛି। ଓଡ଼ିଆ ଚାଲିଚଳନ, ରୀତିନୀତି, ସାହିତ୍ୟ, ଚିତ୍ରକଳା, ନୃତ୍ୟ, ସଙ୍ଗୀତ, ଦର୍ଶନ ଓ ମୂଲ୍ୟବୋଧରେ ଜଗନ୍ନାଥ ଧର୍ମ ଓ ଦର୍ଶନର ପ୍ରଭାବ ଯଥେଷ୍ଟ ଭାବରେ ପଡ଼ିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ପରମବ୍ରହ୍ମ ଏବଂ ସମସ୍ତ ଧର୍ମ ଧାରା ଓ ସମ୍ପ୍ରଦାୟ ମଧ୍ୟରେ ଏକ ବିରାଟ ସମନ୍ୱୟ ରୂପେ ପ୍ରତିଷ୍ଠିତ।

+ ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ,
ମୋ : ୯୧୩୨୪୩୩୩୩୩

## ବିବାହ

ଭାରତୀୟ ସମାଜରେ ବିବାହ କେବଳ ଏକ ସାମାଜିକ ପରମ୍ପରା ନୁହେଁ ବରଂ ବିବାହ ଦୁଇଟି ମଣିଷର ଅତୁଟ ବନ୍ଧନ ସହ ଏକ ସୁସ୍ଥ ସମାଜ ଗଠନର ପ୍ରକ୍ରିୟା ମଧ୍ୟ। ସେଥିପାଇଁ ତ ହିନ୍ଦୁ ଧର୍ମର ଷୋହଳ ଗୋଟି ସଂସ୍କାର ମଧ୍ୟରୁ ବିବାହ ହେଉଛି ମହତ୍ୱପୂର୍ଣ୍ଣ ପ୍ରଥମ ସଂସ୍କାର। ବିବାହର ପ୍ରକୃତ ଅର୍ଥ ହେଉଛି ବହନ କରିବା। ଜଣେ ଆରଜଣଙ୍କ ଦାୟିତ୍ୱ ନେବା। ଉଭୟେ ଉଭୟଙ୍କ ସୁଖଦୁଃଖର ସହଭାଗି ହେବା। ଏ ଦାୟିତ୍ୱକୁ କେବଳ ନିଜ ଭିତରେ ସୀମିତ ନରଖି ପରିବାରକୁ ସଂସ୍କାରିତ କରିବା ସହ ଉତ୍ତମ ସଂସ୍କାର ସମ୍ପନ୍ନ ସନ୍ତାନ ଦେଇ ସମାଜକୁ ବିକାଶ କରାଇବାର ଗୁରୁ ଦାୟିତ୍ୱ ଏହି ବିବାହ ଭିତରେ ନିହିତ ଥାଏ। ଜୀବନର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ବିବାହ। ଏହିଠାରୁ ଜୀବନ ନୂତନ ମୋଡ଼ ନିଏ। ତେଣୁ ବିବାହର ନିଷ୍ପତ୍ତି ଭିତରେ ପରିବାର ଓ ସଂପର୍କୀୟଙ୍କ ଉଭୟ ଗୁରୁଜନ ଏବଂ ଲଘୁଜନଙ୍କ ସହଭାଗିତା ସହ ଯୁକ୍ତିଯୁକ୍ତ ବିଚାର ରହିବା ନିହାତି ବିଧେୟ। ଆଗରୁ ବିବାହର ପ୍ରସ୍ତାବ କେବଳ ଗୁରୁଜନ ମାନେ ନେଇ ଆସୁଥିଲେ। ତା'ପରେ ପୁଅଘର ଗୁରୁଜନ ଯାଉଥିଲେ ଝିଅ ଘର ଦେଖିବାକୁ ଓ ପରେ ଝିଅ ଘର ଗୁରୁଜନ ଆସୁଥିଲେ ପୁଅଘରକୁ ବୁଝିବାକୁ। କେବଳ ପୁଅ କିମ୍ବା ଝିଅକୁ ପସନ୍ଦ କରି ବିବାହ ଠିକ୍ କରିନଦେଇ ଉଭୟେ ଉଭୟଙ୍କ ପରିବାରକୁ ବୁଝୁଥିଲେ। ଏହାଦ୍ୱାରା ଯେଉଁ ପରିବାରରେ ଅଭଦ୍ର, ଅସଂସ୍କାରିତ, ମଦ୍ୟପି, ହତ୍ୟାକାରୀ, ଚରିତ୍ରହୀନ ଥିବେ ସେ ପରିବାରରେ ଝିଅ ଦେବା ଅର୍ଥ ଝିଅର ଜୀବନକୁ ନଷ୍ଟ କରିବା ସହ ସେଠାରେ ଜନ୍ମିତ ସନ୍ତାନ ମଧ୍ୟ ଅଚରିତ୍ର ହୋଇ ସମାଜ ନଷ୍ଟର କାରଣ ହେବ ଜାଣି ପାରୁଥିଲେ। ଉଭୟ ପରିବାର ପରସ୍ପର ପସନ୍ଦ ଯୋଗ୍ୟ ହେଲେ ପରବର୍ତ୍ତି ସମୟରେ ଉଭୟ ପକ୍ଷ ବାଗଦାନ ଅର୍ଥାତ କଥାବାର୍ତ୍ତା ହୋଇ ଲଗ୍ନସ୍ଥିର କରୁଥିଲେ। ଏହାପରେ କନ୍ୟାର ଭାଇ ବରକୁ ନିମଂତ୍ରଣ କରିବାକୁ ଯଉଥିଲେ। ପ୍ରଥମ ପର୍ଯ୍ୟାୟରେ ପରିବାରର ଗୁରୁଜନ ମାନେ ଏହି ପ୍ରସ୍ତାବକୁ ସ୍ଥିର କରିଥିବା ବେଳେ ଭଉଣୀକୁ ଦେବାରେ ଭାଇର ବି ଯେପରି ସମ୍ମତି ଓ ଯୋଗଦାନ ରହିଛି ଏଠାରୁ ଭାଇ ବି ଅନୁଭବ କରୁଥିଲା। ବିବାହ ମଣ୍ଡପରେ ପବିତ୍ର ଯଜ୍ଞ ଅଗ୍ନିକୁ ସାକ୍ଷୀ ରଖି ନବବରବଧୂ ସାତ ଘେରା ପରିକ୍ରମା କରିବା କଥା ସମସ୍ତେ ଜାଣନ୍ତି। ନିଜ ପାରିବାରିକ ଜୀବନର ସୁଖଶାନ୍ତି ପାଇଁ ଏହି ସମୟରେ ବର ବଧୂ ନିକଟରେ ସାତଟି କାମନା ରଖେ। ବର ପ୍ରଥମେ କହେ ହେ ମୋର ଜୀବନସାଥି ତୁମେ କେବେ ମୋ ଐଶ୍ୱର୍ଯ୍ୟର ବାଧିକା ହେବ ନାହିଁ। ଅର୍ଥାତ ଆବଶ୍ୟକ ଠାରୁ ଅଧିକ ଦାବି କରି ମୋ ଆର୍ଥିକ ବୋଝକୁ ବଢ଼ାଇବ ନାହିଁ। ଦ୍ୱିତୀୟରେ ମୋର ମାନସିକ ଓ ଶାରୀରିକ ଶକ୍ତିକୁ ନଷ୍ଟ ହେବାକୁ ଦେବ ନାହିଁ। କୁହାଯାଏ ଯେ ନାରୀଙ୍କ କଥା ଛୁରୀ ଠାରୁ ବି ତୀକ୍ଷଣ, ଥରେ ଥରେ ସେମାନେ ଏମିତି କଥା କହିଦିଅନ୍ତି ସାରା ଦିନ ବାଧିବ। ତେଣୁ ତୁମେ ସେମିତି କିଛି କହିବ ନାହିଁ। ତୃତୀୟରେ ମୋର ଉପାର୍ଜନକୁ ଦୃଷ୍ଟିରେ ରଖି ବ୍ୟୟ କରିବାର ପରାମର୍ଶ ଦେବ। ଚତୁର୍ଥରେ ଯାହାକୁ ଯେପରି ବ୍ୟବହାର ଦେବା କଥା ସେପରି ବ୍ୟବହାର ଦେବ ଯାହାଦ୍ୱାରା ପରିବାରରେ ଆନନ୍ଦମୟ ବାତାବରଣ ରଖିବାରେ ସହାୟକ ହେବ। ପଂଚମରେ ଆମ ସନ୍ତାନ ଭବିଷ୍ୟତରେ ଯେପରି ସଂସ୍କାରବାନ, ଗୁଣବାନ ହେବେ ସେଥିପ୍ରତି ପୂର୍ଣ୍ଣ ଯତ୍ନବାନ ରହିବ। ଷଷ୍ଠରେ ସୁଖଦୁଃଖ ଉଭୟ ପରିସ୍ଥିତିକୁ ଲକ୍ଷରେ ରଖି ସେହି ଅନୁଯାୟୀ ନିଜ ଆଚରଣ ପ୍ରଦର୍ଶନ କରିବ। ଅଷ୍ଟମରେ ଆଜିଠାରୁ ତୁମେ ଓ ମୁଁ ବନ୍ଧୁ ହୋଇଗଲୁ। ତୁମ ଓ ମୋ ଭିତରେ କେହି ବଡ଼ କିମ୍ବା ସାନ ନହୁଁ ଉଭୟେ ପରସ୍ପରର ଅର୍ଦ୍ଧାଙ୍ଗ ଓ ଅର୍ଦ୍ଧାଙ୍ଗୀ। ତେଣୁ ଏକୁଟିଆ କୌଣସି ନିଷ୍ପତ୍ତି ନନେଇ ପ୍ରତି ବିଷୟରେ ମିଳିତ ବିଚାର କରିବା। ଏହି ମିଳିତ ବିଚାର ପ୍ରସଙ୍ଗରେ ରାମାୟଣର ରାମଚଂଦ୍ରଙ୍କ ବନବାସ ଯିବା ସମୟର ପ୍ରସଙ୍ଗଟିଏ ମନେ ପଡ଼େ। ରାମଚଂଦ୍ର ବନବାସ ବେଶରେ ବିଦାୟ ନେବାକୁ ମାଆ କୌଶଲ୍ୟାଙ୍କ ନିକଟକୁ ଗଲା ବେଳେ ରାମଙ୍କ ଏବେଶ ଦେଖି ମାଆ ଆଶ୍ଚର୍ଯ୍ୟ ହୋଇ ଏକି ବେଶ ବୋଲି ପ୍ରଶ୍ନ କରନ୍ତେ ରାମ ପିତାଙ୍କ ଆଦେଶ ବଦଳି ଯାଇଛି ଓ ସେ ମୋତେ ବଣକୁ ଯିବାକୁ କହିଛନ୍ତି। ଏକଥା ଶୁଣି ସେ ଏକୁଟିଆ ଆଦେଶ ଦେଇ ପାରିବେନି, ମୁଁ ତାଙ୍କର ଅର୍ଦ୍ଧାଙ୍ଗିନୀ ! ମୋତେ ନ ପଚାରି କେମିତି ଆଦେଶ ଦେଲେ ବୋଲି କୌଶଲ୍ୟା ପ୍ରଶ୍ନ କରିଥିଲେ। ଏହା ଶୁଣି ରାମଚଂଦ୍ର ଏଥିରେ ମଧ୍ୟମା ମାଆଙ୍କ ସମ୍ମତି ରହିଥିବା କଥା କହିଲା ପରେ ତା'ହେଲେ ଠିକ୍ ଅଛି ବୋଲି କୌଶଲ୍ୟା କହିଥିଲେ। ପରସ୍ପରର ଭାର ବହନ କରିବା ଅର୍ଥ ପରସ୍ପରକୁ ବୁଝିବା ଓ ପରସ୍ପରର ଅଭାବ ଯଥାସମ୍ଭବ ଦୂର କରିବା। କିଛିଦିନ ପାଇଁ ପତି ଯଦି ବାହାରକୁ ଯାଆନ୍ତି ସେତେବେଳେ ପତ୍ନୀ ଫୋନ କରି ବାରମ୍ବାର ପଚାରୁଥିବ କେତେ ବେଳେ ପହଂଚିଲ, ଖାଇଲକି ନାହିଁ, କଣ ଖାଇଲ, ପାଣି ପିଉଛ ତ, ଔଷଧ ମନେ ପକାଇ ଖାଇବ ଏମିତି କେତେ କଣ ! ସେପଟୁ ପତି ପଚାରୁଥିବ ରୋଷେଇ ସାରିଲଣି, ତୁମର ମୁଣ୍ଡବ୍ୟଥା ହେଉଥିଲା କମିଲା ନା ନାହିଁ, ଠିକ୍ ସମୟରେ ଖିଆପିଆ କରିବ ଏମିତି କେତେ କଥା। ଏହାର ଅର୍ଥ ହେଉଛି କେହି ଯେମିତି କାହାର ଅଭାବ ଅନୁଭବ ନ କରନ୍ତୁ। ଏଠାରେ ହିଁ ବିବାହର ପ୍ରକୃତ ଅର୍ଥର ପରିପ୍ରକାଶ ଘଟେ। ଆମେ ଦୁହେଁ ଦୁହିଁଙ୍କ ଦାୟିତ୍ୱ ନେଇଛୁ ଏକଥା ପରସ୍ପର ହୃଦବୃଦ୍ଧ କରିବା ସହ ଜାଣନ୍ତୁ ଯେ ଦୁହେଁ ମିଶି ଗୋଟିଏ ପରିବାର ଓ ସମାଜର ଦାୟିତ୍ୱ ନେଇଛନ୍ତି। ବିବାହ ପରେ ପରିବାର ସହ ସମସ୍ତେ ମିଳିମିଶି ରହିଲେ ଦୟା, କ୍ଷମା, ଧୈର୍ଯ୍ୟ, ସହନଶୀଳତା ଭଳି ଅନେକ ସଦଗୁଣର ବିକାଶ ହୋଇଥାଏ, ଯାହାଦ୍ୱାରା ପାରିବାରିକ ଜୀବନ ଶୃଙ୍ଖଳିତ ହେବା ସହ ବ୍ୟକ୍ତିତ୍ୱର ବିକାଶ ଘଟେ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ନୟନ ପଥଗାମୀ ତାଙ୍କେ ଭକତ......

ବାଦଲ ଭୂୟାଁ

**ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ ମାଧ୍ୟମରେ ଶୂନ୍ୟରୂପୀ ଭଗବାନ ଓଁକାର ବା ପ୍ରଣବ ରୂପ ଧାରଣ କରିଅଛନ୍ତି। ଏହି ଚିନ୍ତାଧାରା ବୈଦିକ ଦର୍ଶନ ଉପରେ ପ୍ରତିଷ୍ଠିତ। ଉପନିଷଦର ପରମାତ୍ମା ଭଗବାନଙ୍କର ଯେଉଁ ରୂପ ବର୍ଣ୍ଣିତ ହୋଇଛି ତାହା ଶ୍ରୀଜଗନ୍ନାଥଙ୍କର କଳେବରରେ ପ୍ରତିଫଳିତ। ଉପନିଷଦରେ କୁହାଯାଇଛି, ପରମ ପୁରୁଷ ବା ପରଂବ୍ରହ୍ମ ଚକ୍ଷୁ, ନାସା, କର୍ଣ୍ଣ, ପଦ ବିନା ସମସ୍ତ ବିଷୟ ଦର୍ଶନ କରିପାରନ୍ତି, ଶ୍ରବଣ କରିପାରନ୍ତି, ଗ୍ରହଣ କରିପାରନ୍ତି ଏବଂ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ବିଚରଣ କରିପାରନ୍ତି। ବିଶ୍ୱର ସବୁଧର୍ମ ସଂସ୍କୃତିର ମୂଳପିଣ୍ଡ ଶ୍ରୀଜଗନ୍ନାଥ ହେଉଛି ଏକ ଗଣ ଦେବତା। ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ଏକ ଗଣ ସଂସ୍କୃତିରେ ପରିଚିତ ହେବା ସ୍ୱାଭାବିକ।**

ନୀଳ ସରଗ ମୁଣ୍ଡ ଉପରେ। ନୀଳ ସମୁଦ୍ରର ନୀଳ ଲହରୀ ନିକାଞ୍ଚନ ବେଳା ଭୂମିରେ ମୁଣ୍ଡ ପିଟୁଥିଲା। ସେତେବେଳେ ଏବର ପୁରୀ ସହର ନଥିଲା, ଲୋକ ବସତି ଏତେ ନିବିଡ଼ ନଥିଲା। ସମୁଦ୍ର କୂଳରେ ଏକ ପାହାଡ଼, ବଣଘେରା ପାହାଡ଼ ଓ ପାହାଡ଼ ଚାରିପଟେ କଣ୍ଟେଇ କୋଳି, ବୁଦାଭଇଞ୍ଚ ଜଙ୍ଗଲ। ଏହି ବଣ ଓ ପାହାଡ଼ କୋଳରେ କେତୋଟି ନୂଆଣିଆ କୁଡ଼ିଆ ଶବରମାନଙ୍କର। ଏହି ବଣରେ ନିଘଞ୍ଚ କଣ୍ଟାବୁଧା ମଧ୍ୟରେ ବଡ଼ ବଡ଼ ବର, ଅଶ୍ୱତଥ, ତାଳ, ପଣସ ଓ ବାଜାଆମ୍ବ ଗଛ ମଧ୍ୟ ଥିଲା। ଝଙ୍କାଳିଆ ବରଗଛ ଓ ତେନ୍ତୁଳି ଗଛରେ ହଳଦୀବସନ୍ତ, ବଣି, ଶୁଆ, କପୋତ ପକ୍ଷୀମାନେ ନିର୍ଭୟରେ ରହୁଥିଲେ। ସନ୍ଧ୍ୟା ସମୟରେ ପକ୍ଷୀ କୂଜନରେ ଏହି ନିଘଞ୍ଚ ଜଙ୍ଗଲ ଭୂମି ପ୍ରକମ୍ପିତ ହେଉଥିଲା। ବାଲିବନ୍ତ ମଧ୍ୟରେ କେତେଟା ଶବରମାନଙ୍କର କୁଡ଼ିଆ ମୁଣ୍ଡ ଟେକିଥିଲା, ବେଳାଭୂମି ନିର୍ଜନ ଓ ଏହି ବଣ ଜଙ୍ଗଲରେ ଶବରମାନେ ଫଳମୂଳ ଖାଇ ଜୀବନ ଧାରଣ କରୁଥିଲେ। ପୁରୀ ସହର, ବଡ଼ଦେଉଳ, ବଡ଼ଦାଣ୍ଡ କିଛି ନଥିଲା।

ସେହି ଅତୀତ ଯୁଗ କାହାଣୀ କୁହାଯାଉଛି, ସେତେବେଳେ ନୀଳକନ୍ଦରରେ ଶବରରାଜା ବସୁ ଏକ ଦେବତା ପୂଜା କରୁଥିଲା। ତାଙ୍କ ନାଁ କୁଆଡ଼େ 'ବିଶ୍ୱାବସୁ'। ବିଶ୍ୱାସ ହୁଏନାହିଁ, ହୁଏତ ବସୁ ବା ବସୁଆ ବା ବିଶିଆ। ସେ ଏକ ଠାକୁର ପୂଜା କରୁଥିଲା ଗଛର କୋହ୍ଲିରେ କିମ୍ବା ପାହାଡ଼ ଗୁମ୍ଫାରେ। ସେ ଯାଏ ଜଙ୍ଗଲକୁ ଯାହା କିଛି କନ୍ଦମୂଳ ଫଳ ପାଏ, ତାହା ଆଗ ଠାକୁରଙ୍କୁ ଭୋଗ ଦେଉଥିଲା। ସେ ଠାକୁର ତାର ବଡ଼ ଠାକୁର, ମାତ୍ର ବଡ଼ ଦେଉଳ ସେ ଗଢ଼ିପାରି ନଥିଲା।

କିମ୍ବଦନ୍ତୀରେ ଶ୍ରୀଜଗନ୍ନାଥ : ଲୋକମୁଖର କାହାଣୀ ନାଁ କିମ୍ବଦନ୍ତୀ। ଶ୍ରୀଜଗନ୍ନାଥଙ୍କୁ ଶବର ଦେବତା କୁହାଯାଇଥାଏ। ଆର୍ଯ୍ୟ ପୂର୍ବ ଭାରତରେ ଗଛପୂଜା ଥିଲା। ଏବେ ବି ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ଗଛପୂଜା ଦେଖାଯାଏ। ଗଛପୂଜାରୁ ଦାରୁବ୍ରହ୍ମ କଥାଟି ଆସିଛି। ଶ୍ରୀଜଗନ୍ନାଥେ ଦାରୁବ୍ରହ୍ମ। ଏ ସମ୍ପର୍କରେ ପ୍ରଥମ ଲୋକ କଥା ବା କିମ୍ବଦନ୍ତୀ ହେଲା ଯେ ନୀଳକନ୍ଦରରେ ନୀଳମାଧବ ରୂପରେ ଶ୍ରୀଜଗନ୍ନାଥ ଶବର ରାଜା ବିଶ୍ୱାବସୁଙ୍କ ଦ୍ୱାରା ପୂଜା ପାଉଥିଲେ। ପୁରୁଷୋତ୍ତମ କ୍ଷେତ୍ରରେ ଏହି ନୀଳକନ୍ଦର ବିଦ୍ୟମାନ ଥିଲା ବୋଲି ମଧ୍ୟ ଉତ୍କଳଖଣ୍ଡରେ ବର୍ଣ୍ଣିତ। ଉତ୍କଳ ଖଣ୍ଡ ସ୍କନ୍ଦ ପୁରାଣ ଅନ୍ତର୍ଗତ।

ଏହି ହେଲା ପୁରୁଷୋତ୍ତମ ଶ୍ରୀକ୍ଷେତ୍ରର ମହିମା। ଶ୍ରୀଜଗନ୍ନାଥଙ୍କ ସେବକମାନଙ୍କ ସମ୍ପର୍କରେ ସେହି ପଦ୍ୟରେ କୁହାଯାଇଛି - 'ଶବରର ଘରେ ଯେଉଁ ପୁତ୍ର ହେବ ଜାତ, ଦଇତ ସେବକ ହେବେ ବୋଲେ ଜଗନ୍ନାଥ। ଯେଉଁ ବ୍ରାହ୍ମଣ ତୋହର ଦୂତ ପଣେ ଗଲା, ନୀଳ ଯେ ମାଧବ ରୂପ ଭେଟ ସେ ପାଇଲା। ସେ ବ୍ରାହ୍ମଣ ଘରେ ଯେଉଁ ପୁତ୍ର ହେବ ଜାତ, ପ୍ରକୃତ ସେବକ ସେ ବୋଇଲେ ଜଗନ୍ନାଥ। ବିଦ୍ୟାପତି ବ୍ରାହ୍ମଣ ଯେ ଦୂତ ପଣେ ଗଲା, ଶବର ଝିଅଙ୍କୁ ସେ ଯେ ପ୍ରଦାନ ହୋଇଲା। ଶବରୁଣୀ ଠାରୁ ଯେଉଁ ପୁତ୍ର ହେବ ଜାତ, ଶୁଦ୍ଧ ଶୁଆର ସେ ହେବ ବୋଲେ ଜଗନ୍ନାଥ।' ସ୍ମରଣାତୀତ କାଳରୁ ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଆବିର୍ଭୂତ ହୋଇଛନ୍ତି। ଏହି ପରମ ପାବନ କ୍ଷେତ୍ର ଯେ ପୃଥିବୀର ଏକ ପ୍ରାଚୀନ ଧର୍ମପୀଠ ଏହା ବିନା ଦ୍ୱିଧାରେ କୁହାଯାଇପାରେ। କିନ୍ତୁ ଏହି କ୍ଷେତ୍ରର ଅଧିଷ୍ଠାତା ଦେବତା ଶ୍ରୀଜଗନ୍ନାଥଙ୍କର ଇତିବୃତ୍ତ ଅଦ୍ୟାବଧି ରହସ୍ୟାବୃତ୍ତ ହୋଇ ରହି ଆସିଛି। ବିଭିନ୍ନ ପୁରାଣ, କିମ୍ବଦନ୍ତୀ ଓ ଇତିହାସ ସେ ରହସ୍ୟ ଭେଦ କରି ପାରି ନାହାନ୍ତି।

କଥାରେ କୁହାଯାଇଛି, ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ରହସ୍ୟ ଦେବଗଣଙ୍କୁ ମଧ୍ୟ ଆଗୋଚର ସାଧାରଣ ମାନବ ପକ୍ଷେ ସେ ରହସ୍ୟ ଭେଦ କରିବା ଅସମ୍ଭବ। ଶ୍ରୀଜଗନ୍ନାଥ ବେଦବର୍ଣ୍ଣିତ ବିରାଟ ପୁରୁଷଙ୍କ ପ୍ରତୀକ ବିଗ୍ରହ। ସେ ସୁର୍ବୋଧ୍ୟ, ଉପନିଷଦ ଦର୍ଶନର ମୂର୍ତ୍ତିମନ୍ତ ବିଗ୍ରହ। ପୁରୀର ନାମ ହୁଏତ ଦିନେ ଥିଲା ପୁରୁଷୋତ୍ତମ ପୁରୀ ଓ ଜଗନ୍ନାଥ ପୁରୀ। ନାମ ସଂକ୍ଷିପ୍ତୀକରଣ ପ୍ରକ୍ରିୟାରେ ହୋଇଗଲା ପୁରୀ। ଏହାର ଅନ୍ୟାନ୍ୟ କେତୋଟି ନାମ ହେଲା ଶ୍ରୀକ୍ଷେତ୍ର, ନୀଳାଚଳ କ୍ଷେତ୍ର, ନୀଳାଚଳ ଧାମ, ଶଙ୍ଖକ୍ଷେତ୍ର, ପୁରୁଷୋତ୍ତମ କ୍ଷେତ୍ର, ପୁରୁଷେଶତ୍ତମ ଧାମ, ନୀଳାଦ୍ରି। ବ୍ରିଟିଶ ଶାସନ ସମୟରେ ସରକାରୀ ନଥିପତ୍ରରେ ଠାଏ ଠାଏ ପୁରୀ ଜାଗାରେ ଜଗନ୍ନାଥ ଶବ୍ଦ ବ୍ୟବହୃତ ହୋଇଛି। ଉଭୟ ଶବ୍ଦ ହୋଇଯାଇଛି ସମାର୍ଥକ।



ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ ମାଧ୍ୟମରେ ଶୂନ୍ୟରୂପୀ ଭଗବାନ ଓଁକାର ବା ପ୍ରଣବ ରୂପ ଧାରଣ କରିଅଛନ୍ତି। ଏହି ଚିନ୍ତାଧାରା ବୈଦିକ ଦର୍ଶନ ଉପରେ ପ୍ରତିଷ୍ଠିତ। ଉପନିଷଦର ପରମାତ୍ମା ଭଗବାନଙ୍କର ଯେଉଁ ରୂପ ବର୍ଣ୍ଣିତ ହୋଇଛି ତାହା ଶ୍ରୀଜଗନ୍ନାଥଙ୍କର କଳେବରରେ ପ୍ରତିଫଳିତ। ଉପନିଷଦରେ କୁହାଯାଇଛି, ପରମ ପୁରୁଷ ବା ପରଂବ୍ରହ୍ମ ଚକ୍ଷୁ, ନାସା, କର୍ଣ୍ଣ, ପଦ ବିନା ସମସ୍ତ ବିଷୟ ଦର୍ଶନ କରିପାରନ୍ତି, ଶ୍ରବଣ କରିପାରନ୍ତି, ଗ୍ରହଣ କରିପାରନ୍ତି ଏବଂ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ବିଚରଣ କରିପାରନ୍ତି। ବିଶ୍ୱର ସବୁଧର୍ମ ସଂସ୍କୃତିର ମୂଳପିଣ୍ଡ ଶ୍ରୀଜଗନ୍ନାଥ ହେଉଛି ଏକ ଗଣ ଦେବତା। ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ଏକ ଗଣ ସଂସ୍କୃତିରେ ପରିଚିତ ହେବା ସ୍ୱାଭାବିକ। ଏହି ସଂସ୍କୃତିରେ ଅନାର୍ଯ୍ୟଭାବ, ଆର୍ଯ୍ୟଭାବ, ହିନ୍ଦୁ, ଜୈନ, ବୌଦ୍ଧ, ଶାକ୍ତ, ଶୈବ, ଗାଣପତ୍ୟ ଓ ବୈଷ୍ଣବଭାବପ ପ୍ରଭୃତି ବିଭାବ ଦ୍ୱାରା ଭାବମୟ ଶ୍ରୀଜଗନ୍ନାଥ ଉପାସିତ। ବିଭିନ୍ନ ଧର୍ମଦେତାମାନେ ଶ୍ରୀଜଗନ୍ନାଥଙ୍କୁ ନିଜର ଉପାସ୍ୟ ଭାବେ ଗ୍ରହଣ କରିନେବା ପାଇଁ ସର୍ବଦା ବ୍ୟାକୁଳ ପ୍ରୟାସ କରିଅଛନ୍ତି। ଶ୍ରୀଜଗନ୍ନାଥ ସର୍ବଧର୍ମମତାଶ୍ରୟୀଙ୍କର ଏକ ମିଳନ ତୀର୍ଥ ଯାହାକି ଧର୍ମଯାଜକ, ପରିବ୍ରାଜକ, ବୈଜ୍ଞାନିକ, ଦାର୍ଶନିକ, ଗବେଷକ ତଥା ମହାମନିଷୀମାନଙ୍କୁ ଯୁଗେ ଯୁଗେ ଆକୃଷ୍ଟ କରିବାରେ ସମର୍ଥ। ଶ୍ରୀଜଗନ୍ନାଥ ଏକ ଶାଶ୍ୱତ ନିର୍ବାଣର ଉତ୍ସ। ବିଶ୍ୱର ସମସ୍ତ ଧର୍ମର ଚରମ ଲକ୍ଷ୍ୟ ଯଦି ମୋକ୍ଷ ହୁଏ, ତେବେ ନନ୍ଦିଘୋଷରେ ଶ୍ରୀଜଗନ୍ନାଥ ଦର୍ଶନ, ରଥ ଚକତଳେ ଆତ୍ମବିସର୍ଜନ, ଶ୍ରୀକ୍ଷେତ୍ରରେ ମୃତ୍ୟୁବରଣ, ସ୍ୱର୍ଗଦ୍ୱାରରେ ଶବସତ୍କାର, ବାଇଶି ପାହାଚରେ ପିଣ୍ଡ ତଥା ଦୀପଦାନ ଓ ଗର୍ଭଗୃହରେ ବ୍ରହ୍ମ ଦର୍ଶନଜନିତ ପୁଣ୍ୟ ବଳରେ ଏହି ମୋକ୍ଷପ୍ରାପ୍ତି ସମ୍ଭବ ବୋଲି ଲୋକ ବିଶ୍ୱାସ ଅଛି। ଶ୍ରୀକ୍ଷେତ୍ର ସଂସାରୀମାନଙ୍କ ପାଇଁ ଯେପରି ଭୋଗକ୍ଷେତ୍ର, ମୋକ୍ଷାଭିଳାଷୀମାନଙ୍କ ପାଇଁ ସେହିପରି ଏକ ମୋକ୍ଷକ୍ଷେତ୍ର ମଧ୍ୟ। ଶ୍ରୀଜଗନ୍ନାଥ ସଂସ୍କୃତିରେ ଜୀବନ ପ୍ରତି ଅମୃତ ଦୃଷ୍ଟିକୋଣ ସଂପ୍ରସାରିତ ହୋଇଅଛି। ସେଇଠି ନାହିଁ ମୃତ୍ୟୁର ଭାବନା, ଶୋକ ଆଉ ଶୋଚନା, ନିରାଶା ଆଉ ମୁହ୍ୟମାନତା। ସେଇଠି ଏକ ଅନନ୍ତ ଜାଗରଣ ଓ ଜ୍ୟୋତି ଜୀବନକୁ ଚିରସଞ୍ଜୀବିତ ଓ ଉର୍ଜସ୍ୱଳ କରି ରଖେ। ଓଡ଼ିଶାବାସୀ ଶ୍ରୀଜଗନ୍ନାଥଙ୍କ ଭିତରେ ଏହି ଅମୃତ ତତ୍ତ୍ୱର ସନ୍ଧାନ ପାଇଥିଲେ ବୋଲି ତାହାଙ୍କୁ ସର୍ବବିଶ୍ୱରେ ପରିବ୍ୟାପ୍ତ ପରଂବ୍ରହ୍ମସ୍ୱରୂପୀ ପୁରୁଷୋତ୍ତମ ବୋଲି ବନ୍ଦନା କରିଛନ୍ତି। ଶ୍ରୀଜଗନ୍ନାଥଙ୍କର ଏହି ସ୍ୱରୂପ ଉପନିଷଦ ମାନଙ୍କରେ ବର୍ଣ୍ଣିତ ଅପ୍ରାଣିପାଦ, ଅଚକ୍ଷୁ, ଅକର୍ଣ୍ଣ, ଅଥଚ ସର୍ବଗମ, ସର୍ବଦ୍ରଷ୍ଟା ଓ ସର୍ବଶ୍ରୋତା ପୁରୁଷୋତ୍ତମଙ୍କ ସ୍ୱରୂପ ସହିତ ସମାନ। ନିଖିଳ ବିଶ୍ୱ ପାଇଁ ଆତ୍ମ ପୁରୁଷର ପୂର୍ଣ୍ଣତ୍ୱ ପ୍ରାପ୍ତି ଓ ଏହି ଲକ୍ଷରେ ତ୍ୟାଗ ତଥା ଆତ୍ମୋତ୍ସର୍ଗ ହିଁ ହେଉଛି ଉତ୍ତମ ପୁରୁଷ ବା ପୁରୁଷୋତ୍ତମର ଲକ୍ଷଣ। ଏହି ବିଶ୍ୱଚେତନା ଶିଖାଇଛି ଶ୍ରୀଜଗନ୍ନାଥ ସଂସ୍କୃତି। ମହାପ୍ରଭୁଙ୍କ କୃପା ବର୍ଣ୍ଣନା କରି ଭକ୍ତି ନୈବେଦ୍ୟ ଅର୍ପଣ କରି କବି ଭାଷାରେ ରଖୁଛି - 'ଧନ୍ୟ ସେ କୃଷ୍ଣମୂର୍ତ୍ତି ଜଗନ୍ନାଥ, ନୟନ ପଥଗାମୀ ତାକେ ଭକତ। ଧନ୍ୟ ମୋ ଜୀବନ, ଏ ଧନ୍ୟ ମୋ ଆଖି, ଯାହାକୁ କୋଟି ଜନ ନିରତେ ଡାକି।'

+ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## କୂଟନୀତିକ ପ୍ରଚାର..

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ସହିତ ସଦ୍ୟ ସୃଷ୍ଟ ଉତ୍ତେଜନା ଏବଂ 'ଅପରେସନ୍ ସିନ୍ଦୂର' ନାମରେ ଦ୍ରୁତ ପ୍ରତିକ୍ରିୟା ପ୍ରକାଶ କରିବା ପରେ ମୋଦୀ ସରକାର ଏକ ସାହସିକ ତଥା କୌଶଳପୂର୍ଣ୍ଣ କୂଟନୀତିକ ପ୍ରଚାର ଆରମ୍ଭ କରିବାକୁ ଯାଉଛନ୍ତି । ଏହି ପ୍ରଚାର କାର୍ଯ୍ୟ ଅଧୀନରେ ସରକାର ବିଶ୍ୱର ପ୍ରମୁଖ ରାଷ୍ଟ୍ରମାନଙ୍କଠାରୁ ଭାରତର ସମର୍ଥନ ଲାଭ କରିବା ଆଶାରେ ବିଭିନ୍ନ ଦେଶକୁ ଏକ ସାତଜଣିଆ ପ୍ରତିନିଧି ମଣ୍ଡଳୀ ପଠାଇବା ନେଇ ଘୋଷଣା କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ଦେଶର ବିଭିନ୍ନ ରାଜନୀତିକ ଦଳର ପ୍ରତିନିଧି, କୂଟନୀତିଜ୍ଞ ଏବଂ ରଣକୌଶଳ ବିଶେଷଜ୍ଞମାନେ ସ୍ଥାନ ପାଇବାକୁ ସ୍ଥିର ହୋଇଥିବା ବେଳେ ଏହା ସମଗ୍ର ବିଶ୍ୱ ସମ୍ମୁଖରେ ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ସାମ୍ପ୍ରଦାୟିକ ଆତଙ୍କବାଦ ବିରୁଦ୍ଧରେ ଭାରତର ଏକତା ଓ ବୈଶିଷ୍ଟ୍ୟକୁ ପ୍ରଦର୍ଶିତ କରିବାର ଲକ୍ଷ୍ୟ ବହନ କରୁଛି । ଏହି ପରିଭ୍ରମଣ କେବଳ ଏକ ଚିରାଚରିତ ବା ରୁଟିନ୍ କୂଟନୀତିକ କାର୍ଯ୍ୟ ନୁହେଁ- ଏହା ହେଉଛି ଭାରତର ସମଗ୍ର ବିଶ୍ୱ ପାଇଁ ରହିଥିବା ମନୋଭାବ, ସୁରକ୍ଷା ଚିନ୍ତା ଏବଂ ଆଭ୍ୟନ୍ତରୀଣ ଗଣତାନ୍ତ୍ରିକ ସ୍ୱଭାବ ସହିତ ସୁଦୂରପ୍ରସାରୀ ନିହିତାର୍ଥ ବହନ କରୁଥିବା ଏକ ସୁଚିନ୍ତିତ ପଦକ୍ଷେପ । ଏହି ଭ୍ରମଣରେ ଯେଉଁମାନେ ଭାରତର ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି, ସେମାନେ ଏକାଧିକ ରାଜନୀତିକ ଦଳ, ଧର୍ମ, ଜାତି ଏବଂ ଆଞ୍ଚଳିକ ପୃଷ୍ଠଭୂମିର ଯାହା ସ୍ୱୟଂ ଭାରତର ପ୍ରତିଷ୍ଠିତ ଦୃଷ୍ଟିକୋଣର ଏକ ବଣ୍ଟିଳ ଶୋଭାର ପ୍ରତୀକ । ନିଜ ପାଇଁ ଆଧୁନିକ ଭାରତ ଏଇ ନୀତିକୁ ଗ୍ରହଣ କରି ନେଇଛି ଯେ ସବୁ ପ୍ରକାରର ବିବିଧତା ଏକାଠି ମିଳିମିଶି ରହି ପାରିବେ ଏବଂ ସମୃଦ୍ଧି ଲାଭ କରି ପାରିବେ । ପାକିସ୍ତାନ କିନ୍ତୁ ଏହାର ସମ୍ପୂର୍ଣ୍ଣ ବିପରୀତ । ଜାତିସଂଘ ସୁରକ୍ଷା ପରିଷଦର ସଦସ୍ୟ ରାଷ୍ଟ୍ର ତଥା ଭାରତର ଅନ୍ୟାନ୍ୟ କୌଶଳପୂର୍ଣ ଭାଗିଦାର ରାଷ୍ଟ୍ରମାନଙ୍କୁ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ପଠାଇ ଭାରତ ସେମାନଙ୍କୁ ଏକ ଏକୀକୃତ ଜାତୀୟ ବାର୍ତ୍ତା ପ୍ରଦାନ କରିବାକୁ ଚାହୁଁଛି: ଆତଙ୍କବାଦ, ବିଶେଷକରି ସୀମା-ପାର ଆତଙ୍କବାଦ ଭାରତ ଉପରେ ଏକ ଆକ୍ରମଣ ଏବଂ ସେଥିପାଇଁ ଏହାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ପ୍ରତିଆକ୍ରମଣ କରିବା ନିମନ୍ତେ ଭାରତର ସମସ୍ତ ପ୍ରକାରର ଅଧିକାର ରହିଛି । ଭାରତର ପହଞ୍ଚ ଶୂନ୍ୟ ସହନଶୀଳତା ଉପରେ ଗୁରୁତ୍ୱାରୋପ କରିବା ସଙ୍ଗେ ସଙ୍ଗେ ବିଶ୍ୱ ସମୁଦାୟକୁ ଏହି ବାର୍ତ୍ତା ଜଣାଇ ଦେବାକୁ ଚାହେଁ ଯେ ଏଭଳି ବିପଦଗୁଡ଼ିକର ସାମ୍ନା କରିବାକୁ ସବୁ ଭାରତୀୟ ରାଜନୀତିକ ଦଳ ଏକ ହୋଇ ଛିଡ଼ା ହୁଅନ୍ତି ; ଗୋଟିଏ ବାକ୍ୟରେ କହିଲେ ମଇଁଷି ଶିଙ୍ଗ ଭଳି ଦେଶ ଭିତରେ ଭାରତୀୟମାନଙ୍କ ମଧ୍ୟରେ ମତପାର୍ଥକ୍ୟ ଥାଇପାରେ, କିନ୍ତୁ ବିଦେଶୀମାନେ ଏହାର ଫାଇଦା ଉଠାଇବାକୁ ଉଦ୍ୟମ କଲେ, ସେମାନେ ଏକାଠି ହୋଇ ତା'ର ଉପଯୁକ୍ତ ଜବାବ ଦେବାକୁ ପଛଘୁଞ୍ଚା ଦେଇ ନଥାନ୍ତି । ପାକିସ୍ତାନ ଉପରେ ଭାରତର ଆକ୍ରମଣ ପରେ ଏହା ନିଜର ପ୍ରତିବାଦ– ବାର୍ତ୍ତା ବିଶ୍ୱକୁ ପ୍ରଦାନ କରିବା ଆଶା କରାଯାଉଥିବା ବେଳେ ଭାରତର ଏ ବାବଦରେ ସକ୍ରିୟ କାର୍ଯ୍ୟ ତୃଣମୂଳ ସ୍ତରର ବାସ୍ତବତା ଏବଂ ଏହାର ନୈତିକ ଓ କୌଶଳପୂର୍ଣ୍ଣ ସ୍ଥିତି ଜାହିର କରିବା ନିମନ୍ତେ ଏକ ଅତ୍ୟାବଶ୍ୟକତା ହୋଇ ପଡ଼ିଛି । ପହଲଗାମ୍ ମର୍ମନ୍ତୁଦ ଘଟଣା ପରେ ତା'ର ଭାରତ ଦେଇଥିବା ଜବାବ ବାବଦରେ ବିଶ୍ୱର ଅନେକ ଦେଶର ରାଜଧାନୀରେ କ୍ୱଚିତ୍ ସଠିକ୍ ମୂଲ୍ୟାୟନ କରାଯାଇଥିଲା । ସେଥିପାଇଁ ଭାରତ ନିଜ ସପକ୍ଷରେ ବିଶ୍ୱ ମତକୁ ସଂଗ୍ରହ କରିବା ନିମନ୍ତେ ଅନେକଗୁଡ଼ିଏ କାରଣ ରହିଛି । ବିଶ୍ୱର କେତେକ ରାଷ୍ଟ୍ରର ନେତା ଭାରତ ଏବଂ ପାକିସ୍ତାନକୁ ସମାନ ଦୃଷ୍ଟିରେ ବିବେଚନା କରି ମନ୍ତବ୍ୟମାନ ପ୍ରଦାନ କରିଥିବା ଦେଖିବାକୁ ମିଳିଛି । ସେମାନଙ୍କ ମନରୁ ସେହି ଭାବନା ଦୂର କରାଯିବା ଜରୁରୀ । ପ୍ରତିନିଧି ମଣ୍ଡଳୀରେ ବିରୋଧୀ ଦଳର ନେତାମାନଙ୍କୁ ଅନ୍ତର୍ଭୁକ୍ତ କରିବା ପ୍ରଦର୍ଶିତ କରିଥାଏ ଯେ ଜାତୀୟ ସ୍ୱାର୍ଥର ପ୍ରସଙ୍ଗ ଉଠିଲେ ଭାରତ ବିଭାଜନକାରୀ ତତ୍ତ୍ୱରୁ ଉପରକୁ ଉଠି ଏକାଠି ତା'ର ମୁକାବିଲା କରିବାକୁ ଆଗେଇ ଆସିଥାଏ । ଥରୁର ମଧ ମୋଦୀ ସରକାରଙ୍କ ଅନେକ କାର୍ଯ୍ୟର ଦୃଢ଼ ସମାଲୋଚକ ହେବା ସତ୍ତ୍ୱେ ତାଙ୍କର ଏହି ଭୂମିକାକୁ ଅକୁଣ୍ଠିତ ଚିତ୍ତରେ ଗ୍ରହଣ କରିଛନ୍ତି । କେତେକ ଦଳର ନେତା ମୋଦୀ ସରକାରଙ୍କର ଏପରି ନିଷ୍ପତ୍ତି ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ ସୁଦ୍ଧା କଂଗ୍ରେସ ନେତୃବୃନ୍ଦ କୌଣସି ପ୍ରକାରର ଆନୁଷ୍ଠାନିକ କ୍ଷୋଭ ବ୍ୟକ୍ତ କରିବାକୁ ପସନ୍ଦ କରି ନାହାନ୍ତି । ରାଜନୀତିକ ଆଦର୍ଶବାଦରେ ବିଭେଦତା ସତ୍ତ୍ୱେ ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରସଙ୍ଗ ଉପରେ ସମସ୍ତେ ସହଯୋଗ କରିବା ନିତାନ୍ତ ଆବଶ୍ୟକ ବୋଲି ଏହା କୌଶଳପୂର୍ଣ୍ଣ ଭାବରେ ନିଜର ନିରବତା ଦ୍ୱାରା ଦର୍ଶାଇ ପାରିଛି । ଯେଉଁମାନେ ଏହାକୁ ଏକ ନୂଆ କାର୍ଯ୍ୟ ସେଙ୍ଗ ସେଙ୍ଗ ରାଜନୀତିକ ଉଦ୍ଦେଶ୍ୟ ପ୍ରଣୋଦିତ କାର୍ଯ୍ୟ ଭାବରେ ବିବେଚନା କରି ସମାଲୋଚନା କରିବାକୁ ଆଗେଇ ଆସୁଛନ୍ତି, ସେମାନେ ଜାଣି ରଖିବା ଉଚିତ ଯେ ଏହା ଆଦୌ ଏକ ଅଭୂତପୂର୍ବ କାର୍ଯ୍ୟ ନୁହେଁ । ଆନ୍ତର୍ଜାତିକ କୂଟନୀତିରେ ଦଳମତ ନିର୍ବିଶେଷରେ ଭାରତର ସହଯୋଗର ଏକ ଦୀର୍ଘକାଳୀନ ଇତିହାସ ରହି ଅସିଛି । ଏହାର ଏକ ପ୍ରକୃଷ୍ଟ ଉଦାହରଣ ହେଉଛି ଜବାହାରଲାଲ ନେହରୁଙ୍କ ଶାସନ କାଳ, ଯେତେବେଳେ କି ସେ ବିରୋଧୀ ଦଳର ଜଣେ ଉଦୀୟମାନ ନେତା ଅଟଳ ବିହାରୀ ବାଜପେୟୀଙ୍କୁ ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଜାତିସଂଘରେ ଭାରତର ପକ୍ଷ ରଖିବା ନିମନ୍ତେ ପଠାଇ ଥିଲେ । ମୋଟାମୋଟି ଗୋଟିଏ ବାର୍ତ୍ତା ହିଁ ବର୍ତ୍ତମାନ ଭାରତ ବିଶ୍ୱକୁ ପ୍ରଦାନ କରିବାକୁ ଚାହୁଁଛି, ଅଉ ତାହା ହେଉଛି- ଭାରତର ସାର୍ବଭୌମତ୍ୱ, ସୁରକ୍ଷା ଏବଂ ବିଶ୍ୱ ଦରବାରରେ ଯେତେବେଳେ ନିଜର ସ୍ଥିତିର କଥା ଉଠେ, ସେତେବେଳେ ସବୁ ଭାରତୀୟ ଏକ ସ୍ତରରେ କଥା କହିଥାନ୍ତି

# କବି କଣ୍ଠେ ଶ୍ରୀଜଗନ୍ନାଥ 'ନାମ ଜଗନ୍ନାଥ ଶ୍ରୀମୁଖ କଳା'

**ପୁଷ୍ପମିତ୍ର ମହାପାତ୍ର**

(ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ)

କବି ଦୀନକୃଷ୍ଣ ଦାସ ପୁରୁଷୋତ୍ତମଙ୍କ ନିତ୍ୟସ୍ଥଳୀରେ ଅବସ୍ଥାନ କରିବା ପରେ ସର୍ବପ୍ରଥମେ ତାଙ୍କ 'ନାମରତ୍ନ' ଗୀତାର ପ୍ରଥମ ଅଧ୍ୟାୟରେ ଲେଖିଛନ୍ତି 'ନବମ ଅବତାର ଯେ ବଉଦରୂପ ଧରି, ମାତାଙ୍କର ନାମ ଯେ କରୁଣାବତୀ ନାରୀ । କ୍ଷେତ୍ରବଟର କଟକ ଯେ ନୀଳଗିରି ହୋଇ, ଦାରୁରୂପେ ବିଜେ ପୁରୁଷୋତ୍ତମ ଯାଇ ।' ମାଦଳା ପାଞ୍ଜିର ତଥ୍ୟ ଓ ପୁରୁଖା ପୁରୀର ଶ୍ରୀଜଗନ୍ନାଥଙ୍କ ଭକ୍ତଙ୍କ ଠାରୁ ମିଳିଥିବା ତଥ୍ୟ ମୁତାବକ କବି ଦୀନକୃଷ୍ଣ କୃଷ୍ଣ ବ୍ୟାଧି ଯନ୍ତ୍ରଣାରେ ପୀଡ଼ିତ ଥିଲେ ।

ମହାପ୍ରଭୁଙ୍କ ଉପରେ ଗଭୀର ବିଶ୍ୱାସ ରଖି ତାଙ୍କ ଶ୍ରୀମନ୍ଦିର ସାମ୍ନାରେ ଥିବା ଅରୁଣ ସ୍ତମ୍ଭ ପାଖରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୁଇ ହାତ ଟେକି ନିଜକୁ ରୋଗମୁକ୍ତ କରିବା ପାଇଁ ନିଜ ଆତ୍ମାକୁ ମହାପ୍ରଭୁଙ୍କ ପାଦପଦ୍ମରେ ଅର୍ପଣ ପୂର୍ବକ ଯେଉଁ ଆକୁଳ ଆବେଦନ ଓ କରୁଣ କାକୁତି ପ୍ରକାଶ କରିଛନ୍ତି ତାହା ତାଙ୍କ 'ଆର୍ତ୍ତତ୍ରାଣ ଚଉତିଶା'ରେ ଉଲ୍ଲେଖ ରହିଛି । ଏହାର 'ଚଉତିଶା ମଧୁଚକ୍ର' ଦ୍ୱିତୀୟ ଖଣ୍ଡ ପୃଷ୍ଠା-୧୬ରେ ସେ ଉଲ୍ଲେଖ କରିଛନ୍ତି 'ସେବକ ହୋଇ କରି ପ୍ରଭୁ କୋପକୁ ଡରି, ଯେବେ ଭରସି ନ କହିବ, ଶୁଣ ମହିମା ମେରୁ ଏ ଦୁଃଖ ଜଳଧିରୁ । କେମନ୍ତ ପ୍ରକାରେ ତରିବି ହେ ମହାପ୍ରଭୁ ।'

୧୬୨୫ ଖ୍ରୀଷ୍ଟାବ୍ଦର ମହାପ୍ରଭୁଙ୍କ ପରମ ଭକ୍ତ ବାଲୁଗାଁର ଦାସିଆ ତାଙ୍କ ଭକ୍ତି ସମର୍ପଣ ପୂର୍ବକ ଦୁଇଟି ପୁସ୍ତକ ରଚନା କରିଛନ୍ତି । ସେଗୁଡ଼ିକ ହେଉଛି 'ଆଗତ ଭବିଷ୍ୟତ ମାଳିକା' ଓ 'ଭକ୍ତ ମାଳିକା' । ୧୬୭୦ର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କ 'ଛାନ୍ଦ ଭୂଷଣ'ର ଚତୁର୍ଥ ଖଣ୍ଡରେ ଉଲ୍ଲେଖ କରିଛନ୍ତି 'କମ୍ବୁ କଟକରେ ଯେହୁ ଦାରୁରୂପ ଧାରୀ, କାଳେ କାଳେ ଶ୍ୱେତ ମଧ୍ୟେ ସେ ବିହରି ।' କେବଳ ସେତିକି ନୁହେଁ ମହାପ୍ରଭୁଙ୍କ ଯଥାର୍ଥରେ ମହିମାମୟ ପୁରୁଷୋତ୍ତମ ଭାବରେ ଚିତ୍ରଣ କରି ଉଲ୍ଲେଖ କରିଛନ୍ତି 'ସୁଭଦ୍ରା ପରିଣୟ' କାବ୍ୟରେ ତାଙ୍କର ଲୋକପ୍ରିୟ କାବ୍ୟ 'ଲାବଣ୍ୟ ବତୀ', 'ପ୍ରେମସୁଧା ନିଧି', 'ବୈଦେହିଶ ବିଳାସ', 'ରସଲେଖା', 'କଳା କୌତୁକ' ଓ 'ନୀଳାଦ୍ରିଶ ଚୌତିଶା' ପ୍ରମୁଖ କାବ୍ୟ ଗ୍ରନ୍ଥରେ ମହାପ୍ରଭୁଙ୍କ କୃପା ଓ ତାଙ୍କ ସଂସ୍କୃତି ତଥା ସାମ୍ୟ, ମୈତ୍ରୀ, କରୁଣା, ସଂହତି ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ୧୭୩୭ ଖ୍ରୀଷ୍ଟାବ୍ଦର ଋଷିକୂଲ୍ୟା ତଟରେ ଏକ ପ୍ରକାର ଗୃହୀ ସନ୍ଥ ଓ ସାଧକ ବିପ୍ର ପିତାମ୍ବର ଦାସ ତତ୍କାଳୀନ ରାଜ ବୀରକିଶୋର ଦେବଙ୍କ ସମସାମୟିକ ଥିଲେ । ସେ ବିଷ୍ଣୁରୂପୀ ନୃସିଂହ କଳିଯୁଗରେ ବୌଦ୍ଧ ରୂପରେ ନୀଳଗିରିରେ ପୂଜିତ ହେଉଛନ୍ତି ବୋଲି ତାଙ୍କ 'ନୃସିଂହ ପୁରାଣ'ରେ ଉଲ୍ଲେଖ କରିଛନ୍ତି । ତୃତୀୟ ରତ୍ନାକର ପୃଷ୍ଠା - ୨୦୬ରେ ଉଲ୍ଲେଖ ଅଛି 'ଯେ ଅଟଇ ଜଗନ୍ନାଥ ସେ ନୃସିଂହ ଅଟେ, ଜଗନ୍ନାଥ ହୃଦୁଜନ୍ମ ନୃସିଂହ ପ୍ରକଟେ । ତହିଁ ଉତ୍ତାରୁ ଯେ ଆମ୍ଭେ କଳିଯୁଗେ ଯାଇ, ବସିବୁ ନୀଳଗିରିରେ ବୌଦ୍ଧ ରୂପ ହୋଇ ।'

ଅଷ୍ଟଦଶ ଶତାବ୍ଦୀର ସନ୍ଥ ସିଦ୍ଧ କବି ପର୍ଶୁରାମ ବିହାରୀ ଶ୍ରୀଜଗନ୍ନାଥ ସଂସ୍କୃତିରେ ସର୍ବ ସଂସ୍କୃତିର ସମନ୍ୱୟ ହୋଇଥିବାରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଶାଶ୍ୱତ ନିର୍ବାଣର ଉତ୍ସ । ସେ ତାଙ୍କ 'ବ୍ରହ୍ମଜ୍ଞାନ' ଗୀତାରେ ଏହାର ଦ୍ୱିତୀୟ ଅଧ୍ୟାୟରେ ଉଲ୍ଲେଖ କରିଛନ୍ତି । ୧୬୯୨ ଖ୍ରୀଷ୍ଟାବ୍ଦରେ ମହାପ୍ରଭୁଙ୍କୁ ଅବତାରୀ ପୁରୁଷ ଓ ପୁରୀ ହିଁ ନିତ୍ୟ ବୈକୁଣ୍ଠ ଧାମ ବୋଲି ବର୍ଣ୍ଣନା କରିଛନ୍ତି ତାଙ୍କ 'ଜଗନ୍ନାଥ ଚରିତ୍ରାମୃତ'ରେ । ସେ ଉଲ୍ଲେଖ କରିଛନ୍ତି 'ଶ୍ରୀଟି ସିଦ୍ଧ କଳେବର, ସୁଦରଶନଟି ଓଁକାର ।' ୧୭୩୦ରେ ପୁରୀରେ ଅବସ୍ଥାନ କରୁଥିବା କବି ବ୍ରଜନାଥ ବଡ଼ଜେନା 'ଗୁଣ୍ଡିଚା ବିଜେ' ରଚନା କରିଥିଲେ । ତାଙ୍କ ଏହି ପୁସ୍ତକଟି ହିନ୍ଦୀରେ ରଚନା ହୋଇଥିଲା ଏବଂ ବ୍ରଜନାଥ ଗ୍ରନ୍ଥାବଳୀର ପୃଷ୍ଠା - ୬୭୦ରେ ଉଲ୍ଲେଖ ଅଛି 'ନଂଦି ନିକେତନ ସ୍ପଂଦନ କେପର ବୈଠତ ଜୋ ଜଗନ୍ନାଥ ହୈ ପ୍ୟାରେ ବାଦଲ କାଲ କଲାମୁକ କାନ୍ତି ସୁକାନ୍ତ କଲ ମୁଖ ରାଜତ୍ ଯାରେ ।' ସେହିପରି ୧୭୩୬ରେ ଭକ୍ତ ରାମଦାସଙ୍କ 'ଦାର୍ଢ୍ୟତା ଭକ୍ତି' ପୁସ୍ତକଟି ମହାପ୍ରଭୁଙ୍କ ଲୀଳା ମହିମାରେ ପୂର୍ଣ୍ଣ ହୋଇଛି । ୧୭୩୫ରେ ରାଜକବି ପଦ୍ମନାଭ ଶ୍ରୀଚନ୍ଦନ 'ଶଶୀରେଖା' କାବ୍ୟର ପ୍ରଥମ ଛାନ୍ଦରେ ମହାପ୍ରଭୁଙ୍କ ବନ୍ଦନା କରିଛନ୍ତି । ୧୭୩୬ ଖ୍ରୀଷ୍ଟାବ୍ଦରେ କବି ବନମାଳୀ ଦାସ ଅତି ଭାବପୂର୍ଣ୍ଣ କାବ୍ୟଟି ରଚନା କରିଛନ୍ତି । ତାହା ଥିଲା 'ଶରଧା ବାଲିରୁ ହାତେ' । ମହାପ୍ରଭୁଙ୍କ ସ୍ତୁତି ବର୍ଣ୍ଣିତ କାବ୍ୟଟି ହେଉଛି ସପ୍ତଦଶ ଶତାବ୍ଦୀର କବି ବିଷ୍ଣୁ ଦାସଙ୍କ 'ପ୍ରେମ ଲୋଚନା' । ଭଗବାନଙ୍କୁ ସମର୍ପଣ କରି ଜୀବନ ମୁକ୍ତି ପାଇଁ ଅଷ୍ଟାଦଶ ଶତାବ୍ଦୀର କବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ରଚନା କରିଛନ୍ତି 'ଗଜଉଦ୍ଧାରଣ', 'ଦ୍ରୌପଦୀ ଲଜ୍ୟା ନିବାରଣ' ପ୍ରମୁଖ । ୧୭୪୩ରେ ଭକ୍ତକବି ଭକ୍ତ ଚରଣ ଦାସ ତାଙ୍କର 'ମଥୁରା ମଙ୍ଗଳ' କାବ୍ୟର ଗୁଣ୍ଡିଚା ବିଜେ ସମ୍ପର୍କରେ ଅତି ଚମତ୍କାର ଲେଖାଟି ଲେଖି ଯାଇଛନ୍ତି ତାହାଥିଲା 'କିଅବା ଗୁଣ୍ଡିଚା ବିଜେ କଲେ ଜଗନ୍ନାଥ' । ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାର ୧୭୫୭ରେ ତାଙ୍କ 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ ତ୍ରିଚତ୍ୱାରିଂଶ ଛନ୍ଦ ପୃଷ୍ଠା-୧୫୧ରେ ଉଲ୍ଲେଖ କରିଛନ୍ତି 'କୃଷ୍ଣ ଜଗନ୍ନାଥ ପ୍ରେମପଥ ସ୍ୱାର୍ଥ ଅନୁରଥ ଯାତ୍ରା ବିବର୍ଦ୍ଧିନୀ, ଗୋବିନ୍ଦ ଉଜ୍ଜଳ ସୁଖାନନ୍ଦସ୍ଥଳ କମଳ ସଙ୍କୁଳ ସୁବାସିନୀ ।'

ଛୁଆଁଛୁତି, ଭେଦଭାବ, ରଙ୍ଗ ଓ ଅର୍ଥ ତଥା ଜାତି-ଅଜାତି ଭାବନା ଠାରୁ ଢ଼େର ଉର୍ଦ୍ଧ୍ୱରେ ଥିବା ୧୭୭୨ ଖ୍ରୀଷ୍ଟାବ୍ଦର ଭକ୍ତକବି ହାଡ଼ିଦାସ ଶ୍ରୀକ୍ଷେତ୍ରର ଗୌରବ ଓ ମହାପ୍ରଭୁଙ୍କ ତତ୍ତ୍ୱ ଅତି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି ତାଙ୍କ 'ଶଙ୍ଖନାଭି' ଗ୍ରନ୍ଥରେ । ଏହା ବ୍ୟତୀତ ତାଙ୍କର ଅନ୍ୟ ରଚନା ଦୁଇଟି ହେଉଛି 'ଶଙ୍ଖନାଭି ଭାଇରୋବ ସ୍ତୁତି', 'ଅନନ୍ତ ଗୋଇ' । ସେହିପରି ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ଶତାୟୁ କବି କଙ୍କଲତା ଜେନା ମହାପ୍ରଭୁଙ୍କ ଲୀଳା ବର୍ଣ୍ଣନା କରି ତାଙ୍କ 'ଜଗନ୍ନାଥ ଜଣାଣ'ର ଚତୁର୍ଥ ପଦରେ ଉଲ୍ଲେଖ କରିଛନ୍ତି 'ଜଗବନ୍ଧୁ ନାଥଙ୍କୁ ଯେ ମୁରୁଛି ନୁହଁଇ, ଯେଣିକି ଚାହିଁଲେ ତେଣେ ଶ୍ରୀମୁଖ ଦିଶଇ, ଧନ୍ୟ ତାଙ୍କ ଚକା ଆଖି ମନ ରହିଥାଏ ଲାଖି, ବାହୁ ଟେକିଛନ୍ତି ଦୁଃଖ ତାରିବା ପାଇଁ ।' କବିସୂର୍ଯ୍ୟ ବଳଦେବ ରଥ ୧୭୭୯ରେ 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' ପୁସ୍ତକରେ ମହାପ୍ରଭୁଙ୍କ ଲୀଳା ବର୍ଣ୍ଣନା କରିଛନ୍ତି । ଅଷ୍ଟାଦଶ ଶତାବ୍ଦୀର କବି ଚଣ୍ଡୀଦାସ 'ଜଗନ୍ନାଥ ଜଣାଣ' ରଚନା କରିଥିଲେ । ପୁରୀ ରାଜା ଦ୍ୱିତୀୟ ଦିବ୍ୟସିଂହ ଦେବଙ୍କ ରାଜତ୍ୱ ସମୟରେ ଅର୍ଥାତ୍ ୧୭୭୯ରୁ ୧୭୯୮ ତାଙ୍କ ସମସାମୟିକ କୁହାଯାଉଥିବା 'ବିଚିତ୍ର ରାମାୟଣ'ର କବି ବିଶ୍ୱନାଥ ଖୁଣ୍ଟିଆ ମହାପ୍ରଭୁଙ୍କ ବିଭିନ୍ନ ଯାତ୍ରା ଓ ନୀତିକାନ୍ତି ସମ୍ପର୍କରେ ତାଙ୍କ 'କବିକଣ୍ଠେ ଜଗନ୍ନାଥ'ର ପୃଷ୍ଠା - ୧୩୨ରେ ଉଲ୍ଲେଖ କରିଛନ୍ତି 'ଦ୍ୱାଦଶ ଯାତ୍ରାରୁ ତିନିଯାତ୍ରା ସାର, ଦୋଳସ୍ନାନ ଶ୍ରୀଗୁଣ୍ଡିଚା ସକଳ ଜୀବର ଅବଲୋକନରେ, ପାତକ ସମୂହ ମୁଞ୍ଚା ।' ୧୭୮୧ରେ ଉତ୍କଳଘଣ୍ଟ ଯଦୁମଣି ମହାପାତ୍ର ରଚନା କରିଥିଲେ 'ନୀଳାଦ୍ରି ବିହାରୀ ଚକାନୟନକୁ ଚାହିଁ ମନ' । ୧୮୦୦ ଖ୍ରୀଷ୍ଟାବ୍ଦରେ କବି ଆର୍ତ୍ତଦାସ ନୀଳାଦ୍ରି ବିହାରୀ ଜଗନ୍ନାଥଙ୍କୁ ପ୍ରାର୍ଥନା ପୂର୍ବକ ରଚନା କରିଥିଲେ 'ପୁରୁଷୋତ୍ତମ ଜଗନ୍ନାଥ' । ୧୮୧୪ରେ ଭକ୍ତକବି ଗୌର ଚରଣ ଅଧିକାରୀ ନୀଳଚକ୍ରର ପବିତ୍ର ପତିତପାବନ ବାନା ସମ୍ପର୍କରେ ବର୍ଣ୍ଣନା କରି ରଚନା କରିଥିଲେ 'ବଳିଆର ଭୁଜ' । ଉନ୍ନବିଂଶ ଶତାବ୍ଦୀର କବି ନିତ୍ୟାନନ୍ଦ ଦାସ ମହାପ୍ରଭୁଙ୍କ ମହିମାକୁ ନେଇ ସୃଷ୍ଟି କରିଥିଲେ 'ଭକ୍ତି ଗୀତିକା' ଓ 'ନୀଳାଦ୍ରି କେଶରୀ' । ୧୮୪୮ର କବିବର ରାଧାନାଥ ରାୟ ତାଙ୍କ ପ୍ରସିଦ୍ଧ 'ଚନ୍ଦ୍ରଭାଗା' କାବ୍ୟରେ ଶ୍ରୀଜଗନ୍ନାଥ ମନ୍ଦିରର ସିଂହଦ୍ୱାର ଓ ବିଭିନ୍ନ ଦେବାଦେବୀଙ୍କ ସମ୍ପର୍କରେ ଉଲ୍ଲେଖ ହୋଇଛି । ତାଙ୍କ 'ପାର୍ବତୀ' କାବ୍ୟରେ ନୀଳାଚଳ ଧାମର ଦୋଳ ଉତ୍ସବ ସମ୍ପର୍କରେ ମଧ ଉଲ୍ଲେଖ ରହିଛି । ସେହିପରି କବିବରଙ୍କ 'ଚିଲିକା' କାବ୍ୟରେ ମାଣିକ ଗଉଡୁଣୀଙ୍କ ଦହି ପିଇବା ଓ କାଞ୍ଚି ବିଜୟ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ୧୮୫୩ରେ ଭକ୍ତକବି ମଧୁସୂଦନ ପୁଣ୍ୟ କ୍ଷେତ୍ର ଶ୍ରୀକ୍ଷେତ୍ରର ନୀଳାଦ୍ରି କନ୍ଦର ପ୍ରଭୁ ଜଗନ୍ନାଥଙ୍କ ଲୀଳା ମାହାତ୍ମ୍ୟ ସମ୍ପର୍କରେ ରଚନା କରିଛନ୍ତି । ୧୮୭୭ରେ ଉତ୍କଳମଣି ଗୋପବନ୍ଧୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ନୀଳାଚଳ ଧାମ ସାମ୍ୟ, ମୈତ୍ରୀ ମନ୍ତ୍ରର ବାର୍ତ୍ତା ଦେବା ସହ ଏହି ପୁଣ୍ୟ ନୀଳାଚଳ ଧାମ ହେଉଛି ଆମ ଜୀବନ ଚେତନା ବୋଲି ଉଲ୍ଲେଖ କରିବା ସହ ସେ ତାଙ୍କ 'ଧର୍ମପଦ'ରେ ଉଲ୍ଲେଖ କରିଛନ୍ତି ।

୧୮୮୨ର ରସିକ କବି ବୈଷ୍ଣବ ପାଣି ଏକ ହାସ୍ୟାତ୍ମକ ରଚନାରେ ଉଲ୍ଲେଖ କରିଛନ୍ତି 'ବଡ଼ଦେଉଳର ବଡ଼ ଗୋସାଇଁ ଯେଉଁଠୁ ମାଡ଼ ଖାଆନ୍ତି, ସେହି ମାନଙ୍କୁ ବର ଦିଅନ୍ତି' । ପୁନର୍ବାର ସେ ଲେଖିଛନ୍ତି 'ନୀଳାଚଳ ନାଥ ପଣ୍ଡା ରନ୍ଧାଭାତ, ଡାଲି ଏବଂ ଗଣ୍ଡା ଗଣ୍ଡା, ହଣ୍ଡା ହଣ୍ଡା କାକରା ଆରିସା ଖାଇ ନିଶ୍ଚିନ୍ତରେ ନୀଳାଚଳରେ ବିରାଜମାନ କରିଥାନ୍ତି ।' ସେହି ଜଗବନ୍ଧୁଙ୍କୁ ପୁଣି ହାତୀ ମୁହଁ ଜାତି ଗୋତ୍ର ହୀନ ବୋଲି କହି ଭର୍ତ୍ସନା କରିବାକୁ ମଧ ଭୁଲି ନାହାଁନ୍ତି । ୧୮୯୮ରେ ଦିନବନ୍ଧୁ ଜଗନ୍ନାଥଙ୍କ ପାଖରେ ଶରଣ ପଶି କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ତାଙ୍କ 'କାଳୀ ଚରଣଙ୍କ ଭଜନ' ପୃଷ୍ଠା-୩୫୯ରେ ଉଲ୍ଲେଖ କରିଛନ୍ତି ଆଜରେ ନବସାଜରେ ହେଉ ଜଗବନ୍ଧୁ ସଜରେ, ନନ୍ଦିଘୋଷ ରଥେ ବିଜେ ତେଜି ତୁଳି ଶେଯରେ । ଧନ ରତନମଣି, ନ ମାଗେ ଚିନ୍ତାମଣି, ତୋ ନା ଧରି ଜୀବ ଯାଉ, ହେ ମହାବାହୁ ।' ଖ୍ରୀଷ୍ଟାବ୍ଦ ୧୯୧୨ରେ ରାଧାମୋହନ ଗଡ଼ନାୟକ 'ଶ୍ରୀୟା ଚଣ୍ଡାଳୁଣୀ' କବିତାରେ ମହାପ୍ରଭୁଙ୍କ ମହିମା ବର୍ଣ୍ଣନା କରି ସେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଉର୍ଦ୍ଧ୍ୱରେ ବୋଲି ଲେଖିଛନ୍ତି । ଏହା ବ୍ୟତୀତ ଅନେକ କବିଙ୍କ ସାରସ୍ୱତ ହୃଦୟ ସମର୍ପିତ ଭଜନ ମହାପ୍ରଭୁଙ୍କ ମାହାତ୍ମ୍ୟରେ ଦିବ୍ୟ ମହିମାନ୍ୱିତ ହୋଇଛି । ମହାପ୍ରଭୁଙ୍କ ଭାବ ଚେତନାକୁ କେନ୍ଦ୍ର କରି ଅନେକ କବି, ଭାବୁକ, ସାଧକ, ଆଧାତ୍ମିକପ୍ରେମୀ ମହାପ୍ରଭୁଙ୍କ ପ୍ରତି ନିଜ ଭକ୍ତିକୁ ସମର୍ପଣରେ ରୂପାୟିତ କରିଛନ୍ତି । ବିଶେଷକରି ସପ୍ତଦଶ ଶତାବ୍ଦୀ, ଅଷ୍ଟାଦଶ, ଉନ୍ନବିଂଶ ଓ ବିଂଶ ଶତାବ୍ଦୀରେ ଅଧିକରୁ ଅଧିକ ଜଣାଣ, ଆତ୍ମନିବେଦନ ଭରା ଭଜନ ଓ ଦିବ୍ୟ ମହିମାର ସୃଷ୍ଟି ତଥା ଗୁଣ କୀର୍ତ୍ତନ, ଅବତାରଙ୍କ ଲୀଳାର ସୃଷ୍ଟି ହୋଇଛି । ବର୍ତ୍ତମାନ ମଧ ଅନେକ କବି ଓ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ପ୍ରତି ଭକ୍ତି ନିବେଦନ ଭରା କବିତା ଓ ମହିମାଗାଥା ସୃଷ୍ଟି କରିଚାଲିଛନ୍ତି । ତେବେ ସର୍ବୋପରି କହିବାକୁଗଲେ ଓଡ଼ିଆ କାବ୍ୟ ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନାର ମହନୀୟତା ଯୁଗେ ଯୁଗେ ପ୍ରସାରିତ ହେଉଛି ।(ସମାପ୍ତ)


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
କଟକ, ସେକ୍ଟର-୬, ସିଡିଏ, କଟକ,
ମୋ : ୯୪୩୭୨୨୫୬୮୯


# ରାସଲୀଳା ପ୍ରକୃତରେ ରସଲୀଳା



**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଗୋପରେ ଏ ଲୀଳା ଆରମ୍ଭ ଗୋପୀଗଣ ଏହି ଲୀଳା ସହ ପୁରୀ ରାଧାକୃଷ୍ଣ ନାୟକ ନାୟିକା । ନାୟିକା ରାଧାରାଣୀଙ୍କ ସହଚରୀ ଅଷ୍ଟସଖି ଯେଉଁମାନେ ଗୋପୀ ଗୋପାଙ୍ଗନା, ଗୋପରେ ସଂସାରର ସମସ୍ତ ଭୋଗ୍ୟ ଦ୍ରବ୍ୟ ବିପୁଳ ମିଳିଲେ ବି ଥିଲା କିଛି ଅଭାବ । ଆନନ୍ଦ ଧନ ଦୌଲତ ଦାମ୍ପତ୍ୟ କ୍ରିୟା ସନ୍ତାନ ସନ୍ତତି ବନ୍ଧୁବାନ୍ଧବ ମଧ୍ୟରେ ଯେ ଅଭାବ ଅଛି ଏକଥା ରାସକ୍ରିୟାର ରସ କ୍ରୀଡ଼ା ମୁଖ୍ୟତଃ ଦର୍ଶାଏ । ଭୟ ଆତଙ୍କ ସର୍ବତ୍ର ଅଛି । ଭୟ ଆତଙ୍କ ପ୍ରକୃତି କୃତ ଲୋକକୃତ ରାଜକୃତ ଓ ନିଜ ଜନ ଭାବୁଥିବା ଲୋକଙ୍କ ଦ୍ୱାରା ହୋଇପାରେ । ମାତ୍ର ଏସବୁକୁ ଲବେ ଖଣ୍ଡନ ଦମନ କରିବା ଶକ୍ତି ଗୋପରେ ବଢ଼ୁଥିଲେ । ଜନ ଆତଙ୍କ ସୃଷ୍ଟି ପାଇଁ ସମୟକୁ ଆସୁଥିବା ଭୟ ଆତଙ୍କର କାଣ ମାନେ ଶ୍ରୀକୃଷ୍ଣଙ୍କର ଫୁଟୁକିରେ ଚାଲି ଯାଉଥିଲା । ଏପୁଣି କେବଳ ସଂସାରର ବୃତ୍ତି ଧନ୍ଦା ପିଲାରୁ ଆଜନ୍ମ ଲାଳନ ପାଳନ ସ୍ୱସ୍ୱାମୀ ସେବା ଆଜି କାର୍ଯ୍ୟରେ କେବଳ ବାନ୍ଧି ହୋଇ ରହିବା ନାରୀ ମାନଙ୍କ ପାଇଁ ଆନନ୍ଦର ଆହୁରି ଉତ୍ସ ଅଛି ଓ ତାହାଦ୍ୱାରା ଅନେକ ପ୍ରାପ୍ତ ଆନନ୍ଦ ପଞ୍ଚ କୋଶୀୟ ମାନବ ଶରୀରରେ କେତେ ପ୍ରକାର ଉନ୍ନତ କରାଇ ପାରେ ଏ ପ୍ରକାର ଗୁଢ଼ଜ୍ଞାନ ଶିକ୍ଷା ଶ୍ରୀକୃଷ୍ଣଙ୍କ ଠାରୁ ପାଇବା ପାଇଁ ପ୍ରଥମେ ପ୍ରାଥମିକ ଶିକ୍ଷାରୁ ତାପରେ ଜୀବନରେ ବ୍ରତ ଯାଏ ଲଗାଇଥିବା ମାନସରେ ସେଇ ଗୋପୀମାନେ ଆଗ୍ରହୀ ଉତ୍ସାହୀ ହୋଇପଡ଼ିଥିଲେ ।

ଅନେକ ପରକ୍ରୀୟା ପ୍ରେମ ପ୍ରସଙ୍ଗ ରାସକ୍ରୀଡ଼ାରେ ଉତ୍ଥାପନ କରନ୍ତି । ପୂର୍ଣ୍ଣ ଭାବରେ ଭାଗବତର ଦଶମ ସ୍କନ୍ଦର ଗୋପଲୀଳା ପାଠ କଲେ କେବେ ରାଧା ନାମ ମିଳିବ ନାହିଁ ହେଲେ ଗୋପୀଙ୍କ ନାମ ମିଳିବ । ଏଥିରେ ଅଦ୍ଭୁତ ପ୍ରକାର କଥା ପ୍ରସଙ୍ଗ ରହନ୍ତି । ରାଧା ବିବାହିତା ତାଙ୍କର ଶାଶୁ ଜଟିଳ ନଣଦ କୁଟିକା ଏହି ଦୁଇଟି ଚରିତ୍ର ସେତେବେଳେ ଥିଲା ବର୍ତ୍ତମାନ ନାହିଁ ଏମିତି କଥାନୁହେଁ ସଂସାର ଏକ ନାରୀ ବିବାହ କରି ସଂସାର କରିଲେ ତାର ଶାଶୁଘରେ ପୁରୁଷ ଲୋକଙ୍କୁ ବାଦ ଦେଇ ଯେଉଁ ମୁଖ୍ୟ ସ୍ତ୍ରୀଲୋକ ଦୁଇଜଣ ସେ ଘରେ ଥିଲେ ଜଣେ ଶାଶୁ ଓ ଜଣେ ନଣଦ । ଶାଉ ବୋହୂ କରି କନ୍ୟାଟିକୁ ତାର ବାପଘରୁ ଆନନ୍ଦମନରେ ନିଜ ପୁଅ ପାଇଁ ନେଲେ ବି ଭୂମି ବଦଳରେ ଶାଶୁ ଯଦି ଯୁଗ ଅନୁସାରେ ଚାଲିବା ଶିଖିନଥିବେ ତେବେ ନୂତନ ଗୃହଲକ୍ଷ୍ମୀ ଅପମାନ ପରେ ବି ନିଜର ଗୃହ ଲକ୍ଷ୍ମୀ ପଣଟା ଛାଡ଼ିବାକୁ ରାଜି ନୁହଁନ୍ତି । ତୋଳା କନିଆଁ ହୋଇଥାନ୍ତୁ ବର ଯାଇଁ ବଜାବଜାଇ ରୋଷଣୀ କରି କନ୍ୟଘରେ ପହଞ୍ଚି ବିବାହ କରି ସ୍ୱଗୃହକୁ କନ୍ୟାକୁ ସାଙ୍ଗରେ ଧରି ଆସିଥାଉ କନ୍ୟାକୁ ବିଧିବଦ୍ଧ ଘରର ନାରୀ ମାନେ ନ ବନ୍ଦାଇ କେବେ ଘରକୁ ନିଅନ୍ତି ନାହିଁ । ଦେଇ ପିଣ୍ଡି ଘରେ ପ୍ରବେଶ କରାଇଥାନ୍ତି । ଶାଶୁ ଆଗେ କେତେ ବର୍ଷ ପୂର୍ବରୁ ଆସିଥିଲେ ପରେ ବୋହୂ ଆସିଲେ ଉଭୟ ଘରର ଲକ୍ଷ୍ମୀ ମାତ୍ର ନବଗତ ଲକ୍ଷ୍ମୀ ଏକ ଗୃହର ପ୍ରବେଶ ମାତ୍ରେ ପୁରୁଣା ଲକ୍ଷ୍ମୀ ବାନପ୍ରସ୍ଥୀ ହେବା କଥା ବାନପ୍ରସ୍ଥିରେ ବନକୁ ଯିବା କାଳ ଥିଲା ଯାହା ଜନ୍ମରୁ ଏକାବନ ବର୍ଷ, ଛପନ ବର୍ଷ, ଚଉବନ ବର୍ଷ, ପଞ୍ଚାବନ ବର୍ଷ, ସତାବନ ବର୍ଷ, ଅଠାବନ ବର୍ଷ । ଏହି ସଂଖ୍ୟାରେ ବନ ଶବ୍ଦ ମିଶିଛି ଏଇ ବୟସରେ ବନକୁ ଯିବା ଡାକୁଛି । ବନବାସ ଏବେ ଗୃହସ୍ଥ ଜଞ୍ଜାଳରୁ ମୁକ୍ତ ରଖିବା ପାଇଁ ଧାର୍ଯ୍ୟ ଯଦି ଆବେଗ ପୂର୍ଣ୍ଣ ପରିସ୍ଥିତିରେ କେହି ନଯାଇ ସଂସାର ଧନ ଦୌଲତକୁ ମାଡ଼ି ବସି ରହିଲା ସେ ହତାଶ ହେବ ବା ହତାଶ କରିବ ।

ଯୁବତୀ ବଧୂକୁ ଯୁବକର ସହିତ ଏବେ ସ୍ୱଗୃହମୁକ୍ତ ହୋଇ ହନିମୁନ ପାଇଁ ଦୂରକୁ ଭ୍ରମଣ ବା ବୁଲିବାକୁ ଯିବାକୁ ହେବା ଦେଖାଯାଉଛି । ପୁଅବୋହୂ ଶୟନ ଘର କବାଟ ବାହାରରେ କାନ ପାରି କଣ କଥା ହେବା ଶୁଣିଲେ ପିତୃ ମନକୁ କ ଯେ ଆସୁଛି ଏକଥା ଘରର ଶାଶୁ ନଣଦ ମାନେ ବୁଝିବା ପାରୁନାହାଁନ୍ତି । ରାଧାରଣୀଙ୍କ ବେଳରୁ ହୁଏତ ଏମିତି ଥିଲା ରାଧାରାଣି ଏମିତି ବୃଷଭାନୁରାଜାଙ୍କ ଅଲ୍ୟଳ କନ୍ୟା ହୋଇବି ଶାଶୁ ନଣନ୍ଦଙ୍କ ଚକ୍ଷୁରେ ଭଲ ଦେଖାଯାଉନଥିଲେ ହେଲେ ସେ ଏପରି ପରା ଅପରା ବିଦ୍ୟାରେ ଧୁରୀଣ ଥିଲେ । ଏ ଯୁଗ କଳିଯୁଗରେ ବି ଦ୍ୱାପର ନାୟିକାଙ୍କର ବିଶେଷ ସମ୍ମାନ ମିଳିବା ଦେଖାଯାଉଛି ହେଲେ ଜଟିଳକୁ ଟିକେ ତାଙ୍କର ଜୀବନ ଚରିତର ସହ ଜଡ଼ିତ ନିନ୍ଦନୀୟ ଭାବ ପାଇଁ ଏବେ ବି ସମାଲୋଚିତ ହେଉଛନ୍ତି । ନଅ ରସ, ନଅ ଭକ୍ତି ଏସବୁରସ ରାସକ୍ରୀଡ଼ା ସମୁଦ୍ରରେ ରହିଛନ୍ତି । ଅସ୍ୱାଦନକାରୀ ଏସବୁକୁଜାଣି ପାରନ୍ତି । ନଅ ରସ ହେଲା ଶୃଙ୍ଗାର, କାରୁଣ୍ୟ, ବିଭତ୍ସ, ରୌଦ୍ର, ଅଦ୍ଭୁତ, ବୀର, ଶାନ୍ତ, ଦାସ୍ୟ, ଭୟା । ନଅ ଭକ୍ତି ହେଲା - ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସଖ୍ୟ, ଆତ୍ମନିବେଦନ । ଏସବୁ ସେହି ରାଧାକୃଷ୍ଣ ଲୀଳାରେ ରାସକ୍ରୀଡ଼ାରେ ଲୁଚି ଛପି ରହିଛି । ଭାବୁକମାନେ ଖୋଜି ନିଷ୍ଠେ ସେ ରସ ଭକ୍ତିରେ ମଜ୍ଜି ପାରିବେ । ସଂସାରରେ ନିନ୍ଦା ଅଛି ପ୍ରଶଂସା ଅଛି ନିନ୍ଦୁକମାନେ ଯେ ଜ୍ଞାନୀ ଲୋକରେ ଶତକଡ଼ା ଅଛନ୍ତି ଏମିତି ପୂର୍ବରୁ ନଥିଲା ଏବେ ବି ନାହିଁ । ଭଗବାନ ଶ୍ରୀକୃଷ୍ଣ ଭଗବାନ ରାମ ଏବେ ଥିଲେ ତାଙ୍କ ନାମରେ ନାନାଦି ଅପମାନ ନିନ୍ଦା ପ୍ରତ୍ୟକ୍ଷ ଲାଗୁଥାନ୍ତା । ଗଛ କାଟିବା ଲୋକ ଗଛ ଲଗାଇ ତାକୁ ବଢ଼ାଇ ଉତ୍ତରିବା କଷ୍ଟ ଜାଣନ୍ତି ନାହିଁ । ଏ ସଂସାର ବଡ଼ ବିଚିତ୍ର ସୁଖରେ ବାସ କରିବା ଅତି ଦୂରୁହ ହେଲେ ସାର୍ବଜନୀନ ସୁଖ ପାଇଁ ଏହି ଭକ୍ତିରସ ବିଧାନ ସବୁଠାରେ ସବୁ କ୍ଷେତ୍ରରେ ପ୍ରୟୋଗ କରାଯାଇପାରେ । ସରସ୍ୱତୀ ବାହାନ ହଂସ ଠାରୁ କେବଳ ଦରକାରୀ ଦ୍ରବ୍ୟ ଗ୍ରହଣ କରିବା ଶିକ୍ଷା ନିହାତି ଆବଶ୍ୟକ ।


ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩


## କବିତା କୋଣାର୍କ

### ଅପୂର୍ଣ୍ଣ

**ସୁଚରିତା ମହାନ୍ତି**



କେବେ ମାଟିକୁ ପଚାରନି
କେବେ ଆକାଶକୁ ପଚାରନି
କେବେ ନଦୀ ଓ ନାରୀକୁ ପଚାରନି
ତମେ କ'ଣ ଦେଇଚ ?

ମାଟି, ଆକାଶ, ନଦୀ ଓ ନାରୀ
ଯେବେ ନିରବି ଯା'ନ୍ତି

ସେତେବେଳେ ଜାଣିବ
ତମ ହାତ ପାପୁଲିରେ ସବୁତକ ଚିଜ
ସେମାନେ ବିନା ଦ୍ୱିଧାରେ
ସମର୍ପି ଦେଇଚନ୍ତି
ଯାହା ତମ ଆଶାରୁ ବହୁ ଉର୍ଦ୍ଧ୍ୱ ଯାଏ
ଲମ୍ବି ଯାଇଚି ।

ଯେତେ ଥିଲେ ବି ଆମେ ନିଃସ୍ୱ
ପୂର୍ଣ୍ଣତାର ସ୍ୱପ୍ନ ଆମକୁ
କାହିଁକି କେଜାଣି
ବାରମ୍ବାର କ୍ଷତାକ୍ତ କରେ

କେବେ ଥରେ ସେଇମାନଙ୍କୁ
ପଚାରି ବୁଝତ
ଆମେ ଏମିତି ଅପୂର୍ଣ୍ଣ କାହିଁକି !!


+ ବାରିପଦା,ମୟୂରଭଞ୍ଜ
ମୋ: ୮୯୧୭୫୭୧୨୦୨


### କେମିତି ଭୁଲିବି ପ୍ରିୟେ

**ସୁନୀଲ କୁମାର ପ୍ରଧାନ**



ମନ ଦେଇଥିଲୁ
ବାଛି ଥିଲି ତତେ
ଭୁଲି ନ ପାରଇ ପ୍ରିୟା ।

କାହିଁ କୋଉ ଆଡେ
ଚାଲିଗଲୁ ତୁହି
ନ ବୁଝି ପାରିଲି ମାୟା ।

ଶୁଣି ଥିଲି ପ୍ରେମ
ସତ୍ୟ ସନାତନ
ନଯିବ କେବେ ସେ ମରି ।

ମନ ପ୍ରାଣ ଯେବେ
ମିଶେ ଏକା ସାଥେ
ସାତ ଜନମକୁ ବରି ।

ବିଧାତାର ଏହା
ଅଟେ ବିଡମ୍ବନା
ଦେଲା ସେ ଅଲଗା କରି ।

ଦିନ ପରେ ଦିନ
ହୁଅଇ ଅତୀତ
ସ୍ମୃତି କିବା ଯାଏ ସରି ।

ହୃଦୟ ଭିତରେ
ରହିଛୁ ରହିବୁ
ଶେଷ ନିଃଶ୍ୱାସ ଯାଏଁ ।

ପ୍ରେମତ ଆମର
ଅଟଇ ଶାଶ୍ୱତ
କେମିତି ଭୁଲିବି ପ୍ରିୟେ ।


ଝାଟିପଦର, ପାଲୁର, ଗଂଜାମ
ମୋ - ୭୬୦୯୯୩୪୩୬୬


### ରସ ବାରିଧି

**ନିହାରିକା ପ୍ରଧାନ**

ହୃଦୟର ଝରଣାରୁ
ମଧୁଭରା ସ୍ୱାଦ
ଭାସିଆସେ ମମତାର
କଳ କଳ ନାଦ
ଦେଖି ହୁଏ ନାହିଁ ତାକୁ
ଛୁଇଁ ହୁଏ ନାହିଁ
ଅନୁଭବି ଆସେ ଖାଲି
ପ୍ରାଣ ପୁଲକାଇ
ମଧୁ ତରଙ୍ଗର
ତରଙ୍ଗିଣୀ ସାଜି
ବାହିନିଏ ଯିଏ ନାଆ
ସେହିପରା ଆମ
ପ୍ରେମର ପଙ୍କଜ
ନୀଳ କଇଁ ଯାର ନାଆଁ
ନୀଳ ସରୋବରେ ନୀଳକଇଁ
ପ୍ରେମର ମନ୍ଦିରେ ପୂଜାରିଣୀ
ସେ ପ୍ରେମ ମନ୍ଦିର ପାରାବାରେ
ଫୁଟିଅଛି ମୁହିଁ ବାସନେଇ
ମମତା ପ୍ରେମର ଦର୍ଶନରେ
ହୃଦୟ ମୋ ହୁଏ ସୁଶୋଭନ
ଏହିତ ମାତୃ ପ୍ରେମର ଦର୍ଶନ
ମାତୃ ପ୍ରେମର ଦର୍ଶନ......


ଶିକ୍ଷୟିତ୍ରୀ
ଜୟପୁର
ମୋ: ୭୯୭୮୮୩୨୫୪୫

ବିବିଧ ବିଶ୍ୱ
ଦେଶବିଦେଶର ଜଣାଅଜଣା
୫
ଧ୍ୱନି ପ୍ରତିଧ୍ୱନି
♣ ବାଲେଶ୍ୱର ♣ ମଇ ୨୧ ବୁଧବାର, ୨୦୨୫

# ନିଅନ୍ତୁ ଖାସ୍ ଯତ୍ନ



**ସମାଜ ପୂର୍ବାପେକ୍ଷା ବହୁତ ବଦଳିଛି ଏକ କଥା ସତ । କିନ୍ତୁ ଏବେ ବି ବଦଳି ନାହିଁ ଆମର ମାନସିକତା । ସେକ୍ସ ଓ ଯୌନାଙ୍ଗକୁ ନେଇ ସର୍ବାସାଧାରଣ ସ୍ଥାନରେ ଚର୍ଚ୍ଚା ହେଲେ ଆମକୁ ଲାଜ ଲାଗେ । ଅବଶ୍ୟ ଲାଜ କରିବା ଭୁଲ ନୁହେଁ, ମାତ୍ର ମହିଳାଙ୍କୁ ସ୍ୱଚ୍ଛତା ପ୍ରତି ସଚେତନ ହେବା ଜରୁରୀ । ମହିଳାମାନେ ବାହ୍ୟ ସୌନ୍ଦର୍ଯ୍ୟର ବେଶ୍ ଯତ୍ନ ନେଇଥାନ୍ତି । କିନ୍ତୁ ଯୌନାଙ୍ଗରେ ସ୍ୱଚ୍ଛତା ପ୍ରତି ସେତେଟା ଯତ୍ନବାନ ହୁଅନ୍ତି ନାହିଁ । ଏହା ବ୍ୟତୀତ ମହିଳାମାନେ ନିଜକୁ ପାରିବାରିକ ଏବଂ ବୃତ୍ତିଗତ ଜୀବନରେ ବ୍ୟସ୍ତ ରଖୁଥିବା ବେଳେ ଶରୀରର ଉପଯୁକ୍ତ ଯତ୍ନ ନେଇପାରନ୍ତି ନାହିଁ । ଫଳରେ ଯୌନାଙ୍ଗରେ ବିଭିନ୍ନ ସଂକ୍ରମଣ ଦେଖାଯିବା ସହ ସର୍ଭିକାଲ କ୍ୟାନସର ହେବାର ସମ୍ଭାବନା ରହିଛି ।**

- ଅନେକ ସମୟରେ ମହିଳାମାନଙ୍କ ଯୌନାଙ୍ଗ କୁଣ୍ଡାଇ ହୁଏ । ଏଥିପାଇଁ ମହିଳାମାନେ ଅନେକ ଅପ୍ରୀତିକର ପରିସ୍ଥିତିରେ ସମ୍ମୁଖୀନ ହୁଅନ୍ତି । ଜୀବାଣୁ ଜନିତ ସଂକ୍ରମଣ, ମାସିକ ଋତୁସ୍ରାବ ବନ୍ଦ ହେବା ସମୟରେ ହରମୋନ ପରିବର୍ତ୍ତନ, ଯୌନାଙ୍ଗ ନିକଟ ଓଦା ରହିବା ଅଥବା ଓଦା ପୋଷାକ କାରଣରୁ ଏହା ହୋଇଥାଏ ।

- ଯୌନାଙ୍ଗ ସଫା କରିବା ପାଇଁ ସାଧାରଣ ସାବୁନ୍ ବା କୌଣସି କ୍ଲିନଜର ବ୍ୟବହାର କରନ୍ତୁ ନାହିଁ । ଏହାଦ୍ୱାରା ଭଲ ବ୍ୟାକ୍ଟେରିଆ ନଷ୍ଟ ହେବା ସହ ସଂକ୍ରମଣ ଆଶଙ୍କା ବଢ଼ିଥାଏ । ପିଏଚଯୁକ୍ତ ଲୋସନ ଯେପରିକି 'ଭି ୱାସ' ଭଳି ଉତ୍ପାଦ ବ୍ୟବହାର କଲେ ସଂକ୍ରମଣ କମ୍ ହୁଏ । ସାବୁନରେ ଏକ ପିଏଚ ଫ୍ୟାକ୍ଟର ୫.୫ରହିଛି ଯାହା ଚର୍ମ ପିଏଚ ଫାକ୍ଟର ସହ ସମାନ । ଯୌନାଙ୍ଗ ଚର୍ମ ଅତ୍ୟନ୍ତ ସମ୍ବେଦନଶୀଳ, ତେଣୁ ସେ କ୍ଷେତ୍ରରେ ପିଏଚ୍ ସ୍ତର ୩.୮ରୁ ୪.୫ ପର୍ଯ୍ୟନ୍ତ ରହିଥାଏ । ସର୍ବଦା ଯୌନାଙ୍ଗ ପିଏଚ ସ୍ତର ଠିକ୍ ରଖନ୍ତୁ ।

- ଯୌନାଙ୍ଗକୁ ସର୍ବଦା ଶୁଖିଲା ଏବଂ ସଫା ରଖନ୍ତୁ । ଗାଧୋଇବା କିମ୍ବା ଶୌଚାଳୟରୁ ଆସିବା ପରେ ଉକ୍ତ ସ୍ଥାନକୁ ଶୁଖିଲା ସୂତା କପଡ଼ା ଅଥବା ଟିସୁରେ ଭଲ ଭାବେ ପୋଛି ଟାଲକମ ପାଉଡ଼ର ବ୍ୟବହାର କରନ୍ତୁ ।

- ଟାଇଟ ଅନ୍ତବସ୍ତ୍ର ପିନ୍ଧିବା ଦ୍ୱାରା ବେଳେବେଳେ ଏହି ସ୍ଥାନ କୁଣ୍ଡାଇ ହୋଇଥାଏ ।

- ଋତୁସ୍ରାବ ସମୟରେ ବ୍ୟବହାର କରୁଥିବା ନାପକିନକୁ ୫ରୁ ୭ ଘଣ୍ଟା ମଧ୍ୟରେ ପରିବର୍ତ୍ତନ କରନ୍ତୁ । କାରଣ ଏହା ଅଧିକ ସମୟ ରହିଲେ ସଂକ୍ରମଣ ଆଶଙ୍କା ଥାଏ ।

- ମହିଳାମାନେ ସହବାସ ପରେ ଯୌନାଙ୍ଗକୁ ପରିଷ୍କାର କରିବା ଏକାନ୍ତ ଆବଶ୍ୟକ । ନିୟମିତ ପ୍ରଚୁର ପରିମାଣରେ ପାଣି ପିଇଲେ ଏହା ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିବା ସହ ସଂକ୍ରମଣରୁ ଦୂରେଇ ରଖିଥାଏ । ଯୌନାଙ୍ଗ ସଂକ୍ରମଣ ହେବା ଦ୍ୱାରା ସର୍ଭିକାଲ କର୍କଟ ହେବାର ଭୟ ରହିଛି । ତେଣୁ ଯଥା ସମ୍ଭବ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଅନ୍ତୁ ।

# ନେକ୍‌ଲେସ୍ ଫ୍ୟାଶନ



**ରିଙ୍ଗ ଲୁକ୍ ନେକ୍‌ଲେସ୍:-**

ଏହି ନେକ୍‌ଲେସ୍କୁ ୱେଷ୍ଟନ ଏବଂ ଇଣ୍ଡିଆନ ଉଭୟ ଡ୍ରେସ୍ ସହ ପିନ୍ଧିପାରିବେ । ଏହା ଖୁବ୍ ହାଲକା । ପିନ୍ଧିଲେ କମ୍ଫର୍ଟେବୁଲ ଓ ଷ୍ଟାଇଲିଶ ଲାଗିଥାଏ ।

**ଚୋକର ନେକଲେସ୍:-**

ବେକର ଗୋଲେଇ ସହ ସମାନ ଅବା ଟିକେ ଲମ୍ୱା ଆକାରର ହୋଇଥାଏ ଏହି ନେକ୍‌ଲେସ୍ । କାର୍ପେଟରେ ଭେଲଭେଟ୍, ପ୍ଲାଷ୍ଟିକ୍, ଚମଡ଼ା, ସିଲଭର, ଗୋଲଡ ଓ ପ୍ଲାଟିନମ୍ ଆଦି ମ୍ୟାଟେରିଆଲର ଏହି ନେକ୍‌ଲେସ୍ ମିଳୁଛି । ଏହା ଉଭୟ ସାଂସ୍କୃତିକ ଏବଂ ଷ୍ଟାଇଲିଶ ଲୁକ୍ ଦେଇଥାଏ । ଏହାକୁ ଆପଣ ଗାଉନ୍, ଲେହେଙ୍ଗା, ଶାଢ଼ି ଏବଂ ଲଙ୍ଗ କୁର୍ତ୍ତି ସହ ପିନ୍ଧିପାରିବେ ।





**ଷ୍ଟଡ୍ସ ନେକଲେସ୍:-**

ଏହି ନେକଲେସ୍‌କୁ ଆପଣ ୱେଷ୍ଟର୍ନ ଡ୍ରେସ ସହ ପିନ୍ଧିପାରିବେ ।

**ମେଟଲ ନେକଲେସ୍:-**

ମେଟଲ ନେକଲେସକୁ ଆପଣ ୱେଷ୍ଟର୍ନ ଏବଂ ଇଣ୍ଡିଆନ ଉଭୟ ଡ୍ରେସ୍ ସହ ପିନ୍ଧିପାରିବେ । ଆପଣ ଚାହିଁଲେ ଏହାକୁ ଡ୍ରେସ୍ ସହ ପିନ୍ଧି ଅଫିସ୍ ମଧ ଯାଇପାରିବେ ।

# ସୁଖୀ ଦାମ୍ପତ୍ୟ ପାଇଁ ଆପଣାନ୍ତୁ ଏହି ୫ଟି କଥା



ଦାମ୍ପତ୍ୟ ଜୀବନର ଦେବତା ହେଉଛନ୍ତି ଶିବ । ଝିଅମାନେ ଭଲ ବର ପାଇବା ପାଇଁ ତ ସ୍ତ୍ରୀମାନେ ନିଜ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ବେଦେବ ମହାଦେବଙ୍କର ଉପାସନା କରିଥାନ୍ତି । ୧୨ମାସ ଭିତରୁ ଶ୍ରାବଣ ମାସ ଶିବଙ୍କର ସବୁଠାରୁ ପ୍ରିୟମାସ ଭାବରେ ଜଣାଯାଏ । କାରଣ ଏହି ମାସରେ ପ୍ରଭୁ ଶିବ ପାବର୍ତୀ ମାଙ୍କୁ ବିବାହ କରିଥିଲେ । ତେବେ ଏହି ଶ୍ରାବଣ ମାସରେ ପ୍ରତ୍ୟେକ ଦମ୍ପତୀଙ୍କୁ ସୁଖୀଦାମ୍ପତ୍ୟ ଜୀବନ ପାଇଁ ଭଗବାନ ଶିବଙ୍କ ଠାରୁ ଏହି ୫ଟି କଥା ଶିଖିବା ଦରକାର ।

**ସମାନତାର ଅଧିକାର:-** ଭଗବରନ ଶିବଙ୍କୁ ଅର୍ଧନାରୀଶ୍ୱର ବୋଲି କୁହାଯାଏ । କାରଣ ଶିବଙ୍କ ପ୍ରତିମୂର୍ତ୍ତିରେ ଭଗବାନ ଅଧା ନାରୀ ଓ ଅଧା ପୁରୁଷ ସ୍ୱରୂପ ରେ ଦେଖାଯାନ୍ତି । ଏହି ସ୍ୱରୂପ ମାଧ୍ୟମରେ ଭଗବାନ ଶିବ ସବୁ ବିବାହିତ ଯୋଡ଼ିଙ୍କୁ କହିବାକୁ ଚାହଁଛନ୍ତି କି ସ୍ୱାମୀ ସ୍ତ୍ରୀ ଶରୀରିକ ରୂପେ ଭିନ୍ନ ଭିନ୍ନ ହେଲେ ମଧ୍ୟ ସେମାନେ ମନ ଭିତରେ ଏକ ବା ଅଭିନ୍ନ ।

**ଭଲପାଇବା:-** ଶିବଙ୍କ ବେକରେ ସାପ ଥାଇ ମଧ୍ୟ ପାର୍ବତୀ ତାଙ୍କୁ ବିବାହ କରିଥିଲେ ଏଥିରୁ ଜଣାଯାଇଛି ସୁଖୀ ଦାମ୍ପତ୍ୟ ପାଇଁ ସୁନ୍ଦରତା କୌଣସି ପ୍ରକାରେ ମାନେ ରଖେନାହିଁ । ସୁଖୀ ଦାମ୍ପତ୍ୟ ପାଇଁ କେବଳ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଭଲପାଇବା ଓ ସମର୍ପଣଭାବର ହିଁ ଆବଶ୍ୟକତା ଥାଏ ।

**ଶଚୋଟପଣିଆ:-** ଯେତେବେଳେ ଶିବଙ୍କର ଅପମାନରେ ମାଁ ପାର୍ବତୀ ଶତୀ ହୋଇଯାଇଥିଲେ ସେହି ସମୟରେ ଶିବ ନିଜର ତାଣ୍ଡବ ରୂପ ଧାରଣ କରି ସଂସାର ଧ୍ୱଂସ କରିବାକୁ ବସିଥିଲେ । ପରେ ଦେବତାମାନଙ୍କ ଅନୁରୋଧ କ୍ରମେ ଶିବ ଶାନ୍ତ ହୋଇଥିଲେ ଏଥିରୁ ଯଣା ଯାଉଛି କି ଶିବଙ୍କର ପାର୍ବତୀଙ୍କ ପ୍ରତିଥିବା ଅଗାଧ ପ୍ରେମ ଓ ପ୍ରେମରେ ଥିବା ସଚ୍ଚୋଟ ପଣିଆ ।

**ଜଣେ ଭଲ ମୁଖିଆ:-** ପରିବାରର ମୁଖ୍ୟଲେଶକ ଯେପରି ପରିବାରର ସମସ୍ତ ଦାଯୀତ୍ୱ ସୁଚାରୁ ରୂପେ ତୁଲେଇଥାନ୍ତି । ଭଗବାନ ଶିବ ନିଜ ପରିବାରକୁ ସଠିକ ଭାବେ ଚଳାଇଥାନ୍ତି । ଭଗବାନ ଶିବଙ୍କ ବାହନ ଓ ମାଁ ପାର୍ବତୀଙ୍କ ବାହନ ମଧ୍ୟରେ ଶତୃତାର ସମ୍ପର୍କ ଥିଲେ ମଧ୍ୟ ସେମାନେ କେବେ ୟାକୁ ନେଇ ମତଭେଦର ଶୀକାର ହୋଇନାହାନ୍ତି । ଦାମ୍ପତ୍ୟ ଜୀବନର ବିଶମ ପରିସ୍ଥିତରେ ଶିବ ସବୁବେଳେ ପରିବାରକୁ ସାଥିରେ ନେଇ ଯାଇଥାନ୍ତି ।

# ମୁଖରୁ କଳା ଦାଗ ଦୂର କରିବା ପାଇଁ



ମୁହଁରେ ବ୍ରଣହେବା ମହିଳାମାନଙ୍କ ପାଇଁ ଏକ ମୁଖ୍ୟ ସମସ୍ୟା । କିନ୍ତୁ ଏହି ବ୍ରଣ ଝାଡ଼ିଦେଇ ଯାଇଥିବା କଳାଦାଗ ବ୍ରଣଠାରୁ ମଧ ବଡ଼ ସମସ୍ୟା । ଏହି ସମସ୍ୟାକୁ ଦୂର କରିବା ପାଇଁ ମହିଳାମାନେ ଅନେକ ପ୍ରକାର କସମେଟିକ୍ ଏବଂ ଘରୋଇ ଉପଚାରକୁ ଆପଣାଇଥାନ୍ତି । ହେଲେ ଆଶାତୀତ ଫଳ ପାଇନଥାନ୍ତି । ଏବେ ଏହି କଳାଦାଗର ସମସ୍ୟାକୁ କରନ୍ତୁ ଦୂର । ଦୁଇଟି ଆଳୁକୁ ଭଲଭାବରେ ଗ୍ରାଇଣ୍ଡିଙ୍ଗ କରନ୍ତୁ ଏବପଂ ଏଥିରେ ଗୋଲାପ ଜଳ, ଲେମ୍ବୁ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଫ୍ରଜର ଆଇସ୍ ବକ୍ସକୁ ଆଣି ଏହି ମିଶ୍ରଣକୁ ଢ଼ାଳନ୍ତୁ ।ଏବଂ ପ୍ରତିଦିନ ଏହି ବରଫକୁ ମୁହଁରେ ଶୋଇବା ପୂର୍ବରୁ ବା ସକାଳେ ଉଠିବାପୂର୍ବରୁ ଭଲ ଭାବରେ ଘସି ୧୦ମିନିଟ ପାଇଁ ଛାଡ଼ି ମୁହଁ ଧୋଇଦିଅନ୍ତୁ । ପ୍ରତି ଦୁଇଦିନ ବ୍ୟବଧାନରେ ଏପରି କରନ୍ତୁ ଦେଖିବେ ଆପଣଙ୍କ କଳାଦାଗ ଧିରେଧିରେ ଦୂର ହେବାକୁ ଲାଗିବ ।

# କଫି ପିଅନ୍ତୁ: ଦୀର୍ଘାୟୁ ହେବେ



ଆପଣ ଦୀର୍ଘାୟୁ ହେବାକୁ ଚାହାଁନ୍ତି କି ? ତେବେ କଫିକୁ କରନ୍ତୁ ନିଜର । ଏକ ଅଧ୍ୟୟନୁ ଜଣାପଡ଼ିଛି କଫି ବ୍ୟବହାର ଯୋଗୁଁ କିଡନୀ ରୋଗାଗ୍ରସ୍ତ ଥିବା ବ୍ୟକ୍ତିର ଜୀବନକାଳ ମଧ୍ୟ ବଢ଼ିପାରିବ । ଯେଉଁ ବ୍ୟକ୍ତି ଯେତେ କଫି ପିଅନ୍ତି ସେମାନଙ୍କ ମଧ୍ୟରେ ମୃତ୍ୟୁର ଆଶଙ୍କା ୨୪ ପ୍ରତିଶତ କମ ହୋଇଯାଏ । ମାତ୍ର ଅଳ୍ପ ମାତ୍ରାରେ କଫି ପପିଉଥିବା ବ୍ୟକ୍ତିଙ୍କ ମଧ୍ୟରେ ଏହା ୧୨ ପ୍ରତିଶତ କମ୍ ଦେଖାଯାଇଥାଏ । ପର୍ତ୍ତୁଗାଲ ସହରସ୍ଥିତ ସେଣ୍ଟ୍ରୋ ହସ୍ପିଟାଲର ଜଣେ ବିଶେଷଜ୍ଞଙ୍କ ମତ ଅନୁସାରେ ଜଣାପଡ଼ିଛି ଯେ, କିଡନୀ ରୋଗାକ୍ରାନ୍ତ ବ୍ୟକ୍ତି ଅଧିକ ମାତ୍ରାରେ କଫି ପିଇବା ଉଚିତ । ଏହାଦ୍ୱାରା ମୃତ୍ୟୁ ଆଶଙ୍କା ଦୂରହୁଏ । ଏହା ଏକ ସରଳ ଏବଂ ଶସ୍ତା ବିକଳ୍ପ ରୂପେ ପ୍ରମାଣିତ ହୋଇଛି । ଗବେଷକ ସିକେଡ଼ି ରୋଗରେ ଆକ୍ରାନ୍ତ ୨୩୨୮ ରୋଗୀଙ୍କୁ ନେଇ ଅଧ୍ୟୟନ କରିଥିଲେ । ଏହି ଗବେଷଣାକୁ ନ୍ୟୁ ଏରାଲେନ୍ସରେ ହେଉଥିବା ଏଏସଏନ କିଡନୀ ସପ୍ତାହରେ ପ୍ରଦର୍ଶନ କରାଯିବ । ଗୋଟେ କପ କଫି ପିଇବା ଦ୍ୱାରା ଆଖିକୁ ଭଲ ଲାଭ ମିଳିଥାଏ । ଆମେରିକାନ କେମିକାଲ ସୋସାଇଟି ତଥ୍ୟ ଅନୁସାରେ, କଫି ପିଇବା ଦ୍ୱାରା ମଧୁମେହ ରୋଗରୁ ମଧ୍ୟ କିଛି ମାତ୍ରାର ଉପଶମ ମିଳିଥାଏ ।

# ଯୁବପିଢ଼ିଙ୍କ ନୂଆ ପାଠ୍ୟକ୍ରମ: ମେସିନ୍ ଲର୍ଣ୍ଣିଙ୍ଗ୍




ଇଉରୋପୀୟ ଓ ଆମେରିକୀୟ ରାଷ୍ଟ୍ରରେ ଫାଷ୍ଟ ଫୁଡ୍ ଦୋକାନ ସଫି ମଲ ଓ କେତେକ ଚିକିତ୍ସାଳୟରେ ଆଜିକାଲି ଯନ୍ତ୍ରଚଳିତ ମାନବ ତଥା ରୋବଟ୍ ହିଁ ସ୍ୱାଗତ କରୁଥିବାର ଦେଖାଯାଉଛି । ଲୋକେ ଏଇ ନୂତନ ରୋବଟ୍ ସେବାକୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ଏସବୁ ସହ ଆଗେଇବାକୁ ମଧ ପ୍ରସ୍ତୁତ ହେଲେଣି । ଜାପାନର ଏକ ନାମୀ ହୋଟେଲ ୩ବର୍ଷ ତଳେ ହିଁ ୨୦ଟି ରୋବଟ୍‌ଙ୍କୁ କର୍ମଚାରୀ ଭାବେ ନିଯୁକ୍ତି ଦେଇଥିବାର ପ୍ରକାଶ । ହୋଟେଲର ମ୍ୟାନେଜରଙ୍କ ମତରେ ଅନେକ କାମ ସୁରୁଖୁରରେ ହେବା ସହ ଏକ ନିର୍ଦ୍ଦିଷ୍ଟ ସମୟରେ କାମ ସାରିବାକୁ ନେଇ ବ୍ୟତିବ୍ୟସ୍ତ ହେବାର ନାହିଁ । ବିଭିନ୍ନ କମ୍ପାନୀ ଓ କେତକ ବ୍ୟାଙ୍କରେ ରୋବେଟ୍ ଓ ଚ୍ୟାଟବୋଟ୍ ହିଁ ଗ୍ରହକଙ୍କ ଅଧିକାଂଶ ସମସ୍ୟାର ସମାଧାନ କରୁଥିବାର ଦେଖାଯାଉଛି । ବିଶେଷଜ୍ଞଙ୍କ ଦଳଙ୍କ ମତରେ ୨୦୨୦ ସୁଦ୍ଧା ଏହି ଯନ୍ତ୍ରଚଳିତ ମାନବର ଲୋକପ୍ରିୟତା ଶୀର୍ଷରେ ପହଞ୍ଚିବ ବୋଲି ଅନୁମାନ ରହିଛି । ଏଣୁ ଏହି ରୋବଟ୍ ନିର୍ମାଣ କ୍ଷେତ୍ରରେ ଯୁବପିଢ଼ିଙ୍କ ଅବଦାନ ଆବଶ୍ୟକ ହେଲାଣି । ମେସିନ୍ ଲର୍ଣ୍ଣିଙ୍ଗ ପାଠ୍ୟକ୍ରମ ବୀତିୟ ହେଲେ ହେଁ ଚାକିରୀର ବ୍ୟାପକ ସୁଯୋଗ ଥିବାର ବିଶେଷଜ୍ଞଙ୍କ ମତ ୩ବର୍ଷର ଅନୁଧ୍ୟାନରୁ ଜଣାପଡ଼ିଛି ଯେ ମେସିନ୍ ଲର୍ଣ୍ଣିଙ୍ଗ କ୍ଷେତ୍ରରେ ୩୫ଲକ୍ଷ ନୂତନ ସୁଯୋଗ ବାହାରିଛି । ୨-୪ ବର୍ଷର ଅଭିଜ୍ଞତା ଥିଲେ ଏହି କ୍ଷେତ୍ରରେ ୨୦ଲକ୍ଷ ପ୍ୟାକେଜ ମିଳିଥାଏ ବୋଲି ପ୍ରକାଶ ।

# ୫୭ଲକ୍ଷ ବର୍ଷ ପୁରୁଣା ପାଦଚିହ୍ନ

ଜୀବ ଜଗତର ଉତ୍ପତ୍ତି ନେଇ ଗବେଷକମାନେ ନିରନ୍ତର ଗବେଷଣା ଚଳାଇଛନ୍ତି । ବିଶେଷ କରି ମାନବଜାତିର ବିକାଶକୁ ନେଇ ସେପରି କିଛି ଠୋସ୍ ପ୍ରମାଣ ମିଳିପାରୁ ନାହିଁ, ଯାହାକୁ ସମସ୍ତେ ବିଶ୍ୱାସ କରିପାରିବେ । ଏହି ଧାରାରେ ଗବେଷକମାନେ ଗ୍ରୀସ୍‌ର ଏକ ଦୀପରୁ ଯେଉଁ ସନ୍ଧାନ ପାଇଛନ୍ତି ତାହା ଗବେଷଣାର ଧାରାକୁ ଆହୁରି ଆଗକୁ ନେବ ବୋଲି କୁହାଯାଉଛି ।

ଏଠାକାର ଭୂତତ୍ୱବିତ୍ତମାନେ ଗ୍ରୀସ୍‌ର ୱେଷ୍ଟର୍ଣ୍ଣ କ୍ରେଟ୍‌ର ଦୀପରୁ ପାଇଛନ୍ତି ଏକ ମାନବ ପଦଚିହ୍ନ । ଏହା ୫୭ଲକ୍ଷ ବର୍ଷ ପୁରୁଣା ବୋଲି କୁହାଯାଉଛି । ପୂର୍ବରୁ ଆଫ୍ରିକାରେ ମିଳିଥିବା ପଦଚିହ୍ନ ଠାରୁ ଏହା ଆହୁରି ପୁରୁଣା । ପାଦରେ ଆକାର ସହ ଆଙ୍ଗୁଠି ଏବଂ ଆଙ୍ଗୁଠିର ଗୋଲେଇ ଏହି ଚିହ୍ନରୁ ସ୍ପଷ୍ଟ ଜଣାପଡୁଛି । ଏହି ମଣିଷର ପଦଚିହ୍ନ ବୋଲି ସ୍ପଷ୍ଟ ହେବାପରେ ଗବେଷକମାନେ ଏହି ଧାରାରେ ଆହୁରି ଆଗକୁ ଯିବାକୁ ବାଟ ପାଇଛନ୍ତି ।

# କୁଡୁମୁଲୁଗୁମ୍ମା ଲ୍ୟାମ୍ପ୍ସ ତରଫରୁ କୃଷକ ସଚେତନତା ଶିବିର

ମାଲକାନଗିରି,୨୦/୫(ନି. ପ୍ର): ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମା ଆଦର୍ଶ ସମବାୟ ସମିତି ଆନୁକୂଲ୍ୟରେ ସ୍ଥାନୀୟ ପଂଚାୟତ ସଭାଗୃହରେ ଏକ କୃଷକ ସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ ସଭାପତିତ୍ୱ କରିଥିଲା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କୁଡୁମୁଲୁଗୁମ୍ମା ସରପଂଚ ମଙ୍ଗଳା ମାଢ଼ୀ, ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳୀ ମାଝୀ, ଯୋଗାଣ ଅଧିକାରୀ ପ୍ରଭାକର ମଲ୍ଲିକ, ପ୍ରାଣୀ ସମ୍ପଦ ଅଧିକାରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ, ସମାଜସେବୀ ସାଧୁ ହନ୍ତାଳ, ହେମନ୍ତ କୁମାର ଦାସ,ଭଗବାନ ସାହୁ, ଅର୍ଜୁନ ଓଡି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ରମେଶ ଚନ୍ଦ୍ର ରାଉତ ପରିଚାଳନା କରିଥିଲେ । ସର୍ବପ୍ରଥମେ ଜଗତର ନାଥ ଜଗନ୍ନାଥଙ୍କ ତୈଳ ଚିତ୍ର ରେ ପୂଜାର୍ଚ୍ଚନା କରାଯାଇଥିଲା ଏବଂ ଏହାପରେ ଜମ୍ମୁକାଶ୍ମୀରର ପହଲଗାଓଁ ଘଟଣାରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ଏକ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ଖଇରପୁଟ ବ୍ଲକ ଯୋଗାଣ ଅଧିକାରୀ ଓ ସୋମନାଥପୁର ପ୍ରାଣୀ ସମ୍ପଦ ଅଧିକାରୀ ଦ୍ୱୟ କୃଷକମାନଙ୍କ ଆର୍ଥିକ ଅବସ୍ଥା ସୁଧାରିବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଓ ଆର୍ଥିକ ପ୍ୟାକେଜ ଉପରେ ନିଜର ମତପୋଷଣ କରିଥିଲେ। କୃଷି ଋଣ, କୃଷି ଯନ୍ତ୍ରପାତି ଋଣ, ଗୋପାଳନ, ଛେଳି ଚାଷ, ମତ୍ସ୍ୟ ଚାଷ ଏବଂ ଖରିଫ୍ ମଣ୍ଡି ରେ ଧାନ ଫସଲ ବିକ୍ରି ସମ୍ବନ୍ଧୀୟ ବ୍ୟାପକ ସୂଚନା ପ୍ରଦାନ କରିଥିଲେ । ଆଜିର ଏହି ଶିବିରରେ ଏହି ଅଞ୍ଚଳର ପାଖାପାଖି ୬୦ ରୁ ଉର୍ଦ୍ଧ ପୁରୁଷ ଓ ମହିଳା ଚାଷୀ ମାନେ ଉପସ୍ଥିତ ରହି ବିଭିନ୍ନ ଯୋଜନା ସମ୍ବନ୍ଧରେ ପ୍ରଶ୍ନ କରିଥିଲେ। ଯାହାର ଉତ୍ତର ବିଭାଗୀୟ ଅଧିକାରୀମାନେ ଦେଇଥିଲେ । ଶେଷରେ ଲ୍ୟାମ୍ପ ଏମଡି ଶ୍ରୀ ରାଉତ କହିଥିଲେ ଯେ, ଏହି ଜିଲ୍ଲାର ଏକମାତ୍ର ଆଦର୍ଶ ସମବାୟ ସମିତିର ମାନ୍ୟତା, କୁଡୁମୁଲୁଗୁମ୍ମା ଲ୍ୟାମ୍ପ୍ସ କୁ ପ୍ରଦାନ କରିଥିବାରୁ ସେ ସରକାରଙ୍କ ସମବାୟ ବିଭାଗକୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

# ମା' ତାରା ଦେବୀଙ୍କ ଯାତ୍ରା ଆରମ୍ଭ

ଗଞ୍ଜାମ,୨୦/୫(ନି. ପ୍ର): ବ୍ରହ୍ମପୁର ଲାଞ୍ଜିପଲ୍ଲୀସ୍ଥିତ ଠାକୁରାଣୀ ମା ତାରା ଦେବୀଙ୍କ ଦିତୀୟ ବାର୍ଷିକ ଯାତ୍ରା ଆରମ୍ଭ ହୋଇଯାଇଛି। ଗତକାଲି ବିଳମ୍ବିତ ରାତିରେ ମା ଙ୍କ ସ୍ଥାୟୀ ମନ୍ଦିରରୁ ଆଜ୍ଞାମାଳ ଚାଙ୍ଗଡ଼ାରେ ବିରାଟ ପଟୁଆରରେ ଅସ୍ଥାୟୀ ମଣ୍ଡପରେ ସ୍ଥାପନ କରାଯାଇ ଯାତ୍ରା ଆରମ୍ଭ ହୋଇଛି। ମା ଙ୍କ ଆଗମନ ଉତ୍ସବରେ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ବିଧାୟକ କେ. ଅନୀଲ, ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚାଉପଟନାୟକ, ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଡିଏ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା, ସ୍ଥାନୀୟ କର୍ପୋରେଟରଙ୍କ ସମେତ ହଜାର ହଜାର ଜନସାଧାରଣ ଯୋଗଦାନ କରିଥିଲେ।

# ପାନୀୟ ଜଳ ସମସ୍ୟାକୁ ନେଇ ବିଡ଼ିଓଙ୍କ ଦ୍ୱାରସ୍ଥ ହେଲେ ଗାଦବାଗୁଡା ଗାଁ ଲୋକେ

ଜୟପୁର,୨୦/୫(ନି. ପ୍ର): କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ କାଠପୋଡା ପଂଚାୟତର ଗାବବାଗୁଡା ଗାଁ ଲୋକେ ପାଣି ସମସ୍ୟାକୁ ନେଇ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ବୈପାରୀଗୁଡା ବିଡ଼ିଓଙ୍କ ଅନୁପସ୍ଥିତରେ ଏବିଡ଼ିଓ ନିବେଦିତା ଦଣ୍ଡସେନାଙ୍କୁ ଏହି ଦାବୀ ପତ୍ର ପ୍ରଦାନ କରିଛନ୍ତି । ଦାବୀ ପତ୍ରରେ ଉଲ୍ଲେଖ ଅଛି ଯେ, ଗାଦବାଗୁଡା ଗାଁ ରେ ମୋଟ ୨୦୦ ରୁ ଉର୍ଦ୍ଧ ଜନସଂଖ୍ୟା ରହିଛି ଏବଂ ୩ଟି ସାହି ରହିଥିବା ବେଳେ କେବଳ ଦୁଇଟି ନଳକୂପ ଅଛି । ସେଥି ମଧ୍ୟରୁ ଗୋଟିଏ ନଳକୂପ ପ୍ରାୟ ବର୍ଷ ତମାମ ଅଚଳ ଅବସ୍ଥାରେ ରହୁଛି । ଯଦ୍ୱାରାକି ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି ଗାଁ ଲୋକେ । ଗ୍ରୀଷ୍ମଋତୁରେ ପାଣି ସମସ୍ୟା ଗାଁ ଲୋକଙ୍କ ଦୁଃଖକୁ ଦ୍ୱିଗୁଣିତ କରିଦେଉଛି, ଏଣୁ ଗାଁ ରେ ଏକ ନୂତନ ନଳକୂପ ଖନନ ପାଇଁ ଗାଁ ଲୋକେ ଦାବୀ କରିଛନ୍ତି। ସେପଟେ ଏବିଡ଼ିଓ ନିବେଦିତା ଦଣ୍ଡସେନା କହିଛନ୍ତି, ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବେ । ଦାବୀ ପତ୍ର ଦେବା ସମୟରେ ସ୍ଥାନୀୟ ୱାର୍ଡ ମେମ୍ବର ରାଜୁଖିଲ, ଭିକାରି ବଡ଼ନାୟକ, ସନୁ ଖରା, ଘାସିଆ ଖରା, ହସମାତି ସିସା, ରାଧିକା ବଡ଼ନାୟକ, ସିୱାଇଏସଡି ଅନୁଷ୍ଠାନର ଶ୍ୟାମ ସକ୍ଷନ୍ତା ଓ ଅଭି ଗଲାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଖୋଲିବ ୧୪ ନୂଆ କେନ୍ଦ୍ର ସମବାୟ ବ୍ୟାଙ୍କ: କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ହେବ ୪ ଭାଗ

ଜୟପୁର,୨୦/୫(ନି. ପ୍ର): ସମବାୟ କ୍ଷେତ୍ର ହେବ ଅଧିକ ସକ୍ରିୟ ଓ ଚଳଚଂଚଳ । କେବଳ କୃଷିଋଣ ଲଗାଣରେ ଆଉ ସୀମିତ ରହିବନି ସମବାୟ ସମିତି । ଏହାକୁ ସଶକ୍ତ କରାଯିବ । ଲୋକ ପାଇବେ ବହୁମୁଖୀ ସେବା । ଏଥିପାଇଁ ରାଜ୍ୟରେ ଅଧିକ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଖୋଲିବାକୁ ନିଷ୍ପତି କରିଛନ୍ତି ରାଜ୍ୟ ସରକାର । କେନ୍ଦ୍ର ସମବାୟ ମନ୍ତ୍ରାଳୟର ଅନୁମୋଦନକ୍ରମେ ନାବାର୍ଡ ୧୪ଟି ନୂଆ କେନ୍ଦ୍ର ସମବାୟ ବ୍ୟାଙ୍କ (ଡିସିସିବି)ଶାଖା ଖୋଲିବାକୁ ଯାଉଛି । ଏହି ବ୍ୟାଙ୍କ ଖୋଲିବା ଦ୍ୱାରା ଗ୍ରାମାଚଂଳ ଅର୍ଥନୀତି ଅଧିକ ସକ୍ରିୟ ହେବ । ଗାଁ ଅର୍ଥନୀତିର ଇଞ୍ଜିନ ସାଜିବ ସମବାୟ ସଂସ୍ଥା । କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସମବାୟ ସମିତିର କୃଷିଋଣ ଲଗାଣରୁ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ଅନୁଧ୍ୟାନ କରିପାରିବେ । ରାଜ୍ୟରେ ୧୭ଟି କେନ୍ଦ୍ର ସମବାୟ ବ୍ୟାଙ୍କ ଅଛି । ଏଥିରୁ ୧୪ଟି ପୁରୁଣା ଜିଲ୍ଲାର ମୁଖ୍ୟାଳୟରେ ଅବସ୍ଥିତ । ଦୀର୍ଘବର୍ଷ ହେବ ରାଜ୍ୟରେ ଜିଲ୍ଲା ସଂଖ୍ୟା ବଢ଼ି ୩୦ରେ ପହଂଚିଛି । ପାକ୍ସଗୁଡ଼ିକ ସହ କେନ୍ଦ୍ର ସମବାୟ ବ୍ୟାଙ୍କର ଯୋଗାଯୋଗ ସମବାୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ । ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ୮ଟି ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କକୁ ବିଭକ୍ତ କରାଯାଇ ୧୪ଟି ଡିସିସିବି କରାଯିବ । ଏହାଦ୍ୱାରା ରାଜ୍ୟରେ ଡିସିସିବି ସଂଖ୍ୟା ୩୧ ଛୁଇଁବ । କଟକ, ଅନୁଗୁଳ, ବାଲେଶ୍ୱର, ଭବାନୀପାଟଣା, ବାଲେଶ୍ୱର, ବୌଦ୍ଧ, କୋରାପୁଟ ଏବଂ ସ ମ୍ବଲପୁର କେନ୍ଦ୍ର ସମବାୟ ବ୍ୟାଙ୍କର ପୁନର୍ଗଠନ ହେବ । ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଭଦ୍ରକ,ନୂଆପଡ଼ା, ସୁବର୍ଣ୍ଣପୁରରେ ଖୋଲିବ କେନ୍ଦ୍ରୀୟ ବ୍ୟାଙ୍କ । ଏହାଛଡ଼ା କନ୍ଧମାଳ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ବରଗଡ଼, ଦେବଗଡ଼ ଓ ଝାରସୁଗୁଡ଼ାରେ ମଧ୍ୟ ନୂଆ ଡିସିସିବି ଖୋଲିବ । ଏହାଦ୍ୱାରା ରାଜ୍ୟର ଚାଷୀକୁଳ ବେଶ ଲାଭବାନ ହେବେ । ଏହା କାଯ୍ୟକାରି ହେଲେ ଅବିଭକ୍ତ କୋରାପୁଟ ଜିଲା ପାଇ ରହିଥିବା ଜୟପୁର ସ୍ଥିତ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ୪ ଭାଗ ହେବ । ରାଜ୍ୟରେ ସମବାୟ ସଂସ୍ଥା ଉପରେ ଲୋକଙ୍କ ଆସ୍ଥା ଫେରାଇ ଆଣିବା ସହ ଏହାକୁ ଗ୍ରାମ୍ୟ ଅର୍ଥନୀତିର ମେରୁଦଣ୍ଡ କରିବାକୁ ନୂଆ ସରକାର ଅଗ୍ରାଧିକାର ଦେଉଛନ୍ତି । ନିକଟରେ ରାଜ୍ୟରେ ୧୫୪୨ଟି ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତିର ଶୁଭାରମ୍ଭ ହୋଇଛି । ପାକ୍ସ ଓ ଲାମ୍ପ୍ସରେ ସାର, ବିହନ ଯୋଗାଣ, ଜନ ଔଷଧି କେନ୍ଦ୍ର ଓ କମନ୍ ସର୍ଭିସ ସେଂଟର ସ୍ଥାପନ, କୃଷି ସେବା କେନ୍ଦ୍ର ସ୍ଥାପନ ଓ ବୈଜ୍ଞାନିକ ପଦ୍ଧତିରେ ଶସ୍ୟ ସଂରକ୍ଷଣ କେନ୍ଦ୍ର ସ୍ଥାପନକୁ ଗୁରୁତ୍ୱ ଦିଆଯାଉଛି । ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୭୭ଟି ପ୍ୟାକ୍ସକୁ ମଡେଲ୍ ପ୍ୟାକ୍ସ ଭାବରେ ବିକଶିତ କରିବା ପାଇଁ କାମ ଆର ମ୍ଭ କରିଛନ୍ତି । ରାଜ୍ୟରେ ୪୨୫୩ ପାକ୍ସ ରହିଛି । ଇତିମଧ୍ୟରେ ସମବାୟ ଋଣ ବଂଟନରେ ସଂସ୍କାର ଆସିଛି । ସମବାୟ ବିଭାଗ ନିଷ୍ପତି ନେଇଛି, କୁକୁଡ଼ା ଓ ବତକ ଫାର୍ମ ପାଇଁ ପାକ୍ସ ଓ ଲାମ୍ପ୍ସଗୁଡିକ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେଇପାରିବେ । ସବ୍‌ସିଡି ପାଇବାକୁ ଡିସିସିବିର ଅନୁମତି କିନ୍ତୁ ବାଧ୍ୟତାମୂଳକ । ଡିସିସିବି ସିଧାସଳଖ କୁକୁଡ଼ା ଓ ବତକ ଫାର୍ମ ପାଇଁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେଇପାରିବ । ସମବାୟ ବ୍ୟାଙ୍କ ସ୍କୁଟର, ମୋଟରସାଇକେଲ୍ ସମେତ ବ୍ୟାଟେରୀ ଚାଳିତ ଦୁଇ ଚକିଆ ଯାନ ପାଇଁ ଋଣ ପ୍ରଦାନ କରିପାରିବେ । ବ୍ୟାବସାୟିକ ଯାନ, ମତ୍ସ୍ୟପାଳନ, ଗୋପାଳନ ଆଦି କ୍ଷେତ୍ର ପାଇଁ ଋଣ ମଧ୍ୟ ମିଳିବ । ଅଧିକ ଡିସିସିବି ପ୍ରତିଷ୍ଠା ହେଲେ ଋଣ ଲଗାଣ ପ୍ରକ୍ରିୟା ଅଧିକ ତ୍ୱରାନ୍ୱିତ ହୋଇପାରିବ ବୋଲି ସମବାୟବିତ୍ ମତ ରଖୁଛନ୍ତି ।

# ନବରଙ୍ଗପୁର, ରାୟଗଡା ଓ ମାଲକାନଗିରିରେ ନୂଆ ଜିଲ୍ଲା ସମବାୟ ବ୍ୟାଙ୍କ

ଜୟପୁର,୨୦/୫(ନି. ପ୍ର): ଚାଷୀଙ୍କୁ ହାତ ପାଆନ୍ତାରେ ଋଣ ସମେତ ଅନ୍ୟାନ୍ୟ ସୁବିଧା ସୁଯୋଗ ପହଂଚାଇବା ପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ୨୮୪ନୂତନ ଲ୍ୟାମ୍ପସ୍ ଘୋଷଣାକୁ ଇତିମଧ୍ୟରେ ୨ବର୍ଷ ବିତିଯାଇଛି । କୋରାପୁଟ ଜିଲାରେ ୭୭, ନବରଙ୍ଗପୁର ଜିଲାରେ ୭୭ ମାଲକାନଗିରି ଜିଲାରେ ୪୭, ରାୟଗଡା ଜିଲାରେ ୮୩ ଏପରି ମୋଟ ୨୮୪ଟି ଲ୍ୟାମ୍ପ ଖୋଲାଯାଇଛି । କିନ୍ତୁ, ଏଯାଏଁ ଗୋଟିଏ ହେଲେ ଲ୍ୟାମ୍ପସ ସ୍ୱୟଂ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ତେବେ ଏହାରି ମଧ୍ୟରେ ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଆଉ ଗୋଟିଏ ଗୁରୁତ୍ୱପୁର୍ଣ୍ଣ ନିଷ୍ପତି ଚାଷୀଙ୍କ ପାଇଁ ନେଇଛନ୍ତି । ୧୩ଟି ଜିଲ୍ଲା ସଦର ମହକୁମାରେ ନୂଆ ଜିଲ୍ଲା ସମବାୟ ବ୍ୟାଙ୍କ ସ୍ଥାପନ କରିବାକୁ ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ ୮ଟି ଜିଲ୍ଲାର ସମବାୟ ବ୍ୟାଙ୍କ ମୁଖ୍ୟ ନିର୍ବାହୀ ଅଧିକାରୀ(ସିଇଓ) ମାନଙ୍କୁ ଚିଠି ଆସିଛି । ଏହି କ୍ରମରେ ଅଭିବକ୍ତ କୋରାପୁଟଜିଲ୍ଲାର ୩ଟି ଜିଲ୍ଲା ନବରଙ୍ଗପୁର, ମାଲକାନଗିରି ଓ ରାୟଗଡ଼ାରେ ନୂଆ ଜିଲ୍ଲାସମବାୟ ବ୍ୟାଙ୍କ ସ୍ଥାପନ ହେବ ବୋଲି କହିଛନ୍ତି କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳନା ସମିତିର ସଭାପତି ଇଂ. ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ । କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧିନରେ ଏହି ତିନି ଜିଲ୍ଲାରେ ତିନୋଟି ଜିଲ୍ଲା ସମବାୟ ବ୍ୟାଙ୍କ କିଛି ବର୍ଷ ଚାଲିବ । ତାପରେ ନୂଆ ଜିଲ୍ଲା ସମବାୟ ବ୍ୟାଙ୍କ ଗୁଡିକର ଅନୁସଙ୍ଗିକ ଭିତିଭୂମି , କର୍ମଚାରୀ ନିଯୁକ୍ତି ଆଦି ହେବା ପରେ ସ୍ୱୟଂ ସିଦ୍ଧ ହେବ । ତେବେ ଏହା ପୂର୍ବରୁ ଅଭିବକ୍ତ କୋରାପୁଟ ଜିଲ୍ଲାକୁ ନେଇ ଥିବା କେସିସିବି (କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ) ତାହା ପରିଚାଳନା ବୋର୍ଡ ବୈଠକ କରି ଏହାକୁ ଅନୁମୋଦନ କରିବାକୁ ପଡ଼ିବ । କେସିସିବିରେ ଏବେ ୫୧ ପ୍ରତିଶତ ଅଂଶୀଦାର ଗ୍ରାହକ ଓ ୪୯ପ୍ରତିଶତ ସରକାର ରହିଛନ୍ତି । ତେଣୁ ପରିଚାଳନା କମିଟି ବୈଠକ ପରେ ନୂଆ ଜିଲ୍ଲା ସମବାୟ ବ୍ୟାଙ୍କ ଗୁଡିକ କାର୍ଯ୍ୟକାରୀ ହେବ । ଯେହେତୁ ନୂଆ ବ୍ୟାଙ୍କରେ କର୍ମଚାରୀ ଓ ଅନୁସଙ୍ଗିକ ତଥା ବୈଷୟିକ ଭିତିଭୂମି ନଥିବାରୁ ସେ ସବୁ କେସିସିବି ଜରିଆରେ ହେବ । ପରବର୍ତୀ ସମୟରେ କେସିସି ବ୍ୟାଙ୍କର ବିଭିନ୍ନ ଜିଲ୍ଲାର ଗ୍ରାହକଙ୍କୁ ଜିଲ୍ଲାୱାରୀ ନିଜ ନିଜ ଜିଲ୍ଲାର ସମବାୟ ବ୍ୟାଙ୍କକୁ ସ୍ଥାନାନ୍ତର କରାଯିବ । ଏହା ଦ୍ୱାରା ଚାଷୀ ମାନେ ବିଶେଷ ଉପକୃତ ହୋଇପାରିବେ ବୋଲି କହିଛନ୍ତି କେସିସି ବ୍ୟାଙ୍କ ପରିଚାଳନା କମିଟି ସଭାପତି ଇଂ. ପାଣିଗ୍ରାହୀ । ଗତ ଦୁଇ ବର୍ଷ ତଳେ ଜିଲ୍ଲାରେ ନୂଆ ୭୮ଟି ଲ୍ୟାମ୍ପସକୁ ଅନୁମୋଦନ କରାଯାଇଛି । ଏହି ନୂଆ ଲ୍ୟାମ୍ପ ଗୁଡିକ ବ୍ଲକରେ ଥିବା ପୁରୁଣା ଲ୍ୟାମ୍ପସ ମାଧ୍ୟମରେ ଚାଲିଛି ବୋଲି କହିଛନ୍ତି ଇଂ.ପାଣିଗ୍ରାହୀ । ତେବେ ପ୍ରଶାସନ ୨ଏକର ଜମି ଯୋଗାଇଲେ ନୂଆ ଲ୍ୟାମ୍ପସର ଭିତିଭୂମି ତିଆରି କରି ସେଠାରେ ଚାଳିବ ବୋଲି କହିଛନ୍ତି ଇଂ.ପାଣିଗ୍ରାହୀ । ଏହା ସହ ଏହି ୭୮ଟି ଲ୍ୟାମ୍ପର କର୍ମଚାରୀ ନିଯୁକ୍ତି ପ୍ରକ୍ରିୟା ହୋଇପାରିନି । ଏବେ ନୂଆ ଜିଲ୍ଲାସମବାୟ ବ୍ୟାଙ୍କ ସହ ଏହି ୭୮ଟି ଲ୍ୟାମ୍ପର କର୍ମଚାରୀ ନିଯୁକ୍ତି ରାଜ୍ୟ ସମବାୟ ବିଭାଗ ପକ୍ଷରୁ କରାଗଲେ ନୂଆ ନିଜସ୍ୱ ଲ୍ୟାମ୍ପ ସହ ନୂଆ ଜିଲ୍ଲା ସମବାୟ ବ୍ୟାଙ୍କ ବି ଆରମ୍ଭ ହୋଇ ପାରିବ ବୋଲି କହିଛନ୍ତି ଇଂ. ପାଣିଗ୍ରାହୀ । ନୂଆ ବ୍ୟାଙ୍କ ସ୍ଥାପନ କ୍ଷେତ୍ରରେ କେସିସିବି ସମ୍ପୂର୍ଣ୍ଣ ରୂପେ ସବୁ ପ୍ରକାର ସହଯୋଗ ଯୋଗାଇ ଦେବ ବୋଲି କହିଛନ୍ତି ଇଂ. ପାଣିଗ୍ରାହୀ ।

# ଚୋରା ବାଲିରେ ଚାଲିଛି କେନାଲ କାମ : ନିରବଦ୍ରଷ୍ଟା ବିଭାଗ

ଚମ୍ପୁଆ,୨୦/୫(ନି. ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ଯୋଡା ବ୍ଲକ୍ ଅନ୍ତର୍ଗତ ବାସୁଦେବପୁର ଠାରେ ବୈତରଣୀ ନଦୀ ଉପରେ କାନପୁର ବୃହତ୍ ନଦୀ ବନ୍ଧ ନିର୍ମାଣ ଚାଲିଥିବା ବେଳେ ଚମ୍ପୁଆ ବ୍ଲକ ଭଣ୍ଡା ଅଂଚଳରେ ଏହି ନଦୀ ବନ୍ଧର କେନାଲ କାମ କରୁଥିବା ଠିକାଦାର ମାନେ ଚୋରା ବାଲିରେ କାମ କରୁଥିବା ଦେଖିବାକୁ ମିଳିଛି। ଠିକାଦାର ମାନଙ୍କୁ କେନାଲ କାମ କରିବା ପାଇଁ ସ୍ୱତନ୍ତ୍ର ବାଲି ଘାଟରୁ ବାଲି ନେବା ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଇ ଥିବାବେଳେ ଉକ୍ତ ବାଲିକୁ ଯୋଡ଼ା, ବଡ଼ବିଲ ପରି ଖଣି ଅଂଚଳକୁ ଚୋରାରେ ଚାଲାଣ କରି ବେଶ ମୁନାଫା କମାଉଥିବା ଜଣାପଡିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଠିକାଦାର ମାନେ ଟ୍ରାକ୍ଟର ମାଲିକ ମାନଙ୍କୁ ଉଷୁକାଇ କମ ଦାମରେ ନିମ୍ନ ମାନର ବାଲି ନେଇ କାମ କରୁଥିବାରୁ ଏହାର ପୁରା ଫାଇଦା ନେଉଛନ୍ତି ବାଲି ମାଫିଆ। ଫଳରେ ଚମ୍ପୁଆ ବ୍ଲକ ଅନ୍ତର୍ଗତ ସାତହଳିଆ, କଙ୍କଡାପାଟ, କୁଟାରିପୋଷି, ଚମ୍ପୁଆବସ୍ତି, ଫଗୁ ପୋଲ, ରାମଲା, ଶଶାଙ୍ଗ, ପତଳା, ଟୁଣଟୁଣା, ସରେଇ, କେଶରୀକୁଣ୍ଡ, କାଟୁଳିକନା, ବନିକା, ଟିଆଁସୀପଶି, ରଙ୍ଗାମାଟିଆ, ରରୁଆଁଗୋଡ଼ା, ମ୍ୟାକମିଲନପୁର, ଜ୍ୟୋତିପୁର, ରୁପାକୁଣ୍ଡ, ଗୋବିନ୍ଦପୁର, ମାଳିପୋଷି, କଙ୍କଡା ଆଦି ଗ୍ରାମରେ ବୈତରଣୀ ନଦୀରୁ ବାଲି ଉଠାଇ ଚୋରା ଚାଲାଣ କରୁଥିବା ବେଳେ ମୟୁରଭଞ୍ଜ ଜିଲ୍ଲା ପଟୁ ଫଗୁ, ଶଗଡା, କେଶରୀ, ନୂଆଗାଁ, କେନ୍ଦୁଆ, ସିଲମା ପଶି, ମୁକୁନା, ଆଦିପୁର ଆଦି ବାଲି ଘାଟରୁ ବାଲି ପ୍ରଚୁର ମାତ୍ରାରେ ଚୋରା ଚାଲାଣ ହେଉଛି। ସେହିପରି ଅରଡେଇ ନଦୀରୁ କୃଷ୍ଣପୁର, ଗମ୍ଭାରିଆ, ରିମୁଳିରେ ଚୋରା ବାଲି ଉଠା ଯାଉଥିବା ବେଳେ ଭଣ୍ଡା, କଂସରା (ଖ), ସୁନାରିପଶି, ରରୁଆଁଗୋଡ଼ା, କେମୁଣ୍ଡିଆ, କନ୍ଦାନାଳୀ, ନନ୍ଦପୁର, ମଙ୍ଗଳପୁର, ପଡୁଆ, ପାରୁଡିପୋଷି, ରାଉତରାପୁର, ଭୂଇଁପୁର, ଜାଲି, କମଣ୍ଡ ଆଦି ଗ୍ରାମରେ ମେର୍ମେଦା ନାଳରୁ ବାଲି ମାଫିଆ ମାନେ ରାତି ଦିନ ବାଲି ଚାଲାଣ କରି ମାଲେମାଲ ହେଉଛନ୍ତି। ଭଣ୍ଡା ଅଂଚଳର ବହୁ ସ୍ଥାନରେ ବେଆଇନ ବାଲି ଡିପୋ ମଧ୍ୟ ରହିଛି, କିନ୍ତୁ ବିଭାଗୀୟ ଅଧିକାରୀ ମାନେ ସବୁ ଜାଣି ଅଜଣା ରହୁଛନ୍ତି। ଭଣ୍ଡା ମେର୍ମେଦା ନାଳରୁ ଚୋରା ବାଲି ଚାଲାଣ ହେଉଥିବା ନେଇ ପ୍ରଶାସନିକ ଅଧିକାରୀ ମାନଙ୍କୁ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଦୈନିକ ବେଧଡ଼କ ଚୋରା ବାଲି ଚାଲାଣକୁ ରୋକିବା ପାଇଁ ବିଭାଗ କୌଣସି ପଦକ୍ଷେପ ନେଉନାହିଁ। ଫଳରେ ଦୈନିକ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ ଘଟୁଛି। ବିଭିନ୍ନ ସମୟରେ ଏ ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀ ମାନେ ଲୋକ ଦେଖାଣିଆ ଦିନେ ଦୁଇଦିନ ଚଢ଼ଉ କରି ନିରବ ବସି ଯାଉଥିବାରୁ ଭଣ୍ଡା ଅଂଚଳରେ ବାଲି ଚାଲାଣ ଉପରେ ରୋକ୍ ଲଗାଇ ପାରୁନାହିଁ ବିଭାଗ। ଠିକାଦାର ଓ ମାଫିଆ ମାନେ କିଛି ତଳିଆ ପ୍ରଶାସନିକ ଅଧିକାରୀଙ୍କୁ ହାତ କରି ଅବାଧ ଚୋରା ବାଲି ଚାଲାଣ କରୁଥିବା କୁହାଯାଉଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏହା ଉପରେ ଉଚ୍ଚ କର୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବୀ ହେଉଛି।

# ବରିଷ୍ଠ ନାଗରିକ କଲ୍ୟାଣ ସମିତିର ବୈଠକ

ଜୟପୁର,୨୦/୫(ନି. ପ୍ର): ବରିଷ୍ଠ ନାଗରିକ କଲ୍ୟାଣ ସମିତିର ବୈଠକ କିଶୋର ଚନ୍ଦ୍ର ହୋତାଙ୍କ ସଭାପତିତ୍ୱ ଏବଂ ସୁରେଶ କୁମାର ହୋତାଙ୍କ ପରିଚାଳନାରେ ୬୦ ରୁ ଉର୍ଦ୍ଧ୍ୱ ସଭ୍ୟଙ୍କ ଗହଣରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସହରର ବିଭିନ୍ନ ପ୍ରସଙ୍ଗରେ ଦାବି ଉପସ୍ଥାପନ କରାଯାଇଥିଲା। ଜୟପୁର ସହରର ଖ୍ରୀଷ୍ଟିଆନ ଛକ ଓ ପ୍ରସାଦ ରାଓ ପେଟା ଛକରେ ଟ୍ରାଫିକ ପୋଷ୍ଟ ସ୍ଥାପନ, ପୁରୁଣା ଦୈନିକ ବଜାରର ବିଭିନ୍ନ ଗଳି ରାସ୍ତାର ପସରା ଉଠେଇବା, ଦୈନିକ ବଜାର ମଧ୍ୟରେ ଥିବା ବିଦ୍ୟାଧର ସିଂ ଦେବଙ୍କ ପ୍ରତିମୂର୍ତ୍ତିର ଚତୁର୍ପାର୍ଶ୍ୱରୁ ଜବରଦଖଲ ଦୋକାନ ଉଚ୍ଛେଦ କରିବା, ଅଟୋ ବାଲାମାନେ ବରିଷ୍ଠ ମାନଙ୍କୁ ଉଚିତ ବ୍ୟବହାର ସହ ଦୂରତାକୁ ନେଇ ଧାର୍ଯ୍ୟ ଭଡା ଠିକ କରିବା। ଏହି ଦାବି ଜଣେଇବା ନିମନ୍ତେ, ଆଗାମୀ ଦିନରେ ଉପଜିଲ୍ଲାପାଳ, ପୌରପାଳିକା, ପୋଲିସକୁ ଅବଗତ ପାଇଁ ନିଷ୍ପତି ନିଆଯାଇଛି। ଏହି ବୈଠକରେ ବରିଷ୍ଠ ନାଗରିକ ମାନଙ୍କୁ ଓ ପରିଚୟ ପତ୍ର ବିତରଣ କରାଯାଇଥିଲା। ଆଗକୁ ଅନେକ ସାମାଜିକ କାର୍ଯ୍ୟ ପାଇଁ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଉପ ସଭାପତି ସୁରେନ୍ଦ୍ର ମହାନ୍ତି, ଶଙ୍କର୍ଷଣ ମିଶ୍ର, ପ୍ରମୋଦ ପଣ୍ଡା, କୃଷ୍ଣଚନ୍ଦ୍ର ହୋତା, ଖଲି ପଟନାୟକ, ପରମେଶ୍ୱର ପାତ୍ର, ଅମ୍ବିକା ପାଢ଼ୀ ବାବାଜୀ ଚରଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ସମାଜସେବୀ ଧ୍ରୁବ ପଟ୍ଟନାୟକଙ୍କ ବିୟୋଗରେ ଶୋକ

ବଲାଙ୍ଗିର, ୧୯ ମେ (ହି.ସ) : ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ବେଲଗାଁ ଅଂଚଳର ସ୍ଥାୟୀ ବାସିନ୍ଦା ତଥା ସମାଜସେବୀ ଧ୍ରୁବ ଚରଣ ପଟ୍ଟନାୟକଙ୍କ ବିୟୋଗରେ ଅଂଚଳରେ ଶୋକ ଛାୟା ଖେଳିଯାଇଛି । ମୃତ ବେଳକୁ ତାଙ୍କୁ ୭୬ ବୟସ ହେଉଥିଲା । ସେ ଜଣେ ପରୋପକାରୀ ବ୍ୟକ୍ତି ଥିଲେ । ଏହା ସହିତ ସ୍ୱର୍ଗତ ଶ୍ରୀ ପଟ୍ଟନାୟକ ଜଣେ କଂଗ୍ରେସ ଦଳ ସକ୍ରିୟ ସଦସ୍ୟ ଥିବାବେଳେ ଜିଲ୍ଲା ସମବାୟ ସମିତିର ଡାଇରେକ୍ଟର ରହିଥିଲେ । ତାଙ୍କର ମୃତ ଖବର ପ୍ରଚାରିତ ହେବା ପରେ ପରିବାର ସମେତ ବନ୍ଧୁ ବାନ୍ଧବ ଓ ସମ୍ପର୍କୀୟମାନେ ଉପସ୍ଥିତ ରହି ମରଶରୀରକୁ ବେଲଗାଁ ସ୍ଥିତ ତେଲ ନଦୀରେ ଅନ୍ତିମ ସଂସ୍କାର କରାଯାଇଥିଲା । ଏଥିରେ ତାଙ୍କର ପୁତୁରା ପ୍ରଦୀପ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଅଧ୍ୟାପକ କିଶୋର ସାହୁ, କଂଗ୍ରେସ ନେତା ହୃଷିକେଶ ରାଜପଲିଆ, ସତ୍ୟନାରାୟଣ ପଣ୍ଡା, ଉତ୍ତମ ପଟେଲ, ସନ୍ତୋଷ ପାତ୍ର, ବଜରଙ୍ଗଲାଲ ଜୈନ, ହିଜକ୍ଷ ନାଗ, ସୁବ୍ରତ ପଟ୍ଟନାୟକଙ୍କ ସମେତ କଂଗ୍ରେସ ପ୍ରେମୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

# ଉଦ୍‌ଯାପିତ ହେଲା ନର୍ସିଂ ସପ୍ତାହ ଓ ଏଓଏସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,୨୦/୫(ନି. ପ୍ର): ଏସ୍ୱଏସ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ରେ ଚାଲିଥିବା ଅନ୍ତର୍ଜାତୀୟ ନର୍ସିଂ ସପ୍ତାହ ଓ ବାର୍ଷିକ ଉତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ବାଣୀବ୍ରତ ତ୍ରିପାଠୀଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଓମ୍‌ସାର ରାଜ୍ୟ ସଭାପତି ଡ. କିଶୋର ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଏସ୍‌ଓଏସ୍ କଲେଜ୍ ଅଫ୍ ନର୍ସିଂର ଅଧକ୍ଷା ପବିତ୍ରା ବାଗୁଡ଼ାଇ, ସମ୍ମାନୀତ ଅତିଥି ଭାବେ ନିର୍ଦ୍ଦେଶକ ସୁଖଦା ପ୍ରସାଦ ତ୍ରିପାଠୀ, ପ୍ରଫେସନାଲ ନିର୍ଦ୍ଦେଶିକା ଜ୍ୟୋତିର୍ମୟୀ ପଟ୍ଟନାୟକ, ତୁଳସୀ ଏଏନ୍‌ଏମ୍ ଓ ଜିଏନ୍‌ଏମ୍ ଟ୍ରେନିଂ ସେଂଟରର ଅଧକ୍ଷା କୁମୁଦିନୀ ଲେଙ୍କା, ମୁଖ୍ୟ ପ୍ରଶାସନିକ ଅଧିକାରୀ ଶ୍ରୀକାନ୍ତ ବିଶ୍ୱାଳ ପ୍ରମୁଖ ମଂଚାସୀନ ଥିଲେ । ଏହି ଅବସରରେ ପରିବେଷ ସୁରକ୍ଷା ପାଇଁ ଗୋଟିଏ ଗଛଚାରା ପ୍ରଦାନ କରଯାଇଥିଲା । ମୁଖ୍ୟ ଅତିଥି ଡ. କିଶୋର ମିଶ୍ର ତାଙ୍କ ଅଭିଭାଷଣରେ କହିଥିଲେ ଯେ ନିଜର କାର୍ଯ୍ୟଶୈଳୀକୁ ଉନ୍ନତ କରି ରୋଗୀଙ୍କୁ ଉତ୍ତମ ସେବା ଯୋଗାଇପାରିଲେ ସେମାନଙ୍କର ସେବିକା ହେବାର ସାର୍ଥକତା ପୂରଣ ହୋଇପାରିବ । ଏଥି ସହିତ ନର୍ସିଂ ଛାତ୍ରୀଛାତ୍ରମାନେ ସେମାନଙ୍କର ଅନ୍ତଃର୍ନିହିତ କାର୍ଯ୍ୟକୁ ବିକାଶ କରିବା ସହିତ ରୋଗୀଙ୍କ ପ୍ରତି ସେବା ଓ ସହାନୁଭୂତି ମନୋଭାବ ପୋଷଣ କଲେ ଭବିଷ୍ୟତରେ ଜଣେ ଜଣେ ସୁଦକ୍ଷା ସେବିକା ହୋଇପାରିବେ ବୋଲି ସେ କହିଥିଲେ । ଏହି ଅବସରରେ କୃତୀ ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା । ମିଷ୍ଟର ଏସ୍‌ଓଏସ୍ ଭାବେ ସୂର୍ଯ୍ୟକାନ୍ତ ଦାସ, ମିସ୍ ଏଓଏସ୍ ଭାବେ ଏ.ପି ଅଲିଭା ଅଭିନୀତା, ମିସ୍‌ଟାଇନ୍ ଭାବେ ଲକ୍ଷ୍ମୀପ୍ରିୟା ମହାପାତ୍ର ଓ ମିଷ୍ଟର ଟାଇନ୍ ଭାବେ ଅବିନାଶ ବଳ, ବେଷ୍ଟ ଭଲ୍ୟୁଂଟର ଭାବେ ସଙ୍ଗୀତା ବାରିକ ଓ ରମାକାନ୍ତ ମଲ୍ଲିକଙ୍କୁ ଟ୍ରଫି ଓ ଉପଢୌକନ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଓଡ଼ିଶାର ସୁନାମଧନ୍ୟ ଅଭିନେତା ଓ ମଡେର୍ଲ ଲୋହିତାକ୍ଷ ପଟ୍ଟନାୟକ ଏହି ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ନର୍ସିଂ ଛାତ୍ରୀଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପାଧକ୍ଷା ପ୍ରିୟମ୍ବଦା ପଟ୍ଟନାୟକ, ବନ୍ଦିତା ସାହୁ, ପଲ୍ଲବୀ ପଟ୍ଟନାୟକ, ମନିସାରାଣୀ, ମୋନାଲିସା ସାହୁ, ସନ୍ଧ୍ୟାରାଣୀ ସାହୁ, ମିତାଲୀ ମଧୁସ୍ମିତା ବିଶ୍ୱାଳ, ସୁପ୍ରଭା ମଞ୍ଜରୀ ଦାଶ, ସୋନାଲୀ ସେନାପତି, ପ୍ରଜ୍ଞା ମିଶ୍ର, ବିଜୟ କୁମାର ସାହୁ, ଶ୍ରାବଣୀ ନାୟକ ପ୍ରମୁଖ ଏହି ଉଦ୍‌ଯାପନୀ ସଭାକୁ ପରିଚାଳନା କରିଥିଲେ ।

# ନୂତନ ଏସପିଙ୍କୁ ସାକ୍ଷାତ କଲେ ଓଡ଼ିଶା ସାମ୍ବାଦିକ ସଂଘ କର୍ମକର୍ତ୍ତା

ସୁବର୍ଣ୍ଣପୁର,୨୦/୫(ନି. ପ୍ର): ସୁବର୍ଣ୍ଣପୁର ର ନୂତନ ଏସପି ନାରାୟଣ ନାୟକ ଙ୍କୁ ସାକ୍ଷାତ କଲେ ଓଡ଼ିଶା ସାମ୍ବାଦିକ ସଂଘ ସୋନପୁର ଶାଖା କର୍ମକର୍ତ୍ତା। କ୍ଷ ଦୁର୍ଘଟଣା ରୋକିବାକୁ ନିର୍ଦ୍ଧିଷ୍ଟ ସମୟରେ ଭାରି ଯାନ ଚଳାଚଳ ବ୍ୟବସ୍ଥା କୁ ସଦର ମହକୁମା ରେ ମଧ୍ୟ ଲାଗୁକରିବା, ବେଆଇନ୍ ନିଶା କାରବାର ଓ ଜନ ଗହଳି ପୂର୍ଣ୍ଣ ରାସ୍ତା ରେ ଦୃତ ଗତିରେ ବାଇକ ଚଳାଉ ଥିବା ଆରୋହୀ ଙ୍କୁ ରୋକ ଲଗାଇବା କୁ ଓ ବିଶେଷ କରି ନାବାଳକ ଗାଡ଼ି ଚାଳକ ଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ, ଛିନ୍ ତାଇ ଉପରେ ଜିରୋ ଟଲରେନ୍ସ, ପ୍ରତ୍ୟହ ସହର କୁ ଆସୁଥିବା ସନ୍ଦିଗ୍ଧ ବ୍ୟକ୍ତି ଙ୍କୁ ଚିହ୍ନଟ କରିବା, ଖଣି ଅଧିକାରୀ ଙ୍କ ପ୍ରୋତ୍ସାହନ ରେ ଜିଲ୍ଲା ର ତେଲ ନଦୀ , ମହାନଦୀ ଓ ଅଙ୍ଗ ନଦୀ ତଥା ସମସ୍ତ ଯୋର ମାନଙ୍କରୁ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ଲଘୁ ଖଣିଜ ସମ୍ପଦ ଲୁଟେରା ଓ ମାଫିଆ ମାନଙ୍କ ଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଉପରେ ଏସପି ଙ୍କୁ ଏଭଳି ଅନେକ ସୂଚିନ୍ତିତ ପ୍ରସ୍ତାବ ପ୍ରଦାନ କରିଛନ୍ତି ତଥା ଜନତା ଙ୍କ ସହିତ ଉତ୍ତମ ବ୍ୟବହାର ଓ ସୂ -ସମ୍ପର୍କ ରଖି ସବୁଠି ଆମ ପୋଲିସ ବ୍ୟବସ୍ଥାକୁ ସକ୍ରିୟ କରିବାକୁ ଅନୁରୋଧ କରିଥିଲେ କ୍ଷ ସହର ତଥା ସମସ୍ତ ଥାନା ଅଂଚଳ କୁ ଅଚାନକ ପରିଦର୍ଶନ ଓ କାର୍ଯ୍ୟ ସମୀକ୍ଷା କରି ଆଇନ ଶୃଙ୍ଖଳା କୁ ନିୟନ୍ତ୍ରଣ କରିବା ଦିଗରେ କର୍ମଚାରୀଙ୍କ ଆତ୍ମ ବିଶ୍ୱାସ ବଢ଼ାଇବାକୁ ମଧ୍ୟ ଏସପି ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏସପି ଶ୍ରୀ ନାୟକ ସହର ତଥା ଜିଲ୍ଲା ରେ ଲୋକ ଙ୍କ ସୁରକ୍ଷା ପାଇଁ ୯୨ ଗୋଟି ନୂତନ ଗୃହରକ୍ଷୀ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଥିବା ବିଷୟ ପ୍ରକାଶ କରି ଜିଲ୍ଲା ର ସମସ୍ତ ଥାନା ମାନଙ୍କରେ ମହିଳା ମାନଙ୍କ ସୁବିଧା ପାଇଁ ସବୁଠି କିଛି କିଛି ମହିଳା କର୍ମଚାରୀ ଦେବାସହ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାକୁ ପବ୍ଲିକ, ବୁଦ୍ଧିଜୀବୀ ଓ ମିଡିଆଙ୍କ ସହଯୋଗ କାମନା କରିଛନ୍ତି। ସାଧାରଣ ଜନତାଙ୍କ ଅଭିଯୋଗ ପାଇଁ ସବୁବେଳେ ମୋ ଦୁଆର ଖୋଲା ବୋଲି ପ୍ରକାଶ କରିଥିଲେ। ସଂଘର ଏହି ଉଚ୍ଚ ସ୍ତରୀୟ ପ୍ରତିନିଧି ଦଳ ଏସପି ଙ୍କୁ ସଂଘ ର କିଛି ସ୍ମୃତି ଫଳକ ପ୍ରଦାନ କରିଥିବା ବେଳେ ୨୦୧୦ ମସିହାରୁ ଅନବରତ ଭାବେ ଚାଲିଥିବା ଏହି ସଂଘର ସାମ୍ବାଦିକ କଲ୍ୟାଣ ଓ ସାମାଜିକ କାର୍ଯ୍ୟକୁ ଏସପି ଶ୍ରୀ ନାୟକ ଭୂୟସୀ ପ୍ରଶଂସା କରିଥିଲେ।

# ଫାଣ୍ଡି ସାମ୍ନାରେ ମହିଳାଙ୍କଠାରୁ ଟଙ୍କା ଲୁଟ୍

ଚମ୍ପୁଆ,୨୦/୫(ନି. ପ୍ର): ବ୍ୟାଙ୍କରୁ ଟଙ୍କା ଉଠାଇ ଆସୁଥିବା ଥିବା ବେଳେ ଫାଣ୍ଡି ସମ୍ମୁଖରେ ଜଣେ ମହିଳାଙ୍କ ଠାରୁ ୧୦ ହଜାର ଟଙ୍କା ଲୁଟ ହୋଇଛି । ମିଳିଥିବା ଖବର ଅନୁସାରେ ଆଜି ଦିନ ପ୍ରାୟ ଏକ ଘଟିକା ସମୟରେ ଝୁମ୍ପୁରା ଥାନା ଗୁମୁରା ପଂଚାୟତ ଅନ୍ତର୍ଗତ ସରୁପତଳା ଗ୍ରାମର ୰ଭରତ ମୁଣ୍ଡାଙ୍କ ସ୍ତ୍ରୀ ସୂର୍ଯ୍ୟମଣି ମୁଣ୍ଡା ଆଜି ପୁଅର ପାଠପଢା ଖର୍ଚ୍ଚ ପାଇଁ ରିମୁଳି ସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରୁ ଦଶ ହଜାର ଟଙ୍କା ଉଠାଇବା ପରେ ସଉଦା କିଣିବାକୁ ରିମୁଳି ହାଟକୁ ଚାଲି ଚାଲି ଯାଉଥିଲେ। ସୂର୍ଯ୍ୟମଣି ରିମୁଳି ଛକ ଫାଣ୍ଡି ସମ୍ମୁଖରେ ପହଂଚିଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ପଲସର ବାଇକ ରେ ଆସି ତାଙ୍କ ଠାରୁ ହଠାତ ଟଙ୍କା ଥିବା ବ୍ୟାଗ ଛଡାଇ ଚମ୍ପୁଆ ଆଡକୁ ଦ୍ରୁତ ଗତିରେ ଫେରାର ହୋଇ ଯାଇଥିଲେ। ସଙ୍ଗେ ସଙ୍ଗେ ସୂର୍ଯ୍ୟମଣି ରିମୁଳି ଫାଣ୍ଡି କୁ ଯାଇ ଘଟଣା ସମ୍ପର୍କରେ ଜଣାଇବା ପରେ ରିମୁଳି ଫାଣ୍ଡି ଅଧିକାରୀ ସ୍ଥାନୀୟ ଅଂଚଳରେ ଥିବା ସିସିଟିଭିକୁ ଯାଂଚ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ଲୁଟ ହୋଇଥିବା ବ୍ୟାଗରେ ଦଶହଜାର ଟଙ୍କା ସମେତ ବ୍ୟାଙ୍କ ପାସବୁକ , ମୋବାଇଲ ସମେତ ବିଭିନ୍ନ ଆବଶ୍ୟକୀୟ କାଗଜପତ୍ର ଥିବା ଜଣାପଡିଛି । ତେବେ ରିମୁଳି ଫାଣ୍ଡି ସମ୍ମୁଖରୁ ଦିନ ଦ୍ୱିପ୍ରହରେ ଏଭଳି ଲୁଟ ଘଟଣା ଚମ୍ପୁଆ ପୋଲିସକୁ ଖୋଲା ଚାଲେଞ୍ଜ ବୋଲି ସାଧାରଣରେ ଆଲୋଚନା ହେଉଛି।

# ସସ୍ମିତା ପଣ୍ଡା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ନିଯୁକ୍ତ

କେନ୍ଦ୍ରାପଡ଼ା,୨୦/୫(ନି. ପ୍ର): ପୂର୍ବତନ କେନ୍ଦ୍ରାପଡା ଜିଲ୍ଲା ମହିଳା କଂଗ୍ରେସ ସଭାପତି ସସ୍ମିତା ପଣ୍ଡାଙ୍କୁ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । ଭାରତୀୟ ଜାତୀୟ କଂଗ୍ରେସ ସଭାପତିଙ୍କ ଅନୁମୋଦନ କ୍ରମେ ଏହି ନିଯୁକ୍ତି ପ୍ରଦାନ କରାଯାଇଥିବା ଏ.ଆଇ.ସି.ସି. ସାଧାରଣ ସମ୍ପାଦକ ତଥା ସାଂସଦ କେ.ସି. ଭେନୁଗୋପାଳ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି । ପୂର୍ବରୁ ଜିଲ୍ଲା ମହିଳା କଂଗ୍ରେସର ସଭାପତି ଭାବେ ନିଜର ଦକ୍ଷତା ପ୍ରତିପାଦନ କରିଥିବା ଶ୍ରୀମତୀ ପଣ୍ଡାଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରି ତାଙ୍କୁ ଏଭଳି ଗୁରୁଦାୟୀତ୍ୱ ପ୍ରଦାନ କରିଥିବାରୁ ଶ୍ରୀମତୀ ପଣ୍ଡା ଏ.ଆଇ.ସି.ସି. ସଭାପତି ମଲିକାର୍ଜ୍ଜୁନ ଖଡଗେ, ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ନିଯୁକ୍ତି ନେଇ ଶ୍ରୀମତୀ ପଣ୍ଡାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ଏଆଇଟିୟୁସି ଓ ଏଆଇୟୁଟିୟୁସି ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ

ବଲାଙ୍ଗିର, ୨୦/୫ (ନି.ପ୍ର): ୧୦ଟି କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ସ୍ୱାଧିନ ଫେଡେରେସନ ଆହ୍ୱାନରେ ଦେଶ ବ୍ୟାପି ବିକ୍ଷୋଭ ଅବସରରେ ଆଜି ଏଆଇଟିୟୁସି ଓ ଏଆଇୟୁଟିୟୁସି ବଲାଙ୍ଗିର ଜିଲ୍ଲା ପକ୍ଷରୁ କୋଶଳ କଳା ମଣ୍ଡଳ ପଡିଆରୁ ଏକ ର୍ୟାଲିରେ ଭାଗରଥି ଛକ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଶ୍ରମିକ ବିରୋଧି ୪ଟି ଶ୍ରମ କୋଡ ପ୍ରତ୍ୟାହାର, ସ୍କିମ ୱାର୍କର ଯଥା ଆଶା କର୍ମୀ ଅଙ୍ଗନୱାଡି କର୍ମୀ ଓ ସହାୟିକା, ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକାଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ମାସିକ ଭତା ସର୍ବନିମ୍ନ ୨୬ହଜାର ଟଙ୍କା ପ୍ରଦାନ, କୃଷିଜାତ ଦ୍ରବ୍ୟର ଆଇନ ମାନ୍ୟତା ଦରବୃଦ୍ଧି ନିୟନ୍ତ୍ରଣ, ଏନପିଏସ୍ ୟୁପିଏସ୍ ବାତିଲ କରି ପୁରୁଣା ପେନସନ ସ୍କିମ ପ୍ରଚଳନ, ସମାନ କାମକୁ ସମାନ ଦରମା, ୨୦୨୨ ବିଦ୍ୟୁତ ସଂଶୋଧନ ପ୍ରତ୍ୟାହାର, ପ୍ରିପେଡ ସ୍ମାର୍ଟ ମିଟର ବାତିଲ, ରାଷ୍ଟ୍ରାୟତ ଓ ସରକାରୀ ସଂସ୍ଥାର ଘରୋଇ କରଣ ବନ୍ଦ କରିବା ଓ ଜାତୀୟ ଶିକ୍ଷାନିତି ୨୦୨୦ ବାତିଲ ଆଦି ୧୭ ଦଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏଆଇଟିୟୁସି ଜିଲ୍ଲାସଭାପତି ତୀର୍ଥ ପ୍ରଧାନଙ୍କ ସଭାପତିତ୍ୱରେ ଆଜିର ବିକ୍ଷୋଭ ସଭାରେ ବକ୍ତବ୍ୟ ରଖିଥିଲେ ଏଆଇୟୁଟିୟୁସି ରାଜ୍ୟ କମିଟି ସଭ୍ୟ ଅଶୋକ ମିଶ୍ର ।

# ହତ୍ୟା ଉଦ୍ୟମ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ: ବର୍ଷେ ଜେଲ ଦଣ୍ଡାଦେଶ ଶୁଣାଇଲେ ମାନ୍ୟବର କୋର୍ଟ

ନୀଳଗିରି , ୨୧/୫ (ନି.ପ୍ର): ଏକ ହତ୍ୟାଉଦ୍ୟମ ଘଟଣାର ବିଚାରକରି ମାନ୍ୟବର ସହକାରୀ ଦୌରାଜଜ ନୀଳଗିରି ଶ୍ରୀମତୀ ସୁନନ୍ଦା ପ୍ରଧାନ ମୁଦାଲାଙ୍କୁ ୧ବର୍ଷ ଜେଲଦଣ୍ଡ ସହ ୧ଶହ ଟଙ୍କା ଜୋରିମାନା କରିଛନ୍ତି । ସୂଚନା ଅନୁଯାୟୀ ୨୦୨୦ମସିହା ଜୁଲାଇ ୩୦ତାରିଖ ଦିନ ସନ୍ଧ୍ୟାରେ ନୀଳଗିରି ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ ଦଳଦଳି ଗ୍ରାମରେ ଏକ ପରକୀୟା ପ୍ରୀତିକୁ ନେଇ ଶୁକୁରା ଗଜଙ୍କ ପୁଅ ବିଶ୍ୱନାଥ ଗଜ ଏବଂ ଉକ୍ତ ଗ୍ରାମର ମଙ୍ଗୁଳିଆ ମୁଦୁଲିଙ୍କ ପୁଅ ବାବୁଲିଙ୍କ ମଧ୍ୟରେ ଏକ ଦୋକାନ ସାମ୍ନାରେ ଗଣ୍ଡଗୋଳ ହୋଇଥିଲା। ବାବୁଲି ଉକ୍ଷିପ୍ତ ହୋଇ ଏକ ଧାରୁଆ କତା ସାହାଯ୍ୟରେ ବିଶ୍ୱନାଥଙ୍କ ବେକକୁ ହାଣିଦେବାରୁ ଗୁରୁତର ଅବସ୍ଥାରେ ପ୍ରଥମେ ଈଶ୍ୱରପୁର ପରେ ବାଲେଶ୍ୱର ଡାକ୍ତରଖାନାରେ ଚିକିତ୍ସାପରେ ସୁସ୍ଥ ହୋଇଥିଲେ। ଉକ୍ତ ଘଟଣାରେ ବିଶ୍ୱନାଥଙ୍କ ବାପା ଶୁକୁରା ଗଜଙ୍କ ଏତଲା ମୂଳେ ହତ୍ୟାଉଦ୍ୟମ ଅପରାଧରେ ବାବୁଲି ଏବଂ ତାଙ୍କ ସ୍ତ୍ରୀ ରଞ୍ଜିତାଙ୍କ ନାମରେ ପୋଲିସ ଚାର୍ଜସିଟ ଦାଖଲ କରିଥିଲା। ଉକ୍ତ ମୋକଦ୍ଦମାରେ ୬ଜଣ ସାକ୍ଷୀ ଏବଂ ଦସ୍ତାବେଜ୍ କୁ ଆଧାରକରି ୨୦/୫/୨୫ରିଖ ମାନ୍ୟବର ସହକାରୀ ଦୌରାଜଜ ନୀଳଗିରି ଶ୍ରୀମତୀ ସୁନନ୍ଦା ପଟ୍ଟନାୟକ ମୁଦାଲା ବାବୁଲିକୁ ୧ବର୍ଷ ଜେଲଦଣ୍ଡ ସହ ୧ଶହ ଟଙ୍କା ଜୋରିମାନା ପାଇଁ ରାୟ ଶୁଣାଇଛନ୍ତି। ପ୍ରମାଣ ଅଭାବରୁ ସ୍ତ୍ରୀ ରଞ୍ଜିତାକୁ ଖଲାସ କରିଛନ୍ତି। ଉକ୍ତ ମୋକଦ୍ଦମାକୁ ସରକାରଙ୍କ ତରଫରୁ ଆଡ଼ିସନାଲ ପିପି ଅମରେନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିଲେ।

# ବାଲିଆପାଳରେ ନାହିଁ ଶୀତଳଭଣ୍ଡାର: ଅଭାବୀ ବିକ୍ରିର ଶିକାର ଚାଷୀ

ବାଲିଆପାଳ , ୨୧/୫ (ନି.ପ୍ର): କୃଷି ଓ କୃଷକର ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଅନେକ ଯୋଜନା ହାତକୁ ନେଉଛନ୍ତି ଓ ଉନ୍ନତ ପ୍ରଣାଳୀରେ ଚାଷ କରି ଅଧିକ ଅମଳ କରାଇବା ଲକ୍ଷ୍ୟରେ ବହୁ ପ୍ରଶିକ୍ଷଣ ଦିଆଯିବାର ଯୋଜନା କରାଯାଉଛି । ଚାଷୀ କ୍ଷେତରେ ଉତ୍ପାଦନ କରୁଥିଲେ ମଧ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ପାଉନାହିଁ। ଶୀତଳ ଭଣ୍ଡାର ନ ଥୁବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛି। ଶୀତଭଣ୍ଡାରରେ ରହିଯାଇଛି ସରକାରଙ୍କ ଶୀତଳଭଣ୍ଡାର ପ୍ରକଳ୍ପ। ନଦୀନାଳ ଘେରା ପୁରାତନ ବାଲିଆପାଳ ବ୍ଲକରେ ଧାନ, ପାନ, ମୀନ ସହିତ ବିଭିନ୍ନ ପ୍ରକାର ପନିପରିବା ଚାଷ କରି ବହୁ ଚାଷୀ ଲାଭବାନ ହେଉଛନ୍ତି। ପନିପରିବା ବେପାର ବଣିଜର ମୁଖ୍ୟ ବଜାର



ସିମୁଳିଆ ଉପରେ କେବଳ ବାଲିଆପାଳ ବ୍ଲକ ନୁହେଁ ପଡ଼ୋଶୀ ଜଳେଶ୍ୱର ବ୍ଲକ ଓ ଭୋଗରାଇ ବ୍ଲକ ରେ ଚାଷୀ ମଧ ନିର୍ଭର କରୁଛନ୍ତି। ସେହିପରି ସମୁଦ୍ରରୁ ଶହ ଶହ କ୍ୱିଣ୍ଟାଲ ମାଛ ଧରା ହୋଇ ପ୍ରତିଦିନ ବାଲିଆପାଳ ବ୍ଲକର ଡଗରା ଚୋମୁଖ ମାଛଧରା ଜେଟିକୁ ଆସି ବିଭିନ୍ନ ସ୍ଥାନକୁ ରପ୍ତାନି କରାଯାଏ। ହେଲେ ଆଜି ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ ଭୂମିକା ଗ୍ରହଣ କରିଥିବା ବାଲିଆପାଳ ରେ ଶୀତଳଭଣ୍ଡାର ନିର୍ମାଣ ହୋଇପାରିଲା ନାହିଁ । ଏଥିପ୍ରତି ଉଦ୍ୟାନ କୃଷି ବିଭାଗ କି ବ୍ଲକ ପ୍ରଶାସନ କାହାରି ଆନ୍ତରିକତା ଥିବା ଭଳି ମନହେଉନି ।ବାଲିଆପାଳ ବ୍ଲକର ମଝିପଡ଼ା, ମାନପୁର, ପାଳସାହି ବିଷ୍ଣୁପୁର, ଘାଣ୍ଟୁଆ, ନିଖିରା, ଶ୍ରୀରାମ ପୁର ଏକଡପାଳ, ଅଷ୍ଟି ଅଞ୍ଚଳରୁ ପରିବା ଉତ୍ପାଦିତ ହେଉଛି। ସିମୁଳିଆ ବଜାରରୁ ମଧ୍ୟ ଟ୍ରକ ଟ୍ରକ ପନିପରିବା ପଡ଼ୋଶୀ ଛୋଟ ଛୋଟ ବଜାରକୁ ପଠାଯାଉଛି। ଅଧିକ ଅମଳ କାରଣରୁ ବହୁ ସମୟରେ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଶୀତଳଭଣ୍ଡାର ହେଲେ ବଳକା ସାମଗ୍ରୀ ଗଚ୍ଛିତ ରଖାଯାଇପାରିବ। ଆବଶ୍ୟକ ସମୟରେ ଉଚିତ ମୂଲ୍ୟରେ ବି ବିକ୍ରି ହୋଇପରିବ। ଏହି ବ୍ଲକ ରେ ଘରୋଇ ଭାବେ ମଧ ଗୋଟିଏ ବି ଶୀତଳଭଣ୍ଡାର ନ ଥିବାରୁ ଚାଷୀ ଓ ବେପାରୀମାନେ ବାଧ ହୋଇ ଅତି ଦରକାର ବେଳେ ଅଧିକ ଖର୍ଚ୍ଚାନ୍ତ ହୋଇଛନ୍ତି । ଦୀର୍ଘ ବର୍ଷ ହେଲା ଏହି ଅଞ୍ଚଳର ଚାଷୀମାନେ ଶୀତଳଭଣ୍ଡାର ନିର୍ମାଣ ପାଇଁ ଦାବି କରି ଆସୁଛନ୍ତି। ନେତା, ମନ୍ତ୍ରୀ ପ୍ରତିଶ୍ରୁତି ମଧ ଦେଇ ଆସୁଛନ୍ତି। କିନ୍ତୁ ପ୍ରତିଶ୍ରୁତି ସେମିତି ରହିଯାଉଛି।

# କାଳଶିମିଳିରେ ସାତରୁ ଅଧିକ ଶିଶୁ କାମଳ ରୋଗରେ ଆକ୍ରାନ୍ତ : ଡାକ୍ତରୀ ଟିମ ପଠାଇବା ପାଇଁ ଦାବି

ବାଲିଆପାଳ/ଲଙ୍ଗଳେଶ୍ୱର୨୦/୫( ନିପ୍ର) ବାଲିଆପାଳ ବ୍ଲକ ପଞ୍ଚୁପାଲି ପଞ୍ଚାୟତ କାଳ ଶିମିଳି ଗାଁରେ ଏବେ କାମଳ ରୋଗ (ଜଣ୍ଡିସ ) ବ୍ୟାପିବାରେ ଲାଗିଛି। ଏହି ଗାଁ ର ସାତ ରୁ ଅଧିକ ଶିଶୁ କାମଳ ରୋଗରେ ଆକ୍ରାନ୍ତ ହୋଇ ଥିବା ଜଣାଯାଇଛି। ଆକ୍ରାନ୍ତ ମାନେ ହେଲେ ଅମୂଲ୍ୟ କୁମାର ମଲ୍ଲିକଙ୍କ ଝିଅ ଅନନ୍ୟା,ଚିରଞ୍ଜୀବ ମଲ୍ଲିକଙ୍କ ପୁଅ ସିମ ରାମ,ହରିହର ମଲ୍ଲିକଙ୍କ ପୁଅ ଆୟୁଷ,ଅଜୟ କୁମାର ପଟ୍ଟାୟତଙ୍କ ଝିଅ ଜ୍ୟୋତିସ୍ମିତା, ତାଙ୍କର ଆଉ ଜଣେ ଝିଅ ଜିଜ୍ଞାସା ପଟ୍ଟାୟତ ,ତପନ ମଲ୍ଲିକଙ୍କ ଝିଅ ସନ୍ତୋଷୀ ଓ ପବିତ୍ର କୁମାର ବେହେରାଙ୍କ ଝିଅ ମାନିନୀ। ସମସ୍ତଙ୍କ ବୟସ ୧୦ ବର୍ଷରୁ କମ ରହିଛି। ପରିବାର ଲୋକ ଆକ୍ରାନ୍ତମାନଙ୍କୁ ଲଙ୍ଗଳେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ସଦର ହସ୍ପିଟାଲକୁ ନେଇ ଚିକିତ୍ସା କରାଇ ଥିଲେ ବି



ରୋଗ ଥମୁ ନ ଥିବା ଜଣାଯାଇଛି। ଆଜି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେବଳ ଏନ ଏମ ସେଣ୍ଟର ସେବିକା, ଆଶାକର୍ମୀ, ଅଙ୍ଗନ ୱାର୍ଡ କର୍ମୀ ମାନଙ୍କୁ ଗାଁକୁ ପଠାଯାଇଛି। ଏମାନେ କେବଳ ଲୋକଙ୍କୁ ସଚେତନ କରୁଛନ୍ତି। କାମଳ ଏକ ଜଳ ବାହିତ ରୋଗ ହୋଇ ଥିବାରୁ ଲୋକେ ବିଶୁଦ୍ଧ ପିଇବା ପାଣି ପିଇବା ଅତି ଜରୁରୀ। ଆକ୍ରାନ୍ତ ପରିବାର ମାନେ ସରପଞ୍ଚ ଦିଲ୍ଲୀପ କୁମାର ଗିରିଙ୍କୁ ମଧ ଜଣାଇଛନ୍ତି। ତେବେ ଏକ ଡାକ୍ତରୀ ଦଳ ପୀଡ଼ିତ ଗାଁ କୁ ପ୍ରଶାସନ ପଠାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ରୋଗ ନିୟନ୍ତ୍ରଣରେ ରହିଛି ବୋଲି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାର ପ୍ରାପ୍ତ ଡାକ୍ତର ପ୍ରୀତମ କୁମାର ସାହୁ କହିଛନ୍ତି।

## ଟଙ୍କା ଠକେଇ ମାମଲାରେ ଯୁବକ ଗିରଫ

ଜୟପୁର, ୨୦/୫ (ନି.ପ୍ର): ତେନ୍ତୁଳି ପ୍ୟାକିଙ୍ଗ ମ୍ୟାସିନ ଦେବା ବାବଦରେ ଟଙ୍କା ହଡପ କରିଥିବା ଅଭିଯୋଗରେ ଜୟପୁର ସଦର ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ କୋରାପୁଟ ବନଭାରତୀ କଲୋନୀର ଜି. ସନ୍ତୋଷ କୁମାର। ମିଳିଥିବା ସୂଚନା ଅନୁଯାୟୀ, ଗତ ୨୦୨୨ ମସିହାରେ ଗଡପଦର ଅଂଚଳର ରଶ୍ମିତା ଷଡଙ୍ଗୀ ମା ବଗଳାମୁଖୀ ଟାମାରିଣ୍ଡ ପ୍ରୋସେସିଙ୍ଗ ୟୁନିଟ ନାମରେ ଏକ କମ୍ପାନୀ ଖୋଲିଥିଲେ। ସେ ଡିଆଇସିରେ ଲୋନ କରିବା ପରେ ତାଙ୍କର ୫ ଲକ୍ଷ ଦୁଇ ଶହ ଟଙ୍କା ୟୁନିଅନ ବ୍ୟାଙ୍କ ତରଫରୁ ସାଙ୍କସନ ହୋଇ ସିଧାସଳଖ ମ୍ୟାସିନ ବିକ୍ରେତା ଜି. ସନ୍ତୋଷଙ୍କ ଏକାଉଂଟକୁ ଟଙ୍କା ଟ୍ରାନ୍ସଫର ହୋଇଥିଲା। ରଶ୍ମିତା ବାରମ୍ବାର ମ୍ୟାସିନ ମାଗିବାରେ ସନ୍ତୋଷ ଅର୍ଡର ଦିଆହୋଇଛି ଆସିନାହିଁ ଏହିପରି ଭୁଆଁ ବୁଲାଉଥିଲେ। ଶେଷରେ ସେ ଫୋନ ମଧ ଉଠାଇ ନଥିଲେ।

## ବିବାହ...

(ପୃଷ୍ଠା ୩ର ଅବଶିଷ୍ଟାଂଶ)

ବାପାମାଆ ଖାଇ ନାହାନ୍ତି ମାନେ ଆମେ ଖାଇବା ନାହିଁ ଏ ଭାବନା ପ୍ରାୟତଃ ବିବାହ ପରେ ଜଣେ ପୁଅ କିମ୍ବା ଝିଅ ମନରେ ଜାଗ୍ରତ ହୁଏ । କୌଣସି କଥାରେ ବାପାମାଆ ରାଗି ଗଲେ ଏଥର ପୁଅ ସେମାନଙ୍କୁ ବୁଝାଏ । ବହୂ ତ ସୁନ୍ଦର ଭାବରେ କହେ, ମୁଁ ଯଦି ଆପଣଙ୍କ ଝିଅ ହୋଇଥାନ୍ତି ତା'ହେଲେ କ'ଣ ଏମିତି ରାଗିଥାନ୍ତେ ? ଏଠାରୁ ପୁଅଝିଅଙ୍କ ପରିପକ୍ୱତା ସ୍ପଷ୍ଟ ହୁଏ । ବାପାମାଆ ବି ଭାବି ନିଅନ୍ତି ଯେ ଏ ମୋ ବହୁ ନୁହେଁ ଝିଅ କିମ୍ବା ଜ୍ୱାଇଁ ନୁହଁ ପୁଅ । ବଧୂ ଟିଏ ଏକଥାକୁ ସର୍ବଦା ଧ୍ୟାନରେ ରଖିବା ଜରୁରି ଯେ ଯେଉଁମାନେ ଏତେ ଆଶା ଓ ବିଶ୍ୱାସ ରଖି ମୋତେ ଏଠିକି ଆଣିଛନ୍ତି ସେମାନଙ୍କୁ ମୁଁ କେବେ କଷ୍ଟ ଦେବି ନାହିଁ ଓ ବର ମଧ୍ୟ ଯାହାକୁ ମୁଁ ପରଘରୁ ନିଜ ଘରକୁ ଆଣିଛି ତା ପ୍ରତି କୌଣସି ଅବିଚାର କରିବି ନାହିଁ ବୋଲି ସଂକଳ୍ପ କଲେ ପ୍ରତି ଘରେ ଶାନ୍ତି ବିରାଜମାନ କରିବା ସହ ବୈବାହିକ ଜୀବନ ସୁନିଶ୍ଚିତ ଅର୍ଥପୂର୍ଣ୍ଣ ହେବ ।

+ ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଏଣିକି କ୍ୟାବିନେଟ୍ ବୈଠକରେ...

ମୁଖ୍ୟମନ୍ତ୍ରୀଙ୍କ ବିନା ଅନୁମତିରେ କୌଣସି ବି ପ୍ରସ୍ତାବ କ୍ୟାବିନେଟକୁ ଆସି ପାରିବ ନାହିଁ । ବଡ଼କଥା ହେଉଛି ଏଣିକି କ୍ୟାବିନେଟ୍ ବୈଠକରେ ଆଉ ସଚିବ ନୁହନ୍ତି, ପ୍ରସ୍ତାବ ଉପସ୍ଥାପନ କରିବେ ଖୋଦ୍ ମନ୍ତ୍ରୀ । କ୍ୟାବିନେଟ୍ ଏଜେଣ୍ଡାରେ ଥିବା ପ୍ରସ୍ତାବ, ସଂପର୍କିତ ବିଭାଗୀୟ ସଚିବମାନେ କ୍ୟାବିନେଟ ରୁମ୍‌ରେ ନ ବସି ପାଖ ରୁମରେ ବସିବେ । ଆବଶ୍ୟକ ସ୍ଥଳେ ବିଭାଗୀୟ ସଚିବମାନେ କ୍ୟାବିନେଟ ବୈଠକ ରୁମ୍‌କୁ ଯାଇପାରିବେ। ପ୍ରସ୍ତାବଗୁଡ଼ିକ ଉପରେ ମୋହର ବାଜିବା ପରେ ତାକୁ ତୁରନ୍ତ କାର୍ଯ୍ୟକାରୀ କରାଇବା ମନ୍ତ୍ରୀମାନଙ୍କ ଦାୟିତ୍ୱ ବୋଲି କୁହାଯାଇଛି । ତେବେ କାହିଁକି ହଠାତ୍ ଏଭଳି କ୍ୟାବିନେଟର ଢାଞ୍ଚାଗତ ପରିବର୍ତ୍ତନ ହେଲା ? ତାକୁ ଲାଗି ରହିଛି ଚର୍ଚ୍ଚା । ପୂର୍ବ ବିଜେଡି ସରକାରରେ ସଚିବଙ୍କୁ ଦିଆଯାଇ ଥିଲା ଅଖଣ୍ଡ କ୍ଷମତା । କ୍ୟାବିନେଟ୍ ବୈଠକ ଏଜେଣ୍ଡା ଏବଂ ପ୍ରସ୍ତାବ ବିଷୟରେ ଜାଣିପାରୁ ନଥିଲେ ମନ୍ତ୍ରୀ । ମନ୍ତ୍ରୀ କହୁଥିଲେ କ୍ୟାବିନେଟରେ ପାରିତ ପ୍ରସ୍ତାବ ବିଷୟରେ ସଚିବଙ୍କୁ ପଚାର । ତେବେ ଢାଞ୍ଚା ପରିବର୍ତ୍ତନ କ୍ୟାବିନେଟ୍ ବ୍ୟବସ୍ଥାର ପୁନଃ ସ୍ଥାପନ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ। ଏହା ସହ କହିଛନ୍ତି ଆଗରୁ କ୍ୟାବିନେଟରେ ବ୍ୟବସ୍ଥାର ଉଲ୍ଲଂଘନ ହେଉଥିଲା। ପୂର୍ବ ସରକାରରେ ରାଜନୈତିକ ନେତୃତ୍ୱର ଭୂମିକାକୁ ଗୌଣ କରାଯାଇଥିଲା। ଯାହାର ଜବାବ ରଖି ବିଜେଡି କହିଛି ଏହା କେବଳ ସରକାରଙ୍କ ମାର୍କେଟିଂ । ଗତ ୮ ତାରିଖର ଏହି ନିର୍ଦ୍ଦେଶନାମା ଜାରି ହୋଇଥିବା ବେଳେ ୧୪ରେ ବସିଥିବା କ୍ୟାବିନେଟ୍ ନୂଆ ଢାଞ୍ଚାରେ ହୋଇଛି । ଯେଉଁଠି ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟଙ୍କ ସହ ଉପସ୍ଥିତ ଥିଲେ କେବଳ ମୁଖ୍ୟ ଶାସନ ସଚିବ ।

### ତାତିରୁ ମିଳିବ...

ତେବେ ମୌସୁମୀ କେରଳ ଛୁଇଁବାର ୧୦ ଦିନ ଭିତରେ ଓଡ଼ିଶା ଛୁଇଁଥାଏ । ଯଦି ଆଗୁଆ କେରଳ ଛୁଇଁବ ତେବେ ଓଡ଼ିଶାରେ ବି ଆଗୁଆ ମୌସୁମୀ ବର୍ଷା ହୋଇପାରେ ବୋଲି ଅନୁମାନ କରାଯାଉଛି । ମୌସୁମୀ କେବେ ଓଡ଼ିଶା ଛୁଇଁବ ସେନେଇ ପାଣିପାଗ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ । ସୂଚନାଯୋଗ୍ୟ, ମେ' ୧୩ ତାରିଖରେ ଆଣ୍ଡାମାନ ଛୁଇଁଥିଲା ମୌସୁମୀ ବାୟୁ। ଦୁଇ ସପ୍ତାହ ପରେ ମୌସୁମୀ ମେ' ୨୭ରେ କେରଳ ଛୁଇଁବ ବୋଲି ପୂର୍ବାନୁମାନ କରିଥିଲା ଭାରତୀୟ ପାଣିପାଗ ବିଭାଗ ।

### ୟୁସୁଫଙ୍କ ସ୍ଥାନରେ ଅଭିଷେକ...

ସାଂସଦ ସଞ୍ଜୟ ଝା'ଙ୍କ ନେତୃତ୍ୱାଧୀନ ଟିମ୍‌ରେ ରହିବେ ଅଭିଷେକ ବାନାର୍ଜୀ । ଗତକାଲି(ସୋମବାର) ୟୁସୁଫ୍‌ଙ୍କ ଚୟନକୁ ନେଇ ପ୍ରଶ୍ନ ଉଠାଇଥିଲା ଟିଏମ୍‌ସି । ବିଦେଶ ଗସ୍ତରେ ଯିବେ ନାହିଁ ବୋଲି ୟୁସୁଫ ମନା କରିଥିବା ସୂଚନା ମିଳିଥିଲା । ଆତଙ୍କବାଦ ବିରୋଧରେ ଜିରୋ ଟଲେରାନ୍ସ ନୀତିର ବାର୍ତ୍ତା ନେଇ ସହଯୋଗୀ ରାଷ୍ଟ୍ର ଗସ୍ତ କରିବା ଉଦ୍ଦେଶ୍ୟରେ ଗଠନ ହୋଇଛି ସର୍ବଦଳୀୟ ଟିମ୍ । ଏଥିରେ ବିଭିନ୍ନ ଦଳର ନେତୃତ୍ୱ ସାମିଲ ଥିବାବେଳେ ତୃଣମୂଳ କଂଗ୍ରେସ ପକ୍ଷରୁ କିଏ ଯିବ ସେନେଇ ଦ୍ୱନ୍ଦ୍ୱ ଲାଗି ରହିଥିଲା । ୟୁସୁଫଙ୍କ ସ୍ଥାନରେ ଅଭିଷେକ ବାନାର୍ଜୀ ସର୍ବଦଳୀୟ ଟିମରେ ସାମିଲ ହେବେ ବୋଲି ଜଣାପଡ଼ିଛି ।

### ୱାକଫ୍ ସଂଶୋଧନ ଆଇନକୁ ...

ଦ୍ୱିତୀୟ ପ୍ରସଙ୍ଗଟି କେନ୍ଦ୍ରୀୟ ଏବଂ ରାଜ୍ୟ ୱାକଫ୍ ବୋର୍ଡ ଗଠନ ସହିତ ଜଡିତ, ଯେଉଁଥିରେ ଅଣ-ମୁସଲମାନମାନଙ୍କୁ ସାମିଲ କରାଯିବାକୁ ବିରୋଧ କରାଯାଉଛି । ତୃତୀୟ ପ୍ରସଙ୍ଗଟି ୱାକଫ୍ ଆଇନର ବ୍ୟବସ୍ଥା ସହିତ ଜଡିତ, ଯାହା ଅନୁଯାୟୀ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ତଦନ୍ତ ଏବଂ ଅନୁମୋଦନ ପରେ ହିଁ କୌଣସି ସମ୍ପତ୍ତିକୁ ୱାକଫ ସମ୍ପତ୍ତି ଭାବରେ ଘୋଷିତ କରାଯିବ । ଭାରତର ମୁଖ୍ୟ ବିଚାରପତି ବି-ଆର ଗୱାଇ କହିଛନ୍ତି ଯେ, ସଂସଦ ଦ୍ୱାରା ପାରିତ ଆଇନରେ ସାମ୍ବିଧାନିକ ବୈଧତାର ଅନୁମାନ ରହିଛି ଏବଂ ଯଦି ସ୍ପଷ୍ଟ ଆଇନଗତ ଉଲ୍ଲଙ୍ଘନ ନ ହୁଏ, ତେବେ କୋର୍ଟ ହସ୍ତକ୍ଷେପ କରିପାରିବେ ନାହିଁ । ଏହି ମନ୍ତବ୍ୟ ମୁଖ୍ୟ ବିଚାରପତି ୱାକଫ୍ ସଂଶୋଧନ ଆଇନ, ୨୦୨୫କୁ ଚ୍ୟାଲେଞ୍ଜ କରୁଥିବା ଆବେଦନଗୁଡ଼ିକର ଶୁଣାଣି ସମୟରେ ଦେଇଛନ୍ତି । ମୁଖ୍ୟ ବିଚାରପତି ଗୱାଇ ଓ ବିଚାରପତି ଏ.ଜି. ମସିହାଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି । ଗତ ମାସରେ ଆଇନରେ ପରିଣତ ହୋଇଥିବା ୱାକଫ୍ ସଂଶୋଧନ ଆଇନକୁ ଚ୍ୟାଲେଞ୍ଜ କରି ଅନେକ ପିଟିସନର ଶୁଣାଣି କରି ଜଷ୍ଟିସ ଗୱାଇ ଏବଂ ଜଷ୍ଟିସ ଏଜି ମସିହାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଭଳି କହିଛନ୍ତି । ଖଣ୍ଡପୀଠ ତିନିଟି ସମସ୍ୟା ଚିହ୍ନଟ କରିଛନ୍ତି । ୱାକଫ୍ କାଉନସିଲ ଏବଂ ୱାକଫ ବୋର୍ଡରେ ଅଣମୁସଲମାନ ମାନଙ୍କୁ ସାମିଲ କରିବା । ୱାକଫ ଅଧିନରେ ଥିବା ୱାକଫ ସରକାରୀ ଜମିର ଚିହ୍ନଟକରଣ ଉପରେ ଗୁରୁତ୍ୱ ଦେଇଛନ୍ତି । ତେବେ ସରକାରଙ୍କ ତରଫରୁ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦିଆଯାଉଥିବା କୁହାଯାଇଛି ।

### ରାଜ୍ୟରେ ଦୁର୍ନୀତି ମାମଲାରେ ...

ଭିଜିଲାନ୍ସ ଥାନାରେ କେସ୍ ନଂ ୧୬ ଅନ୍ତର୍ଗତ ଦାୟର କରାଯାଇଥିଲା ଓ ଦୁର୍ନୀତି ନିବାରଣ (ସଂଶୋଧନ) ଅଧିନିୟମ, ୨୦୧୮ ର ଧାରା ୭ ଅନୁଯାୟୀ ଅଭିଯୋଗପତ୍ର ଦାଖଲ କରାଯାଇଥିଲା। ସେ ଜଣେ ଅଭିଯୋଗକାରୀଙ୍କଠାରୁ ୧୦ହଜାର ଟଙ୍କା ଲାଂଚ ମାଗିବା ଓ ନେବା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏହି ଲାଂଚ ଟଙ୍କା କିଛି ଚାଷୀଙ୍କ ରେକର୍ଡ ହୋଇଥିବା ଜମିରେ ଥିବା ଅପବର୍ଜିତ ଗଛକୁ କାଟିବା ଓ କଟା ଗଛକୁ କାଠ ମିଲ୍ ପର୍ଯ୍ୟନ୍ତ ନେଇଯିବା ପାଇଁ ଅନୁମତି ଦେବା ବଦଳରେ ମାଗିଥିଲେ। ଓଡିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ଓ ଦୃଢ ସାକ୍ଷ୍ୟାଙ୍କ ଆଧାରରେ କୋର୍ଟ ଶ୍ରୀ ଭୂୟାଁଙ୍କୁ ତିନି ବର୍ଷର ସଶ୍ରମ କାରାଦଣ୍ଡ ଓ ୧୦,୦୦୦ଟଙ୍କା ଜରିମାନା ଦଣ୍ଡ ଦେଇଛନ୍ତି।

**AFFIDAVIT**

By virtue of an affidavit sworn before the Executive Magistrate on dt. 16/05/2025 I, SANJAY KUMAR KABAT, aged 45 years, S/o- Upendra Kabat permanent resident of Vill./ P.O.- Jamuna, P.S. - Berhampur, Dist- Balasore, Odisha-756058 declare that I have changed my son's name from SOUMYARANJAN KABAT to SATYAPRAKASH KABAT. Hence forth, he will be known as SATYAPRAKASH KABAT for all purposes.
SANJAY KUMAR KABAT




## ଆସନ୍ତା ଜୁଲାଇ ୯ରେ ସର୍ବଭାରତୀୟ ଧର୍ମଘଟକୁ ସଫଳ ପାଇଁ ସାଧାରଣ ସଭା

ବାଲେଶ୍ୱର, ୨୧/୫ (ନି.ପ୍ର):ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଜାତୀୟ ଫେଡେରେସନ୍‌ମାନଙ୍କ ମିଳିତ ମଞ୍ଚ ଟିୟୁଏସିସି ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ସମ୍ମୁଖରେ ଆସନ୍ତା ଜୁଲାଇ ୯ ତାରିଖ ଦିନ ସର୍ବଭାରତୀୟ ଧର୍ମଘଟକୁ ବାଲେଶ୍ୱର ଜିଲ୍ଲାରେ ସଫଳ କରିବା ପାଇଁ ଏକ ସାଧାରଣ ସଭାରେ ଆହ୍ୱାନ ଦିଆଯାଇଛି। ଟିୟୁଏସିସିର ଅଧ୍ୟକ୍ଷ ତଥା ପ୍ରାକ୍ତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏଆଇଟିୟୁସିର ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ, ସିଆଇଟିୟୁର ଜିଲ୍ଲା ଆବାହକ ବିଜୟ ପାତ୍ର, ଏଆଇୟୁଟିୟୁସି ନେତା ଉମାକାନ୍ତ ଦାସ, କୃଷକ ଏକତା ମଞ୍ଚର ଆବାହକ ଅରୁଣ ଜେନା, ପ୍ରତିରକ୍ଷା କର୍ମଚାରୀ ନେତା ହରେକୃଷ୍ଣ ଚାନ୍ଦ, ବିର୍ଲା ଟାୟାର୍ସ ଶ୍ରମିକ ନେତା କ୍ଷୀରୋଦ ବାରିକ, ଜୀବନ ବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା, ଡାକ କର୍ମଚାରୀ ନେତା ନିରଞ୍ଜନ ରାଉତ, ନାରୀନେତ୍ରୀ ବନ୍ଦନା ପାତ୍ର, ଟିୟୁସିସି ସଂପାଦକ ଲକ୍ଷ୍ମୀଧର ଗିରି ଓ ଟିୟୁଏସିସିର ଉପାଧ୍ୟକ୍ଷ ଶାନ୍ତନୁ ଦାସ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଆଗାମୀ ସର୍ବଭାରତୀୟ ଧର୍ମଘଟ ପାଇଁ ୧୭ ଦଫା ଦାବି ଉପରେ ବିଶଦ ଆଲୋକପାତ କରିଥିଲେ। ମାଲିକ ସପକ୍ଷବାଦୀ ୪ଟି ଶ୍ରମକୋର୍ଡ଼ ବାତିଲ କରିବା, ସ୍କିମ୍ ୱାର୍କର୍ସମାନଙ୍କୁ ସରକାରୀ ମାନ୍ୟତା, ସରକାରୀ ସଂସ୍ଥାର ଘରୋଇକରଣ ବନ୍ଦ କରିବା, ମାସିକ ପେନସନ୍ ୯ ହଜାର ଟଙ୍କା ଓ ମହଙ୍ଗା ଭତ୍ତା, ଦରଦାମ୍ ବୃଦ୍ଧି ବନ୍ଦ କରିବା, କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟ, ସଂବିଧାନ ପ୍ରଦତ୍ତ ଦେଶର ନାଗରିକଙ୍କୁ ସମାନତାର ଅଧିକାର ଦେବା ପ୍ରଭୃତି ଦାବି ସହ ବାଲେଶ୍ୱରର ବିର୍ଲା ଟାୟାର୍ସ ଶ୍ରମିକମାନଙ୍କୁ ଆଇନଗତ ପ୍ରାପ୍ୟ ଓ ପୁନଃନିଯୁକ୍ତି ଏବଂ ବାଲେଶ୍ୱର ଜିଲ୍ଲାର ବନ୍ଦ ହୋଇଥିବା ସମସ୍ତ କଳକାରଖାନାକୁ ଚାଲୁ କରିବା ଦାବି କରାଯାଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ମିଳିତ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିବା ସଂପର୍କରେ ଟିୟୁଏସିସିର ସାଧାରଣ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ ସଭାରେ ଅବଗତ କରାଇ ପ୍ରାରମ୍ଭିକ ସୂଚନା ଦେଇଥିଲେ।

## ବରୁଣଗଡ଼ିଆ ପଂଚାୟତରେ ପଂଚାୟତ ଅର୍ଥକୁ ହେରଫେର ଘଟଣାରେ ଜବାବ ତଲଫ କଲେ ପଂଚାୟତ ରାଜ ଏବଂ ପାନୀୟ ଜଳ ବିଭାଗ

ବସ୍ତା, ୨୦/୫ (ନି.ପ୍ର): ବସ୍ତା ବ୍ଲକ ବରୁଣଗଡ଼ିଆ ପଂଚାୟତ ରେ ପଂଚାୟତ ଅର୍ଥକୁ ହେରଫେର ଘଟଣା ରେ ଜବାବ ତଲଫ କଲେ ଓଡିଶା ସରକାରଙ୍କ ପଂଚାୟତ ରାଜ ଏବଂ ପାନୀୟ ଜଳ ବିଭାଗ। ସୂଚନା ଅନୁସାରେ ଗତ ୨୦୨୩-୨୪ ଆର୍ଥିକ ବର୍ଷ ରେ ବରୁଣଗଡ଼ିଆ ପଂଚାୟତର ପିଇଓ ରମେଶ ଟୁଡୁ ପଂଚାୟତ ର ଅର୍ଥ ୫୦୦୦୦ ଟଙ୍କା। ହେରଫେର କରିଥିବା ଅଡିଟ ସମୟରେ ଜଣାପଡିବା ପରେ ଅଡିଟର ପିଇଓଙ୍କୁ ସମସ୍ତ ଦସ୍ତାବିଜ ମାଗିଥିଲେ। ହେଲେ ପିଇଓ କୌଣସି ଦସ୍ତାବିଜ ଦେଖାଇନପରିବାରୁ ଅଡିଟର ମାନେ ଖୁବ୍ଧ ହୋଇ ବିଭାଗୀୟ ଅଧିକାରୀ ଙ୍କୁ ଘଟଣା ସମ୍ପର୍କ ରେ ଅବଗତ କରାଇଥିଲେ। ତେବେ ଓଡିଶା ସରକାରଙ୍କ ପଂଚାୟତ ରାଜ ଏବଂ ପାନୀୟ ଜଳ ବିଭାଗ ପକ୍ଷରୁ ଗତ ଏପ୍ରିଲ ମାସ ୧୬ ତାରିଖ ରେ ଚିଠି ନମ୍ବର ୧୦୪୩୨୩ ୧୦୧୧୭ ମୂଳେ ମାନ୍ୟବର ଏଫ ଏ କାମ ଅଡିଶନାଲ ସେକ୍ରେଟାରୀ ଶ୍ରୀମତୀ ରଂଜିତା ବେହେରା ବସ୍ତା ବିଡ଼ିଓଙ୍କୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ମୂଳେ ବସ୍ତା ବିଡ଼ିଓ ମିହିର ରଞ୍ଜନ ବେହେରା ବରୁଣଗଡ଼ିଆ ପଂଚାୟତର ପିଇଓ ରମେଶ ଟୁଡୁଙ୍କ ଦରମା ବନ୍ଦ କରିବା ସହିତ ତାଙ୍କ ଠାରୁ ପଂଚାୟତର ସମସ୍ତ ଆର୍ଥିକ କ୍ଷମତା କାଢି ନେଇ ଅନ୍ୟ ଜଣେ ପିଇଓ ଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିବା ଜଣାପଡିଛି.ଏବଂ ସରକାରୀ ନିର୍ଦ୍ଦେଶ ଅନୁସାରେ ଶ୍ରୀ ଟୁଡୁଙ୍କ ଠାରୁ ୫୦୦୦୦ ଟଙ୍କା ମଧ ଆଦାୟ କରାଯିବ ବୋଲି କହିଛନ୍ତି ବିଡ଼ିଓ। ଯଦିଓ ପିଇଓ ମାନେ ଆଠ ମାସ ଧରି ଦରମା ପାଇନାହାନ୍ତି,ଦରମା ପାଇବା ମାତ୍ରେ ତାଙ୍କର ଦରମାରୁ ଅର୍ଥ କାଟି ନିଆଯିବ ଏବଂ ପରବର୍ତୀ ସମୟରେ ସରକାରଙ୍କ ନିର୍ଦ୍ଦେଶ ମୂଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ସେହିପରି ବ୍ଲକ ରେ ଶ୍ରୀ ଟୁଡୁ ଙ୍କୁ ମିଶାଇ ଚାରି ଜଣ ପିଇଓଙ୍କ ଠାରୁ ପଂଚାୟତ ର ଜରୁରୀ କ୍ଷମତା ହସ୍ତାନ୍ତର କରାଯାଇଛି । କିଏ ପାଗଳ ହୋଇ ଘୁରି ବୁଲୁଛି ତ କିଏ ପଂଚାୟତ ରେ ବସି ବସି ଦରମା ନେଉଛନ୍ତି। ତେବେ ଜନସାଧାରଣ ଙ୍କ ଟିକସ ଅର୍ଥ ରେ ଦରମା ନେଉଥିବା ଏହି ଚାରି ଜଣ ପିଇଓଙ୍କୁ ବସ୍ତା ବ୍ଲକ ରୁ ହଟାଇ ତୁରନ୍ତ ନୂତନ ପିଇଓ ଙ୍କ ଦ୍ୱାରା ସରକାରୀ କାର୍ଯ୍ୟ ର ଅଗ୍ରଗତି କରିବାକୁ ସାଧାରଣ ରେ ଦାବି ହେଉଛି।

ବୁଧବାର, ମଇ ୨୧, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଯୁବପିଢ଼ିଙ୍କୁ ମଞ୍ଚ ନାଟକ ପ୍ରତି ଆକର୍ଷିତ କରିବା ପାଇଁ ଅଭିନବ ପ୍ରୟାସ

ବାରିପଦା , ୨୧/୫ (ନି.ପ୍ର): ଆଜିର ଯୁବ ପୀଢ଼ି ରିଲ, ୱେବ ସିରିଜ, ଟି ଭି ଓ ସିନେମାରେ ଅଭିନୟ କରି ଅଳ୍ପ ସମୟ ମଧ୍ୟରେ ଲୋକପ୍ରିୟତା ଓ ଟଙ୍କା ଉପାର୍ଜନ କରିବା ପାଇଁ ବ୍ୟତିବ୍ୟସ୍ତ ଓ ମାତ୍ର ଏହା ସତ୍ୟ ଯେ ଥିଏଟରକୁ ଅଭିନୟର ଏନ୍ତୁଡ଼ିଶାଳ ବୋଲି କୁହାଯାଏ ଓ ବିଗତ କିଛି ମାସ ମଧ୍ୟରେ ବାରିପଦାର ସହିଦ ଭବନରେ ଅନେକ ନାଟକ ମଞ୍ଚସ୍ଥ ହୋଇଯାଇଛି । ତନ୍ମଧ୍ୟରୁ ସମ୍ଭାବନା ସାଂସ୍କୃତିକ ପରିଷଦ ପ୍ରଯୋଜିତ ନାଟକ ପାଞ୍ଚାଳୀ ମଧ ମଞ୍ଚସ୍ଥ ହୋଇଥିଲା । ଏହି ନାଟକରେ ବହୁ ନୂଆ ଅଭିନେତା /ଅଭିନେତ୍ରୀ ଅଭିନୟ କରିଥିଲେ ଓ ସେମାନଙ୍କୁ ଉତ୍ସାହିତ କରିବା ସହ ନାଟକ ସହ ଜଡିତ ସମସ୍ତଙ୍କୁ ସଂସ୍ଥା ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଷ୍ଠିତ ନାଟ୍ୟକାର, ଅଭିନେତା ଓ ନିର୍ଦ୍ଦେଶକ ଡଃ କୁମରମଣି ନାୟକ ଯୁବ ପୀଢ଼ି ନାଟକ ପ୍ରତି ଆକୃଷ୍ଟ ହେଉଥିବାରୁ ସେ ସନ୍ତୁଷ୍ଟି ପ୍ରକାଶ କରିଥିଲେ ଓ ମୁଖ୍ୟ ଅତିଥିଙ୍କ ହାତରେ ନାଟ୍ୟକାର ଇନ୍ଦୁଭୂଷଣ କାନୁନଗୋ, ନିର୍ଦ୍ଦେଶକ ଅଧାପକ ରାଜେଶ ଦାଶଙ୍କ ସମେତ ଆଦିତି ପ୍ରଧାନ, ସ୍ରିଷ୍ଟି ସାନଭି ପାତ୍ର, ରାଜେଶେନି ଜେନା, ଜ୍ୟୋତିର୍ମୟୀ ପଲେଇ, ହିମାଂଶୁ ସାହୁ, ଶୁଭମ ପ୍ରସାଦ, କ୍ରିଷ୍ଣା ମୋହନ ଦାସ, ଚିନ୍ମୟ ସେଜପଡା, ସୁଜୟ ମହାନ୍ତି, ଧର୍ମଜିତ ମହାପାତ୍ର, ଗୁହିରାମ ଜେନା, ରଣଜିତ ସାହୁ, ଜ୍ଞାନ ପଣ୍ଡା, ଗୋକୁଳ ଚନ୍ଦ୍ର ଦାସ, ପ୍ରସନ୍ନ କୁମାର ମହାନ୍ତି ଏବଂ ବିଭିନ୍ନ କ୍ଷେତ୍ରରେ ସହାୟତା ପ୍ରଦାନ କରିଥିବା ଖୁସବୁ ଦାଶ, ଦର୍ଶନା ଭଞ୍ଜଦେଓ, ଦୀପଶିଖା ବିନ୍ଧାଣି, ଦେବାନନ୍ଦ ପାତ୍ର ଓ ସୋମନାଥ ସିଂହ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



## କାର ଟ୍ରକ ମୁହାଁ ମୁହିଁ ଧକ୍କା: ଜଣେ ଗୁରୁତର



ବସ୍ତା , ୨୧/୫ (ନି.ପ୍ର): ବସ୍ତା ଥାନା କୁଡ଼ିଆ ବାୟ ପାସ ନିକଟରେ କାର କୁ ଧକ୍କା ଦେଲା ଟ୍ରକ, ଜଣେ ଗୁରୁତର, ଜଣେ ଆହତ। ସୂଚନା ଅନୁସାରେ ଆଜି ଅପରାହ୍ନ ୫ ଟା ସମୟରେ ୬୦ ନମ୍ବର ଜାତୀୟ ରାଜପଥ ର କୁଡ଼ିଆ ବାୟ ପାସ୍ ନିକଟରେ ବସ୍ତାରୁ ବାଲେଶ୍ୱର ଅଭିମୁଖେ ଯିବାକୁ ଥିବା ଓଡି୦୧ଟ୫୦୬୦ କାର କୁଡ଼ିଆ ଠାରେ ଭୁଲ ରାସ୍ତା ରେ ରାଜପଥ ଉପରକୁ ଉଠିଯାଇଥିଲା। ଠିକ ସେହି ସମୟ ରେ ବାଲେଶ୍ୱର ଆଡୁ ଓଡି ୩୪ ଏମସି ୬୧୦ ଟ୍ରକ ସହିତ ସାମ୍ନା ସାମନି ଧକ୍କା ହୋଇଥିଲା। ଘଟଣା ସ୍ଥଳ ରେ କାର ଡ୍ରାଇଭର ଗୁରୁତର ହୋଇ ପଡ଼ିଥିବା ବେଳେ, ସ୍ଥାନୀୟ ଲୋକେ ପହଂଚି ଏକ ଘରୋଇ ଆମ୍ବୁଲାନ୍ସ ରେ ବାଲେଶ୍ୱର ମେଡିକାଲକୁ ପଠାଇଥିବା ଜଣାପଡିଛି। ତେବେ ଆହତ ଓ ଗୁରୁତରଙ୍କର କୌଣସି ପରିଚୟ ମିଳିପାରି ନଥିବା ବେଳେ, ବସ୍ତା ପୋଲିସ ପହଂଚି କାର ଓ ଟ୍ରକ କୁ ଜବତ କରି ତଦନ୍ତ ଜାରି ରଖିଛି।

## ଖଇରା ବିକାଶ ମଂଚର ବୈଠକ: ଡାକ୍ତର ଅଭାବ ଓ ତାଳ ଚାରା ରୋପଣ ନେଇ ଆଲୋଚନା



ଖଇରା, ୨୧/୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୋଚିଆକୋଇଲିସ୍ଥିତ ପଞ୍ଚାୟତ କଲ୍ୟାଣ ମଣ୍ଡପ ରେ ଖଇରା ବିକାଶ ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ସ୍ଥାୟୀ ସଭାପତି ସୁରେନ୍ଦ୍ର ପ୍ରସାଦ ଦାସ ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ କମଳାକାନ୍ତ ନାୟକଙ୍କ ପୂର୍ବ ବିବରଣୀ ପାଠ ପରେ ଖଇରା ଡାକ୍ତରଖାନାରେ ଡାକ୍ତର ଅଭାବ ନେଇ ଉଦବେଗ ପ୍ରକାଶ କରାଯିବା ସହ ସମସ୍ତ ପଦବୀ ପୁରଣ ପାଇଁ ଉଚ୍ଚକର୍ତ୍ତୃପକ୍ଷଙ୍କ ନିକଟରେ ଦାବୀ କରାଯାଇଥିଲା । ଏଥିସହ ବଜ୍ରପାତ ମୁକାବିଲା ପାଇଁ ପରିଷଦ ତରଫରୁ ବନ ବିଭାଗ ସହଯୋଗରେ ତାଳ ତଥା ଅନ୍ୟାନ୍ୟ ଚାରା ରୋପଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏତଦଭିନ୍ନ ପରିଷଦର ପଞ୍ଜିକରଣ,ବାଇ ଲ, କାର୍ଯ୍ୟାଳୟ ଗୃହ, ଲୋଗୋ, ସଭ୍ୟ ସଂଖ୍ୟା ବୃଦ୍ଧି ଉପରେ ମଧ୍ୟରେ ସଦସ୍ୟଙ୍କ ପରାମର୍ଶ ନିଆଯାଇଥିଲା । ଏଥିସହିତ ଖଇରା ବ୍ଲକ, ତହସିଲ, ଉପନିବନ୍ଧକ ତଥା ଥାନା ର ଅଧିକାରୀ ମାନଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା ପାଇଁ ଆଲୋଚନା କରାଯାଇଥିଲା । ପରିଷଦର ସଦସ୍ୟ ମନମୋହନ ବେହେରା, ଜନ୍ମେଜୟ ଶତପଥି, ମାନସ କୁମାର ମହାପାତ୍ର, ପ୍ରଭାତ କୁମାର ଦାସ, କିଶୋର କୁମାର ରାଉତ, ବସନ୍ତ କୁମାର ଦାସ, ବିଜୟ ମହାପାତ୍ର, ଅଭିରାମ ମହାପାତ୍ର, ସତ୍ୟବ୍ରତ ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ମହିଳାଙ୍କ ବେକରୁ ଝାମ୍ପିନେଲେ ତିନିଭରି ଓଜନର ସୁନାଚେନ

ନୀଳଗିରି , ୨୧/୫ (ନି.ପ୍ର): ନୀଳଗିରି ଏବଂ ଏହାର ଆଖପାଖ ଅଞ୍ଚଳରେ ବୃଦ୍ଧି ପାଇଛି ଦୁର୍ବୃତ୍ତଙ୍କ ପ୍ରାଦୁର୍ଭାବ। ଛିନତାଇ ରାହାଜାନୀ ଭଳି ଘଟଣା ବିଭିନ୍ନ ସମୟରେ ଘଟୁଥିବା ବେଳେ ମଙ୍ଗଳବାର ପୂର୍ବାହ୍ନରେ ନୀଳଗିରି ହାଟଛକ ନିକଟରେ ଗୋପାଳ ଚନ୍ଦ୍ର ପଣ୍ଡାଙ୍କ ସ୍ତ୍ରୀ ଉମାମଣି ଦାସ(୭୦) ଦାଣ୍ଡ ଓଳାଉଥିବା ବେଳେ ଦୁଇଜଣ ଯୁବକ ଗୋଟିଏ ମଟରସାଇକେଲରେ ଆସି ଉମାମଣିଙ୍କ ବେକରୁ ପ୍ରାୟ ୩ଭରି ଓଜନର ସୁନାଚେନ ଝାମ୍ପିନେଇ ସେରଗଡ ଅଭିମୁଖେ ପଳାଇ ଯାଇଥିଲେ। ଏନେଇ ଉମାମଣି ନୀଳଗିରି ଥାନାରେ ଅଭିଯୋଗ କଲାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଜାରି ରଖିଥିବା ବେଳେ ଦୁର୍ବୃତ୍ତଙ୍କ ସନ୍ଧାନ ପାଇପାରିନାହିଁ। ତେବେ ଖୁବଶୀଘ୍ର ଲୁଟେରାଙ୍କ ପଡ଼ା ଲଗାଯାଇ ଗିରଫ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ତେବେ ନୀଳଗିରି ଅଞ୍ଚଳ ଅସୁରକ୍ଷିତ ହୋଇପଡ଼ିଥିବାରୁ ପୋଲିସ ପେଟ୍ରୋଲିଂ କଡାକଡି କରାଯିବାକୁ ଦାବୀ କରାଯାଇଛି।

## ଭିଜିଲାନ୍ସ କୋର୍ଟରେ ଜଙ୍ଗଲ ବିଭାଗର ପୂର୍ବତନ ଏକାଉଟେଂଟ ଦଣ୍ଡିତ

ବଲାଙ୍ଗିର, ୨୦/୫ (ନି.ପ୍ର): ଗୋଟିଏ ଚାଷୀର ନିଜସ୍ୱ ଚାଷ ଜମିରେ ଥିବା ଗଛକୁ କଟାଇ ଏହାକୁ କରତକଳକୁ ନେବା ପାଇଁ ସରକାରୀ ଅନୁମୋଦନ କରାଇ ଦେବା ବାବଦକୁ ୨୦୧୯ ମସିହାରେ ଜଣେ ଲୋକଙ୍କ ଠାରୁ ୧୦ ହଜାର ଟଙ୍କା ଲାଂଚ ନେଇଥିବା ଅଭିଯୋଗରେ ବଲାଙ୍ଗୀର ଜଙ୍ଗଲ ବିଭାଗର ପୂର୍ବତନ ଏକାଉଟେଂଟ ତଥା ଲିଜ୍ କ୍ଲାର୍କ କାଳିନ୍ଦୀ ଚରଣ ଭୂୟାଁଙ୍କ ନାମରେ ସମ୍ବଲପୁର ଭିଜିଲାନ୍ସ ବିଭାଗ ତରଫରୁ ମୁକଦ୍ଦମା ରୁଜୁ ହୋଇଥିଲା। ଶ୍ରୀ ଭୂୟାଁଙ୍କ ନାମରେ ସମ୍ବଲପୁର ଭିଜିଲାନ୍ସ କେଶ ନମ୍ବର ୧୬, ଦଫା ୭ ପ୍ରିଭେନସନ୍ ଅଫ୍ କରର୍ପସନ ଏକ୍ଟ୦୨୦୧୮ରେ ବଲାଙ୍ଗିର ଭିଜିଲାନ୍ସ କୋର୍ଟରେ କେଶ୍ ଚାଲିଥିଲା । ଓଡ଼ିଶା ଭିଜିଲାନ୍ସ ତରଫରୁ ଚାର୍ଜସିଟ୍ ଦାଖଲ ହେଲା ପରେ ବଲାଙ୍ଗୀର ଭିଜିଲାନ୍ସ କୋର୍ଟରେ ଶୁଣାଣି ଚାଲିଥିଲା ।

## ବିଦ୍ୟୁତ୍ ବିଲ୍ ସଂଗ୍ରହ କରିବାକୁ ଯାଇ ନିଶାସକ୍ତ ଯୁବକଙ୍କ ଆକ୍ରମଣର ଶିକାର ହେଲେ ବିଦ୍ୟୁତ କର୍ମଚାରୀ

ନୀଳଗିରି, ୨୧/୫ (ନି.ପ୍ର): ବରହମପୁର ଷ୍ଟ୍ରକଚର ଅଧୀନ ବାଉଁଶପାଳ ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବିଦ୍ୟୁତ ବିଲ୍ ସଂଗ୍ରହ କରିବାକୁ ଯାଇଥିବା ସମୟରେ ହିତାଧିକାରୀ ନିଶାଗ୍ରସ୍ତ ଅବସ୍ଥାରେ ବିଦ୍ୟୁତ କର୍ମଚାରୀଙ୍କୁ ମାରଣାତ୍ମକ ଆକ୍ରମଣ କରିଛନ୍ତି। ସୂଚନା ମୁତାବକ ଉକ୍ତ ଷ୍ଟ୍ରକଚର ଅଧୀନରେ ବିଲ୍ ସଂଗ୍ରହକାରୀ ଭାବରେ କାର୍ଯ୍ୟରତ ଥିବା ଅନିଲ କୁମାର ବେହେରା ବାଉଁଶପାଳ ଗ୍ରାମକୁ ବିଦ୍ୟୁତ ବିଲ୍ ସଂଗ୍ରହ କରିବାକୁ ଯାଇଥିଲେ। ଅନ୍ୟ ଲୋକର ଘରେ ମିଟର ରିଡିଂ କରୁଥିବା ସମୟରେ ଉକ୍ତ ଗ୍ରାମର ନରେନ୍ଦ୍ର ସେଠୀଙ୍କ ପୁଅ ସଞ୍ଜୟ ସେଠୀ ନିଶାସକ୍ତ ଅବସ୍ଥାରେ ବାଉଁଶବାଡି ସାହାଯ୍ୟରେ ଅନିଲଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ।ଯେଉଁଥିରେ ଅନିଲ କ୍ଷତାକ୍ତ ହୋଇନଥିବା ବେଳେ ତାଙ୍କ ଗାଡିଟି ଭାଙ୍ଗିଯାଇଥିଲା।ଏନେଇ ବରହମପୁର ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।



## ବାଲିଆପାଳ ପୋଲିସର ନିଷ୍କ୍ରିୟତା ଓ ଗୋଚାଲାଣ ରୋକିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି

ବାଲିଆପାଳ , ୨୧/୫ (ନି.ପ୍ର): ବାଲିଆପାଳ ବ୍ଲକ ପୂର୍ତ୍ତବିଭାଗ ଡାକବଙ୍ଗଳା ପରିସରରେ ଜଗତିପୁର ପଞ୍ଚାୟତ ମେଣ୍ଢାପଡା ଗ୍ରାମବାସୀ ଙ୍କ ପକ୍ଷରୁ ବେଆଇନ ଗୋଚାଲାଣ ବନ୍ଦ କରିବା ଏବଂ ବାଲିଆପାଳ ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ସାମ୍ବାଦିକ ସମ୍ମିଳନୀ ମଙ୍ଗଳବାର ପୂର୍ବାହ୍ନ ରେ ଅନୁଷ୍ଠିତ ହୋଇଯାଇଛି।ସୁଚନାରୁ ପ୍ରକାଶ କିଛି ଦିନ ପୂର୍ବରୁ ଜଗତିପୁର ପଞ୍ଚାୟତ ମେଣ୍ଢାପଡା ଗ୍ରାମର କିଛି ସଂଖ୍ୟା ଲଘୁ ସମ୍ପ୍ରଦାୟର ଲୋକ ଏକ ବୁଲା ଷଣ୍ଢର ଜଟକୁ କାଟି ବିକ୍ରି କରିବାପରେ ସେହି ଗ୍ରାମର ଅନ୍ୟ କିଛି ହିନ୍ଦୁ ଲୋକ ଜାଣିପାରି ଏହାକୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ଚାପା ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ ଉଭୟ ଗୋଷ୍ଠୀ ପକ୍ଷରୁ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଘଟଣା କୁ ୮ ଦିନ ବିତିଯାଇଥିଲେ ମଧ ପୋଲିସର ନିଷ୍କ୍ରିୟତା ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।ପୋଲିସ ଜବଦ କରି ରଖିଥିବା ଗାଡ଼ି,ମୋବାଇଲକୁ ଫେରସ୍ତ କରିବା,ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ, ବେଆଇନ ଗୋଚାଲାଣ ରୋକିବା ପ୍ରମୁଖ ଦାବି ନେଇ ସାମ୍ବାଦିକ ସମ୍ମିଳନୀରେ ଜୟଦେବ ଜେନା ,ରାଜେଶ ପାତ୍ର, ହରେକୃଷ୍ଣ ଜେନା, କମଳାକାନ୍ତ ଜେନା, ସ୍ୱସ୍ତିକ ପଣ୍ଡା, ରଞ୍ଜନ କୁମାର ପଡିଆରୀ ଦାବି କରିଛନ୍ତି।



## ରାମକୃଷ୍ଣ ମେଟାରନିଟି ନର୍ସିଂ ହୋମରେ ରକ୍ତଦାନ ଶିବିର



ଜଳେଶ୍ୱର, ୨୧/୫ (ନି.ପ୍ର): ଜଳେଶ୍ୱର ନୂଆବଜାର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ରାମକୃଷ୍ଣ ମେଟାରନିଟି ନର୍ସିଂ ହୋମ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।ରାମକୃଷ୍ଣ ମେଟାରନିଟି ନର୍ସିଂ ହୋମ, ଜିଲ୍ଲା ରକ୍ତଦାତା ସଂଘ ଓ ସମ୍ବାଦ ଆମ ଓଡ଼ିଶା ମିଳିତ ସହଯୋଗରେ ଆୟୋଜିତ ଶିବିରକୁ ଏସଡିପିଓ ମାନସ କୁମାର ଦେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ।ସମ୍ମାନୀତ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଳ କୁମାର ଚକ୍ରବର୍ତ୍ତୀ, ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ନର୍ସିଂ ହୋମର ପରିଚାଳନା ନିର୍ଦ୍ଦେଶକ ସୁଭେନ୍ଦୁ ରାଉତ ଓ ଡାକ୍ତର ଅଞ୍ଜଳୀ ଯାଦବ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।ଶିବିରରୁ ୨୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

## ଡଗରା ସମବାୟ ସମିତିର ଧାନ ମଣ୍ଡି ଉଦ୍‌ଘାଟିତ

ବାଲିଆପାଳ , ୨୧/୫ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଡଗରା ସେବା ସମବାୟ ସମିତିର ଧାନ ମଣ୍ଡି ଆଜି ଶୁଭ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନ ଉତ୍ସବରେ ସେବା ସମବାୟ ସମିତିର ସଭାପତି ରବୀନ୍ଦ୍ର ନାଥ ବିଶ୍ୱାଳ ମଣ୍ଡିକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି କାର ?ୟକ୍ରମରେ ଅର୍ଜୁନ ଚନ୍ଦ୍ର ବାରିକ ,ସରୋଜ ଦାସ,ସଞ୍ଜୟ କୁମାର ପାତ୍ର,ପ୍ରଭାକର ପାତ୍ର,ପ୍ରକାଶ ମହାନ୍ତି, ଅଜିତ ସେଠୀ,ବସନ୍ତ ବାଗ, ମାନସ ପାତ୍ର,ସୁଶାନ୍ତ ଜେନା,କୃଷ୍ଣ ଚନ୍ଦ୍ର ଦାସ,କାଳିପଦ ବେହେରା,ସମବାୟ ସମିତି ସଂପାଦକ ରାମଚନ୍ଦ୍ର କର,ଡଗରା ଆରଆଇ ସୃଷ୍ଟିଧର ପଟ୍ଟାୟତ,ଆରଏମସି ମେମ୍ବର ସଞ୍ଜିତା ଦେ ପ୍ରମୁଖ ଉପସ୍ଥିତ ଥିଲେ ।

## ମହାଆଡମ୍ବରରେ ପାଳିତ ହେଲା ମାଟ୍ରିକ୍ ଏ୧ ଟପ୍ପର ମେଧା ସମ୍ମାନ 'ଉଡାଣ'



ଭୁବନେଶ୍ୱର, ୨୦/୫ (ନି.ପ୍ର): ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଆଇ.ଜି. ପାର୍କ ନିକଟସ୍ଥ ଜୟଦେବ ଭବନର ଗୀତ ଗୋବିନ୍ଦ ସଦନ ଠାରେ ଓଡିଶା ମିରର୍ ଓ ବାସ୍ତବ ଟିଭି ର ମିଳିତ ଆନୁକୁଲ୍ୟ ରେ ରାଜ୍ୟ ର ଶତାଧିକ ମାଟ୍ରିକ 'ଏ୧' ଟପ୍ପର ମାନଙ୍କୁ ନେଇ ମେଧା ସମ୍ମାନ ଉତ୍ସବ ' ଉଡାଣ- ୨୦୨୫' ମହା ସମାରୋହ ରେ ପାଳିତ ହୋଇ ଯାଇଛି ।ସମାଜ ସେବୀ ଅମ୍ବିକା ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର ଯୋଗଦେଇ ଥିବା ବେଳେ ମୂଖ୍ୟ ବକ୍ତା ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଦାଶ ରଥି ଶତପଥୀ,ବିଶିଷ୍ଟ ବକ୍ତା ଶିକ୍ଷାବିତ୍ ତଥା ସମାଜସେବୀ ଶଶଧର ପଣ୍ଡା, ଢେଙ୍କାନାଳ ଜିଲ୍ଲା ପରିଷଦ ପୂର୍ବତନ ଉପାଧକ୍ଷ କୋଦଣ୍ଡଧର ସାହୁ,ଟି.ଏସ୍ ଜି ଗୁରୁକୁଳ ଉପାଧକ୍ଷା ସ୍ମୃତି ସାରିକା, କେନ୍ଦୁ ଝର ଜିଲ୍ଲା ଭାରତୀୟ ଜନତା ପାର୍ଟି ଉପସଭାପତି ଗଣେଶ୍ୱର ମହାନ୍ତ ସମାଜସେବୀ ସୁଶ୍ରୀ ଶୀତଲ ବସ୍ତିଆ ପ୍ରମୁଖ ଯୋଗଦେଇ ମଞ୍ଚାସୀନ ରହି ଏ୧ ହେବା ଜରୁରୀ ନୁହଁ ଏ୧ ସବୁବେଳେ ରହିବା ଦରକାର ବୋଲି ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ ।ସର୍ବ ପ୍ରଥମେ ନିମନ୍ତ୍ରିତ ଅତିଥି ମାନଙ୍କୁ ପାଛୋଟି ନେଇ 'ଉଡାଣ - ୨୦୨୫'ର ସ୍ମୃତି ଚାରଣ ନିମନ୍ତେ ଗୋଟିଏ ଲେଖାଏଁ ବୃକ୍ଷ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରା ଯାଇଥିଲା ।ଡ.ଶ୍ରୀନିବାସ ଘଟୁଆରୀ ଙ୍କ ସଂଯୋଜନା କ୍ରମେ ଓଡିଶା ମିରର୍ ସମ୍ପାଦକ ଦିଲ୍ଲୀପ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାସ୍ତବ ଟିଭି ସମ୍ପାଦକ ଶ୍ରୀମନ୍ତ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ ।ଅତିଥି ମାନଙ୍କ ଦ୍ୱାରା ସୁବିଜ୍ଞ ପଣ୍ଡିତ ନିରାକାର ଦାଶ ଙ୍କ ମନ୍ତ୍ର ଉଚ୍ଚାରଣ ପୂର୍ବକ ଜଗତର ନାଥ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଠାରେ ଧୂପ ଦ୍ୱୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପୂଜାର୍ଚ୍ଚନା କରି ଆନୁଷ୍ଠାନିକ ଭାବେ'ଉଡାଣ-୨୦୨୫' ର ଶୁଭ ଉଦ୍ଘାଟନ ହୋଇଥିଲା ।ବାସ୍ତବ ଟିଭି କଟକ ଜିଲ୍ଲା ପ୍ରତିନିଧି ସଂଜୟ ଶତପଥୀ ଓ ବରଗଡ ଜିଲ୍ଲା ପ୍ରତିନିଧି ନବୀନ କୁମାର ଦାଶ ପ୍ରଭାରୀ ଭାବେ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବରେ ପରିଚାଳନା କରିଥିବା ବେଳେ ଶକ୍ତି ମହାପାତ୍ର, ସୌଭାଗ୍ୟଲକ୍ଷ୍ମୀ ସାହୁ, ସୁଧାଂଶୁ ବାଳା ସାହୁ ସଂଗୀତ ପରିବେଷଣ କରି ଥିଲେ ।ଓଡ଼ିଶା ର ବିଭିନ୍ନ ଜିଲ୍ଲା ତଥା ରାଜ୍ୟ ର କୋଣ ଅନୁକୋଣରୁ ଶତାଧିକ 'ଏ୧' ଛାତ୍ରଛାତ୍ରୀ ଯୋଗଦେଇ ମାନପତ୍ର, ମେଡାଲ,ବୃକ୍ଷ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ ହୋଇଥିବା ବେଳେ ମେଧା ଉତ୍ସବ ରେ ଅଭିଭାବକ/ ଅଭିଭାବିକା ମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।




SAI SADHANA

ନାମ ଲେଖା ଚାଲୁଅଛି

ସାଇ ସାଧନା ଶିଶୁ ବିଦ୍ୟାମନ୍ଦିର

୧ମରୁ ୧୦ମ. (ଓଡ଼ିଆ ମାଧ୍ୟମ)

ସାଇ ସାଧନା+୨ ସାଇନ୍ସ ଏବଂ ଆର୍ଟସ (ଉଦଳା)

ସାଇ ସାଧନା + ୩ ସାଇନ୍ସ

Hons : Phy., Chem., Math., Comp. Sc, Bot, Zool

ରେସିଡେନସିଆଲ / ଡେ ବୋର୍ଡ଼ିଂ

ସାଇସାଧନା ସେବାଶ୍ରମ - ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା (+୨ ବିଜ୍ଞାନ ଓ କଳା)

Contact : 9437294587, 9438317887


## ପଲ୍ଲୀ ଗୌରବ ହରମୋହନଙ୍କ ପ୍ରଥମ ବାର୍ଷିକ ସ୍ମୃତି ଦିବସ ପାଳିତ

ଉଦଳା , ୨୧/୫ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ ଡ଼ିହିରାକୁଳ ଗ୍ରାମଠାରେ ଚଳିତ ମଇ ୧୯ ତାରିଖ ସୋମବାର ଦିନ ପଲ୍ଲୀଗୌରବ ହରମୋହନ ପୃଷ୍ଟିଙ୍କର ପ୍ରଥମ ବାର୍ଷିକ ସ୍ମୃତି ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଦିବସ ବ୍ୟାପି ଭଜନ, କିର୍ତନ, ସ୍ମୃତିଚାରଣ ଓ କବିତା ପାଠୋତ୍ସବର ପର୍ବ ଅନୁଷ୍ଠିତ ହୋଇଥିଲା । ହରମୋହନ ଜଣେ ସଂସ୍କୃତି ପ୍ରେମି ମଣିଷ ସହିତ ଏକାଧାରରେ ସାରସ୍ୱତ ସାଧକ, ସମାଜ ସଂସ୍କାରକ ଓ ବାସ୍ତୁଶାସ୍ତ୍ର ବିଶାରଦ ଥିଲେ । ଗ୍ରାମରେ ସେ ନିଜେ ତିଆରି କରିଥିବା ଭାଗବତ ଟୁଙ୍ଗି ଆଜି ସମଗ୍ର ଜିଲ୍ଲାରେ ପ୍ରଥମ ସରକାରୀ ତାଲିକାଭୁକ୍ତ ଭାଗବତ ଟୁଙ୍ଗି ଭାବରେ ପରିଗଣିତ ହେଉଛି । ତେବେ ଆଜିର ଏହି ସ୍ମୃତି ଦିବସ ପାଳନ ମଂଚକୁ ରମେଶ ଚନ୍ଦ୍ର ପୃଷ୍ଟି ପରିଚାଳନା କରିଥିବା ବେଳେ ଲକ୍ଷ୍ମୀଧର ପୁଥାଳ, କିଶୋରଚନ୍ଦ୍ର ଦାସବାବୁ , ପୂର୍ଣ୍ଣଚନ୍ଦ୍ର ସାହୁ, ମନୋରଂଜନ ମଲ୍ଲିକ, ହରେକୃଷ୍ଣ ପୃଷ୍ଟି, ସୁବ୍ରତ କୁମାର ମହାନ୍ତି ପ୍ରମୁଖ ଅଂଶ ଗ୍ରହଣ କରି ତାଙ୍କ ସହିତ ବିତାଇଥିବା ଅନ୍ତରଙ୍ଗ ମୁହୁର୍ତର ଅନୁଭବ ବ୍ୟକ୍ତ କରିଥିଲେ । ଭାଗବତଟୁଙ୍ଗିକୁ ବଂଚାଇରଖିବା ପାଇଁ ସେ ଯେଉଁଭଳି ତ୍ୟାଗ ଓ ନିଷ୍ଠା ଦେଖାଇଛନ୍ତି ତାକୁ ବ୍ୟକ୍ତ କରିବା ପାଇଁ ମୋ ନିକଟରେ ଭାଷା ନାହିଁ ବୋଲି ଉଦଳା ଏନ୍ଏସିର ଅଧକ୍ଷା ପ୍ରମିଳା ପଣ୍ଡା କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗ ଦେଇ କହିଛନ୍ତି ।



❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida